




Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ







Vol. 33 | ISSUE 15 | ଭାଗ ୩୩ | ସଂଖ୍ୟା ୧୫
Bhubaneswar | Sunday 6 April 2025 | Page 8 Rs. 4.00
● ଭୁବନେଶ୍ୱର ରବିବାର ୬ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ମୋଦିଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ

### ଆଧାତ୍ମିକ ଐତିହ୍ୟର ପ୍ରଚାର ପାଇଁ ସ୍ୱୀକୃତି



**କଲମ୍ବୋ,୫।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ଶ୍ରୀଲଙ୍କା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେଠାକାର ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ମିତ୍ର ବିଭୂଷଣ' ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ସମ୍ପର୍କର ଗଭୀରତା ବିଷୟରେ ଆଲୋଚନା କରି କହିଛନ୍ତି ଯେ ଶ୍ରୀଲଙ୍କା କେବଳ ଏକ ପଡ଼ୋଶୀ ଦେଶ ନୁହେଁ, ବରଂ ଭାରତର ବିଶ୍ୱସ୍ତ ବନ୍ଧୁ ମଧ। ସେ କହିଥିଲେ ଯେ ଭାରତ ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିରେ ଶ୍ରୀଲଙ୍କାକୁ ସହଯୋଗ କରିଆସିଛି, ଭବିଷ୍ୟତରେ ମଧ ଏହା ଜାରି ରହିବ। ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଓ ଦୁଇ ଦେଶର ସହଭାଗୀ ସାଂସ୍କୃତିକ ଆଧାତ୍ମିକ ଐତିହ୍ୟର ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ପ୍ରୟାସକୁ ସ୍ୱୀକୃତି ସ୍ୱରୂପ ଶ୍ରୀଲଙ୍କା ସରକାର ତାଙ୍କୁ 'ମିତ୍ର ବିଭୂଷଣ ପଦକ' ପ୍ରଦାନ କରିଛନ୍ତି। ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀ ଦିଶାନାୟକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଦାନ କରିଥିବା ଏହି ପୁରସ୍କାର ଦେଶର ସର୍ବୋଚ୍ଚ ➪ପୃଷ୍ଠା-୬

### ଶାନ୍ତି ପାଇଁ ସ୍ୱତନ୍ତ୍ର ଘୋଷଣା

# ନକ୍ସଲମୁକ୍ତ ଗାଁକୁ ମିଳିବ ୧ କୋଟି



**ଜଗଦଲପୁର,୫।୪ :** ସମ୍ପ୍ରତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଛତିଶଗଡ଼ର ବସ୍ତର ଗସ୍ତରେ ଥିବା ବେଳେ ଆଜି ତାଙ୍କ ଗସ୍ତର ଅନ୍ତିମ ଦିନରେ ସେ ଏଠାରେ ଚାଲିଥିବା ଖ୍ୟାତିସମ୍ପନ୍ନ ପାଣ୍ଡୁମ୍ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିଲେ। ବସ୍ତରକୁ ନକ୍ସଲମୁକ୍ତ କରିବା ସକାଶେ ଶ୍ରୀ ଶାହ ଆଜି ଏହି ଉତ୍ସବରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବସ୍ତରର ଯେଉଁ ଗ୍ରାମବାସୀ ସେମାନଙ୍କ ନିଜସ୍ୱ ଉଦ୍ୟମରେ ନକ୍ସଲମାନଙ୍କୁ ଆତ୍ମସମର୍ପଣ ପାଇଁ ପ୍ରବର୍ତ୍ତାଇବାରେ ସକ୍ଷମ ହେବେ ଓ ଯେଉଁଦିନ ଉକ୍ତ ଗ୍ରାମ ନକ୍ସଲମୁକ୍ତ ଘୋଷିତ ହେବ, ସେଦିନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମକୁ ୧ କୋଟି ଟଙ୍କା ଯୋଗାଇ ଦିଆଯିବ। ଉକ୍ତ ୧ କୋଟି ଟଙ୍କା କଲ୍ୟାଣ ପାଣ୍ଠି ଭାବେ କାର୍ଯ୍ୟ କରିବ। ଏହି ଘୋଷଣା ସ୍ଥାନୀୟ ଲୋକଙ୍କୁ ହିଂସା ପରିବର୍ତ୍ତେ ଏକ ଶାନ୍ତ ବାତାବରଣ ସ୍ଥାପନ ପାଇଁ ଉତ୍ସାହିତ କରିବ ବୋଲି ଶ୍ରୀ ଶାହ ଆଶା କରିଛନ୍ତି। ଏହାଛଡ଼ା ନକ୍ସଲମାନଙ୍କୁ ଅସ୍ତ୍ର ତ୍ୟାଗ ପାଇଁ ପ୍ରୋତ୍ସାହିତ କରିବା ସକାଶେ ଶ୍ରୀ ଶାହ କହିଛନ୍ତି ଯେ ଆତ୍ମସମର୍ପଣ କରୁଥିବା ପ୍ରତିଟି ନକ୍ସଲଙ୍କୁ ଜଣେ ସାଧାରଣ ନାଗରିକ ଭାବେ ସମ୍ମାନ ଓ ପ୍ରତିଷ୍ଠା ସହ ବଞ୍ଚିବା ସକାଶେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ କୌଣସି ନକ୍ସଲ ହିଂସାତ୍ମକ ପନ୍ଥା ଆପଣାଇଲେ, ସରକାର ସେମାନଙ୍କୁ କଡ଼ା ଜବାବ ଦେବେ ବୋଲି ମଧ ଶାହ ଚେତାବନୀ ଦେଇଛନ୍ତି। ସେହିପରି ପାଣ୍ଡୁମ୍ ମହୋତ୍ସବକୁ ଆସନ୍ତା ବର୍ଷଠାରୁ ଜାତୀୟ ସ୍ତରରେ ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ଶ୍ରୀ ଶାହ କହିଛନ୍ତି ଯେ ଏଠାରେ ସେ ସମୟ ବିତିଗଲାଣି ଯେତେବେଳେ ଗୁଳିଚାଳନା ହେଉଥିଲା, ବୋମା ବିସ୍ଫୋରଣ ହୋଇଥିଲା। ସମସ୍ତ ନକ୍ସଲ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ଦରକାର, କାରଣ ବସ୍ତର ବିକାଶ ଚାହୁଁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବସ୍ତରକୁ ସବୁକିଛି ଦେବାକୁ ଚାହୁଁଛନ୍ତି, କିନ୍ତୁ ଏହା କେବଳ ସେତେବେଳେ ସମ୍ଭବ ଯେତେବେଳେ ବସ୍ତରରେ ଶାନ୍ତି ରହିବ। ପିଲାମାନେ ବିଦ୍ୟାଳୟ ଯିବା ଉଚିତ, ମା'ମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯିବା ଉଚିତ, ଆଦିବାସୀ ଓ ଯୁବକମାନେ ଅପପୁଷ୍ଟିରେ ପୀଡ଼ିତ ହେବା ଉଚିତ ନୁହେଁ, ପିଲାମାନଙ୍କ ଶିକ୍ଷା ପାଇଁ ବ୍ୟବସ୍ଥା କରାଯିବା ଉଚିତ, ପ୍ରତ୍ୟେକ ଗ୍ରାମରେ ଅତି କମ୍‌ରେ ଗୋଟିଏ ଔଷଧ ଦୋକାନ ରହିବା ଉଚିତ ଏବଂ ପ୍ରତ୍ୟେକ ତହସିଲରେ ଏକ ଡାକ୍ତରଖାନା ରହିବା ଉଚିତ। ଏହା କେବଳ ମାଓମୁକ୍ତ ପରବର୍ତ୍ତୀ ସମୟରେ ହୋଇପାରିବ ବୋଲି ଶ୍ରୀ ଶାହ କହିଛନ୍ତି।

### ଲାଲ୍‌ବାହିନୀରରେ ଅସ୍ତ୍ରତ୍ୟାଗ ଜାରି

## ମୁଖ୍ୟ ସ୍ରୋତକୁ ଫେରିଲେ ୮୬ ମାଓବାଦୀ

**ମାଲକାନଗିରି,୫।୪(ସଂଚାର ବ୍ୟୁରୋ):** ଚଳିତ ବର୍ଷ କେନ୍ଦ୍ର ସରକାର ମାଓବାଦୀମାନଙ୍କ ବିରୋଧରେ ଠୋସ୍ ପଦକ୍ଷେପ ନେଉଥିବା ବେଳେ ସୁରକ୍ଷାକର୍ମୀଙ୍କୁ ମଧ ମାଓ ବିରୋଧୀ ଅଭିଯାନରେ ଗୋଟିଏ ପରେ ଗୋଟିଏ ସଫଳତା ମିଳିଚାଲିଛି। ଏଥିସହ ଅସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିବାକୁ ଚାହୁଁଥିବା ମାଓବାଦୀମାନଙ୍କ ସକାଶେ ସ୍ୱତନ୍ତ୍ର ଥଇଥାନ ନୀତି ଲାଗୁ କରାଯାଇଛି। ଗୋଟିଏ ପଟେ ମାଓ ବିରୋଧୀ ଅଭିଯାନର କ୍ରମାଗତ ସଫଳତା ଓ ଅନ୍ୟପଟରେ ଆକର୍ଷଣୀୟ ଥଇଥାନ ପ୍ୟାକେଜ୍ ଲାଲ୍‌ବାହିନୀର ମେରୁଦଣ୍ଡକୁ ଦୁର୍ବଳ କରିବାରେ ଲାଗିଛି। ଏହାର ଫଳସ୍ୱରୂପ ମାଓବାଦୀମାନେ ହାତରେ ବନ୍ଧୁକ ଧରି ଜୀବନକୁ ବିପନ୍ନ କରିବା ଅପେକ୍ଷା ଆତ୍ମସମର୍ପଣ କରି ଜଣେ ସାଧାରଣ ନାଗରିକ ➪ପୃଷ୍ଠା-୬





# ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ



- ୨୯ ହଜାରରୁ ଅଧିକ ହସ୍ପିଟାଲରେ ମିଳିବ ଚିକିତ୍ସା ସୁବିଧା
- ବାଲିଯାତ୍ରା ପଡିଆରୁ ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୪ (ସଂଚାର ବ୍ୟୁରୋ):** ଆୟୁଷ୍ମାନ ଯୋଜନାକୁ ନେଇ ବଡ଼ ଘୋଷଣା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ । ଏହି ଯୋଜନାରେ ରାଜ୍ୟରେ ୧ କୋଟି ୩ ଲକ୍ଷ ପରିବାରକୁ ସାମିଲ୍ କରାଯିବ । ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା । କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳିବ । ସେହିପରି ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା। ଏବେ ଦେଶର ୨୯ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସେହିପରି ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମିଳିବ ବୟୋ ବନ୍ଦନା କାର୍ଡ । ପ୍ରେସମିଟ୍ରେ ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ସରକାରୀ କର୍ମଚାରୀ ହୁଅନ୍ତୁ କି ଆଇଟି ଦାଖଲ କରୁଥିଲେ ବି ମିଳିବ ଏହି କାର୍ଡ । ସେହିପରି ସମ୍ଭ୍ରାନ୍ତ ପରିବାରର ହୋଇଥିଲେ ବି ବୟୋ ବନ୍ଦନା କାର୍ଡ ମିଳିବ । ଜନସେବା କେନ୍ଦ୍ର କର୍ମଚାରୀ, ଆଶାକର୍ମୀ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ । ଗାଁକୁ ଗାଁ ବୁଲି ହିତାଧିକାରୀଙ୍କୁ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ।

ସେପଟେ ଏପ୍ରିଲ୍ ୧୧ରେ କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ । ବାଲିଯାତ୍ରା ପଡ଼ିଆରେ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ମୁକେଶ ମହାଲିଙ୍ଗ ।

ପୂର୍ବରୁ ପ୍ରତି ➪ପୃଷ୍ଠା-୬

# ଆଇଆଇସିଙ୍କୁ ମାରିଦେବାକୁ ବିଧାୟକଙ୍କ ଧମକ



### ଟାଉନ ଥାନାରେ ଲିଖିତ ଅଭିଯୋଗ

### ଖଣ୍ଡା ବୁଲା ଆମ ପରମ୍ପରା: ଜୟନାରାୟଣ

**ସମ୍ବଲପୁର,୫।୪(ସଂଚାର ବ୍ୟୁରୋ):** ପୁଣି ଅଡୁଆରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ଆଇଆଇସିଙ୍କୁ ହତ୍ୟା ସହ ଥାନା ଜାଳିଦେବାକୁ ଧମକ ଦେଇଛନ୍ତି। ଜୟନାରାୟଣଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଖୋଦ ସମ୍ବଲପୁର ଟାଉନ ଥାନା ଆଇଆଇସି ସୁବ୍ରତ କୁମାର ମେହେର। ବିନାନୁମତିରେ ଗତ ୨ ତାରିଖରେ ହୋଇଥିବା ଝଣ୍ଡା ଯାତ୍ରା ସମୟରେ ଗିରଫଦାରୀକୁ ନେଇ ଜୟନାରାୟଣ କ୍ଷୁବ୍ଧ ହୋଇ ଥାନାଧିକାରୀଙ୍କୁ ଧମକ ଦେଇଥିଲେ। ବିରୋଧୀଙ୍କ ଅଭିଯୋଗ ନିୟମିତ ଆଇନ ଉଲ୍ଲଂଘନକାରୀ ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ହେଲେ ଆଇନ ମନ୍ତ୍ରୀ ଏ ସମ୍ପର୍କିତ ପ୍ରଶ୍ନକୁ ଏଡ଼ାଇଯାଇ କହିଛନ୍ତି ଯେ ଦଳ ଏ ବାବଦରେ ନିଷ୍ପତ୍ତି ନେବ।

ଆଇନଶୃଙ୍ଖଳା ସୁରକ୍ଷା ଦ୍ୱାହି ଦେଉଥିବା ବିଜେପି ସରକାରର ଜଣେ ବରିଷ୍ଠ ବିଧାୟକ ଥାନା ଅଧିକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଏଭଳି ଧମକ ଦେଉଛନ୍ତି। ଗତକାଲିଠାରୁ ଖୋଦ ସମ୍ବଲପୁର ଟାଉନ ଥାନା ଆଇଆଇସି ଏନେଇ ଅଭିଯୋଗ କରିଥିଲେ ବି ସରକାର ନିରବ। କେତେବେଳେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀକୁ ଅବମାନନା ତ ଆଉ କେତେବେଳେ ବିଧାନସଭା ଭିତରେ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ ଅଭିଯୋଗ। ଏବେ ପୁଣି ଆଇଆଇସିଙ୍କୁ ଜୀବନରୁ ମାରିଦେବାକୁ ଧମକ। ବାରମ୍ବାର ଜୟନାରାୟଣଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସୁଥିଲେ ବି ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ବିରୋଧୀ ଏମିତି ପ୍ରଶ୍ନ କରିବା ସହ କଂଗ୍ରେସ ଆନ୍ଦୋଳନ ବେଳେ ନାଲି ଆଖି ଦେଖାଇଥିବା ପୁଲିସ ଡିଜି ବିଜେପି ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା। ବିଜେଡି ମଧ ଜୟନାରାୟଣଙ୍କ ଆଚରଣକୁ ନେଇ କଡ଼ା ସମାଲୋଚନା କରିଛି ।

ଗତ ୨ ତାରିଖରେ ଦଳେଇପଡାରୁ ବାହାରିଥିଲା ଝଣ୍ଡା ଯାତ୍ରା। ଏହି ଯାତ୍ରା କୁଞ୍ଜେଲପଡା ଦେଇ ପୀରବାବା ଛକ ପର୍ଯ୍ୟନ୍ତ ଏହି ଯାତ୍ରା ଯାଇଥିଲା। କିନ୍ତୁ ଏନେଇ ପୂର୍ବରୁ କୌଣସି ଅନୁମତି ନିଆଯାଇନଥିଲା। ଯାତ୍ରାରେ ଖୋଲାଖୋଲି ଖଣ୍ଡା ବୁଲାଇଥିଲେ କିଛି ଲୋକ। ସଂସ୍କୃତି ଓ ପରମ୍ପରା ନାଁରେ ବେଆଇନ ଭାବେ ଖଣ୍ଡା ବୁଲାଉଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଜନୈକ ଆଶିଷ ବାବୁ, ଅନୁପ ଲତା, ପ୍ରମୋଦ ଚାନ୍ଦ ଓ ଅନ୍ୟମାନେ ଏହି ଯାତ୍ରାର ଆୟୋଜନ କରିଥିଲେ। ଏନେଇ ସବଇନସ୍ପେକ୍ଟର ଆଶିଷ କୁମାର ପ୍ରଧାନଙ୍କ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ ହେବା ସହ ଦୁଇଟି ଖଣ୍ଡା ଜବତ ହୋଇଥିଲା। ଏହି ମାମଲାକୁ ନେଇ ବିଧାୟକ ଜୟନାରାୟଣ କ୍ଷୁବ୍ଧ ହୋଇ ଆଇଆଇସିଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଟାଉନ ଥାନା ➪ପୃଷ୍ଠା-୬

## ୭ରେ ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ତିନିଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପ୍ରିଲ ୭ ତାରିଖରୁ ଦିଲ୍ଲୀ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ୮ରେ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ନିବେଶକ ସମ୍ମିଳନୀରେ ଯୋଗଦେବେ। ଉକ୍ତ ସମ୍ମିଳନୀରେ ସେ ବଡ଼ ବଡ଼ ପୁଞ୍ଜିପତିଙ୍କ ସହ ଆଲୋଚନା କରିବେ। ନାପ୍ଥା କ୍ରାକର ପ୍ରକଳ୍ପ ପାଇଁ ଆଇଓସିଏଲ ସହ ଚୁକ୍ତି ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ବି ରହିଛି। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ କେତେକ କେନ୍ଦ୍ରମନ୍ତ୍ରୀଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଶ୍ରୀ ମାଝୀ ଓ ତାଙ୍କ ଟିମ୍ ଆସନ୍ତା ୯ ତାରିଖରେ ଓଡ଼ିଶା ଫେରିବେ।

# ରାଜ୍ୟ ପାଇଁ ୬୯.୬୫ କୋଟି ମଞ୍ଜୁର



### ୨୬ ସଡ଼କ ଓ ୨ ସେତୁ ପ୍ରକଳ୍ପକୁ ଅନୁମୋଦନ

**ନୂଆଦିଲ୍ଲୀ,୫।୪(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ ଜନମନ) ଅଧୀନରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓଡ଼ିଶାର ୨୬ଟି ସଡ଼କ ଏବଂ ୨ଟି ସେତୁ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ଯୋଜନାରେ ରାଜ୍ୟରେ ୬୩.୨୭୧ କିମି ରାସ୍ତା ନିର୍ମାଣ କରାଯିବ। ମନ୍ତ୍ରଣାଳୟ ଏଥିପାଇଁ ଓଡ଼ିଶାକୁ ୬୯ କୋଟି ୬୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇଦେବ। ଅଦ୍ୟାବଧି ବର୍ତ୍ତମାନ ପିଏମ ଜନମନ ଯୋଜନାରେ ଓଡ଼ିଶା ପାଇଁ ୨୧୧.୧୪ କିମି ଦୈର୍ଘ୍ୟବିଶିଷ୍ଟ ୬୬ଟି ସଡ଼କ ପ୍ରକଳ୍ପ ଓ ୪ଟି ସେତୁ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏ ବାବଦରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ୨୧୯ କୋଟି ୪୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି।ସୂଚନାଯୋଗ୍ୟ ପିଏମ୍ ଜନ ମନ ଯୋଜନାରେ, ଅତି ପଛୁଆ ଜନଜାତି ଗୋଷ୍ଠୀ ➪ପୃଷ୍ଠା-୬

# ରାଜନୀତିର ମୀର ଜାଫର୍ ନବୀନ



**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ଶେଷ ମୁହୂର୍ତ୍ତରେ ୱାକଫ ବିଲ୍ ସପକ୍ଷରେ ଭୋଟ ଦେବାକୁ ନେଇ ବିଜେଡିରେ ଯେଉଁ ବିଶ୍ୱାସଘାତକାର ମହାଭାରତ ସୃଷ୍ଟି ହୋଇଛି, ତା'ର ଅସଲ ମାଷ୍ଟରମାଇଣ୍ଡ ଖୋଦ୍ ଦଳର ସଭାପତି ନବୀନ ପଟ୍ଟନାୟକ ବୋଲି ଦଳର କର୍ମୀ ଓ ନେତାମାନେ କହିବା ଆରମ୍ଭ କରିଛନ୍ତି। ନବୀନଙ୍କ ଅତୀତର କାର୍ଯ୍ୟକଳାପ ଓ ଏକାଧିକ ବିଜୁ ଲିଗାସୀଙ୍କୁ ଯେଉଁଭଳି ଭାବେ ବିଜେଡିରୁ ବାହାର କରି ଫିଙ୍ଗି ଦେଇଛନ୍ତି, ଏବେ ପୁଣିଥରେ ତାହାର ପୁନରାବୃତ୍ତି ଘଟିଥିବା ନେଇ ଆଲୋଚନା ଆରମ୍ଭ ହୋଇଯାଇଛି।

ଏହି ଆଲୋଚନା ଅନୁଯାୟୀ, ନବୀନ ବିଜେଡିର ସର୍ବେସର୍ବା ହେବା ପରଠାରୁ ସବୁବେଳେ ନିଜ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ୨୫ ବର୍ଷର ଶାସନ କାଳରେ ନିଜ ମନ୍ତ୍ରିମଣ୍ଡଳରୁ ବିଭିନ୍ନ କାରଣ ଦର୍ଶାଇ ୩୬ ଜଣ ମନ୍ତ୍ରୀଙ୍କୁ ➪ପୃଷ୍ଠା-୬

- ❑ ଶାସନ କାଳରେ ବଳି ପଡ଼ିଛନ୍ତି ୩୬ ମନ୍ତ୍ରୀ
- ❑ ବିଜୟଙ୍କଠାରୁ ବୈଜୟନ୍ତ ସମସ୍ତଙ୍କୁ ଧୋକ୍କା
- ❑ ପାଣ୍ଡିଆନଙ୍କୁ ବଳିବୋଦା ବନାଇବାକୁ ଯୋଜନା

### ପରକଟା ହେବେ ସସ୍ମିତ!

ୱାକଫ୍ ବିଲକୁ ନେଇ ରାଜ୍ୟସଭାରେ ଫାଳ ଫାଳ ହୋଇଯାଇଥିବା ବିଜେଡି ଏପର୍ଯ୍ୟନ୍ତ ଅଫିସିଆଲ୍ ଷ୍ଟେଟମେଣ୍ଟ ଜାରି କରିନି। ତା' ସତ୍ତ୍ୱେ ଜଣଙ୍କ ପରେ ଜଣେ ନେତା ସାଂସଦ ସସ୍ମିତ ପାତ୍ରଙ୍କୁ ଘଟଣା ପାଇଁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିବାରେ ଲାଗିଛନ୍ତି। ସସ୍ମିତ ପାତ୍ର ଯେଉଁ ଟ୍ୱିଟ କରିଛନ୍ତି ତାହା ସେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ କରିଛନ୍ତି ନା ଏହା ତାଙ୍କର ନିଜସ୍ୱ, ତାକୁ ନେଇ ଦ୍ୱନ୍ଦ୍ୱ ବଢୁଥିବା ବେଳେ ଦଳରେ ଦେଖାଦେଇଥିବା ଅସନ୍ତୋଷ ପାଇଁ ସସ୍ମିତଙ୍କୁ ନବୀନ ବଳିବୋଦା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏନେଇ ଶଙ୍ଖ ଭବନରେ ଦଳର ଉପଦେଷ୍ଟା କମିଟି ବୈଠକ ଓ ସଂଧାରେ ନବୀନ ନିବାସରେ ବରିଷ୍ଠ ନେତାମାନଙ୍କ ବୈଠକ ପରଠୁ ଆରମ୍ଭ ହୋଇଯାଇଛି ଘଟଣା ପାଇଁ କେବଳ ସସ୍ମିତଙ୍କୁ ଦାୟୀ କରିବା ପର୍ବ। ପ୍ରଥମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କାଲି ସଂଧାରେ ଦଳର ସଭାପତିଙ୍କୁ ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ପୁଣି ଆଜି ଆଉ ଜଣେ ବରିଷ୍ଠ ନେତା ପ୍ରତାପ ଜେନା ଏ ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2024
■ 14th Best in University Category
■ 26th Best in Engineering Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in

## ବାସନ୍ତୀ ଦୁର୍ଗା ଯୁବନାଟ୍ୟ କଳା ପରିଷଦର ଦୁର୍ଗାପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



**ସାଲେପୁର,୫।୪ (ସଂଚାର ବ୍ୟୁରୋ):** ଗତକାଲି ବାସନ୍ତୀ ଦୁର୍ଗାପୂଜା ଅବସରରେ ବହୁଗ୍ରାମ ପଞ୍ଚାୟତର ସିଙ୍ଗମାପୁର ଠାରେ ମା ବାସନ୍ତୀ ଦୁର୍ଗା ଯୁବନାଟ୍ୟ କଳା ପରିଷଦ ତରଫରୁ ଆୟୋଜିତ ଦୁର୍ଗା ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଲେପୁରର ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ଶୁଭ ଉଦଘାଟନ କରିବାସହ ମା ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଜୀବନ ଆଉ କଳା ପରସ୍ପର ପରିପୂରକ, କଳା ଏକ ଇଶ୍ୱରଦତ୍ତ ଓ ଉତ୍କୃଷ୍ଟ ଗୁଣ । ଏଭଳି ଏକ ଭବ୍ୟ ଆୟୋଜନ କରିଥିବାରୁ ମା ବାସନ୍ତୀ ଦୁର୍ଗା ଯୁବନାଟ୍ୟ କଳା ପରିଷଦ ର ସମସ୍ତ ସଭ୍ୟ, ଯୁବ କର୍ମକର୍ତ୍ତା ବୃନ୍ଦ ଓ ନେତୃ ମଣ୍ଡଳୀ ମାନଙ୍କୁ ଶ୍ରୀଯୁକ୍ତ ମହାନ୍ତି ଆନ୍ତରିକ ଧନ୍ୟବାଦ ଜଣାଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି



**କେନ୍ଦ୍ରାପଡ଼ା,୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହକାଳପଡାର ଆରାଧ ଦେବୀ ମା ଦରିଆ ରାମଚଣ୍ଡୀଙ୍କ ପୀଠରେ ଚଳିତ ବର୍ଷ ପ୍ରଥମ କରି ଜମ୍ବୁ ଦ୍ୱୀପ ମହୋତ୍ସବର ଆୟୋଜନ କରଯାଉଛି। ଏହା ସହ ମହକଳପଡ ରେ ପ୍ରଥମ କରୁ ଜିଲ୍ଲା ସ୍ତରୀୟ ପଲ୍ଲିଶ୍ରୀ ମେଳାର ମଧ ଆୟୋଜ କରାଯାଉଥିବା ଜଣାପଡିଛି। ଏହି ଉଭୟ କାର୍ଯ୍ୟକ୍ରମ ଚଳିତ ମାସ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୧୫ ତାରିଖ ଦିନ ଉଦ୍‌ଘାଟନ କରିବେ । ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମାହାପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ଲାଇନ ଡିପାଟମେଣ୍ଟ ର ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓ ପଲ୍ଲିଶ୍ରୀ ମେଳାକୁ ଆକର୍ଷଣୀୟ କରିବା ପାଇଁ କୃଷି, ଉଦ୍ୟାନ କୃଷି, ସ୍ୱୟଂ ସହାୟିକା ଗୋଷ୍ଠୀ, ଜୀବିକା ମିଶନ, ସାଂସ୍କୃତି ବିଭାଗ, ଶିଳ୍ପ ବିଭାଗ, ହସ୍ତତନ୍ତ ବିଭାଗ, ମତ୍ସ୍ୟ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯିବା ସହ ଅନ୍ୟ ଜିଲ୍ଲା ଓ ଅନ୍ୟ ରାଜ୍ୟର ଲୋକପ୍ରିୟ ସାମଗ୍ରୀର ଷ୍ଟଲ ଖୋଲା ଯିବାକୁ ନିଷ୍ପତି ନିଆଯାଇଛି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ




**କେନ୍ଦ୍ରାପଡ଼ା,୫।୪ (ସଂଚାର ବ୍ୟୁରୋ):** ପବିତ୍ର ଉତ୍କଳ ଦିବସ ଅବସରରେ ଓଡିଆ ନୂଆବର୍ଷର ପ୍ରଥମ ଦିବସ ଅର୍ଥାତ୍ ପଣା ସଂକ୍ରାନ୍ତି ଦିବସ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଓଡିଆ ପକ୍ଷ ପାଳନ ଅବସର ରେ ଏକ ଐତିହ୍ୟ ଗଣଦୌଡକୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଗଣଦୌଡ ଜିଲ୍ଲ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଉଦ୍ଦେଶ୍ୟ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦର ସଭାପତି କରୁଣାକର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପୋଖରୀରେ ବୁଡି ଯୁବତୀ ମୃତ

**ରାଜନଗର,୫।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଳଚୁଆ ଥାନା ଅନ୍ତର୍ଗତ ରାଧାମାଳିପୁର ଗାଁରେ ଜଣେ ଯୁବତୀ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ଏହି ଗାଁର ସୁଦର୍ଶନ ପ୍ରଧାନଙ୍କ ଝିଅ କ୍ରୀଷ୍ଟା ପ୍ରଧାନ (୧୮ ବର୍ଷ) ଆଜି ସକାଳେ ଘର ଆଗରେ ଥିବା ପୋଖରୀରେ ବାସନ ମାଜୁଥିଲା। କ୍ରୀଷ୍ଟାର ଫିଟ୍ସ ରୋଗ ଆଗରୁ ଥିଲା। ସେ ସମୟରେ ତାର ଫିଟ୍ସ ରୋଗ ବାହାରିବା ସହିତ କେତବେଳେ ପୋଖରୀରେ ପଡ଼ି ଯାଇଥିଲା। ପରିବାର ଲୋକେ ପୋଖରୀ କୂଳରେ ବାସନ ପଡ଼ିଥିବା ବେଳେ କ୍ରୀଷ୍ଟା ନଥିଲା। ପୋଖରୀରେ ଖୋଜା ଖୋଜି ପରେ କ୍ରୀଷ୍ଟାଙ୍କୁ ଉଦ୍ଧାର କରି ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାର ଶବ ବ୍ୟବଛେଦ କରାଯାଇଛି।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ରାଜନଗର,୫।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେଶ୍ୱରୀନଗର ଗାଁର ସୁବଳ ଦାସଙ୍କ ପତ୍ନୀ ପ୍ରତିମା ଦାସ ( ୫୦ ବର୍ଷ ) ଗତକାଲି ସନ୍ଧ୍ୟାରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପ୍ରତିମାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ମାତ୍ର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୀର୍ଘ ଦିନ ଧରି ବିଭିନ୍ନ ରୋଗରେ ପୀଡିତ ଥିବାରୁ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ନ୍ୟାୟ ପାଇଁ ଧାରଣା ଚାଲୁ ରଖିଲେ ସାତଭାୟାବାସୀ

# ଆଲୋଚନା ବିଫଳ, ଚତୁର୍ଥ ଦିନରେ ଅନଶନ




**କେନ୍ଦ୍ରାପଡ଼ା,୫।୪ (ସଂଚାର ବ୍ୟୁରୋ):** ସାତଭାୟା ବିସ୍ଥାପିତ ୪୦ ପରିବାରଙ୍କୁ ଘରଡିହ ଯୋଗାଇ ଦେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ନାମାକୁ କାର୍ଯ୍ୟକାରୀ କରିବା ଦାବିରେ ଚାଲିଥିବା ଧାରଣା ବଳବତର ରହିଛି। ଆଜି ଜିଲ୍ଲା ପ୍ରଶାସନ ସହ ଧାରଣାକାରୀଙ୍କ ନେତୃତ୍ୱ ଓ ସ୍ଥାନୀୟ ଅଂଚଳର ସମାଜସେବୀ ଲଳିତ ବେହେରା ପ୍ରମୁଖ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ ମଧ ଏହା ବିଫଳ ହୋଇଥିବା ଜଣାପଡିଛି। ଫଳରେ ଦୀର୍ଘ ୪ଦିନ ହେଲା ଛୋଟ ଛୋଟ ଶିଶୁଙ୍କ ସହ ମହିଳାମାନେ ଅନ୍ଧାର ରାତିରେ ମଶା, ମାଛିରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଅବ୍ୟାହତ ରଖିଛନ୍ତି ।

ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ସତ୍ୱେ ଜିଲ୍ଲା ପ୍ରଶାସନ ଏହି ୪୦ଟି ପରିବାରକୁ ଦୀର୍ଘ ବର୍ଷ ହେଲା ଜମି ପଟା(ପାର୍ଚ୍ଚା) ନ ଦେବାରୁ ଏହି ପରିବାରମାନେ ଜିଲ୍ଲାପଳ, ଉପ ଜିଲ୍ଲପାଳ, ରାଜନଗର ତହସିଲଦାର, ବିଡିଓ, ରାଜ୍ୟ ସରକାର, ଶାସନ ସଚିବଙ୍କୁ ଏ ବିଷୟରେ ଜଣାଇ ଅବଗତ କରାଇଥିଲେ। ତେବେ ୩ ମାସ ମଧ୍ୟରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବାରୁ ବଗପାଟିଆର ଏହି ୪୦ ଦଳିତ ପରିବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପିଲା ଛୁଆଙ୍କୁ ଧରି ଆମରଣ ଅନଶନରେ ବସି ରହିଛନ୍ତି। ବଗପାଟିଆ ଦଳିତ ଅନୁସୂଚିତ ସମାଜ ସଂଗଠନର ସଭାନେତ୍ରୀ ସସ୍ମିତା ମଲିକ ଓ ଥଇଥାନ ପୁନଃବଶତି ମଂଚ ସାତଭାୟା ଗ୍ରାମ ପଂଚାୟତର ଆବାହକ ଡ଼ଃ ଧରଣୀଧର ରାଉତ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି ।

## ବାୟା ବାବା ମହାବିଦ୍ୟାଳୟରେ ହେବ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ମହାକାଳପଡ଼ା,୫।୪ (ସଂଚାର ବ୍ୟୁରୋ):** ଓଡ଼ିଶା ପକ୍ଷ ପାଳନ ଅବସରରେ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ଏପ୍ରିଲ୍ ୮ ତାରିଖରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ସୂଚନା ଦେଇଛନ୍ତି ମହାବିଦ୍ୟାଳୟର ପ୍ରାଧାପକ ଫିରୋଜ ସାହୁ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଛି। ଏମିତି ଏକ ସମ୍ବେଦନଶୀଳ ସମୟରେ ରକ୍ତଦାନ ଶିବିର ଆୟୋଜନ କରି ରକ୍ତର ଅଭାବକୁ କିଛି ମାତ୍ରାରେ ହ୍ରାସ କରିବାକୁ ପ୍ରୟାସ କରିବ ଏହି ଶିବିର। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଜନସାଧାରଣ ବହୁ ସଂଖ୍ୟାରେ ରକ୍ତଦାନ କରିବାକୁ ସେ ନିବେଦନ କରିଛନ୍ତି।

## ଫଳବତୀ ହେଲା ସାଂସଦଙ୍କ ହସ୍ତକ୍ଷେପ ଗାଁରେ ପହଞ୍ଚିଲା ପ୍ରତାପଙ୍କ ମୃତଦେହ



**ପଟ୍ଟାମୁଣ୍ଡାଇ,୫।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ପ୍ରତାପ ମଲିକ ସୁଦୂର ସାଉଥଆଫ୍ରିକାରେ କାମ କରୁଥିଲେ । ନିକଟରେ ତାଙ୍କର ଅକାଳ ବିୟୋଗ ଘଟିଛି । ମାତ୍ର ସେଠାରୁ ତାଙ୍କ ମର ଶରୀର ନିଜ ଜନ୍ମ ମାଟି ଶ୍ରୀରାମପୁର ଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା । ମୃତ ପ୍ରତାପ ଙ୍କ ପରିବାର ଲୋକ ଓ ଶ୍ରୀରାମପୁର ଗ୍ରାମବାସୀ ଏ ସମ୍ପର୍କ ସହାୟତା କରିବା ପାଇଁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଅନୁରୋଧ କରିଥିଲେ । ସାଂସଦ ଶ୍ରୀପଣ୍ଡା କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ଓ ସାଉଥଆଫ୍ରିକା କମିସନରଙ୍କ ସହିତ ଯୋଗାଯୋଗ କରି ମୃତ ପ୍ରତାପ ମଲିକଙ୍କ ମର ଶରୀର ଓଡିଶା ଫେରାଇ ଆଣିବା ସହିତ ନିଜ ଗାଁ ଶ୍ରୀରାମପୁର ପଠାଇଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ବିଜେପି ନେତା ଲଳିତ ବେହେରା ଓ ଶ୍ରୀରାମପୁର ସମିତି ସଭ୍ୟ ଉତ୍ତମ ଜେନା ମର ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସାଂସଦ ଶ୍ରୀପଣ୍ଡାଙ୍କ ସହାୟତା ପାଇଁ ବିଜେପି ନେତା ସୁଶୀଲ ପରିଡା, ମିଟୁ ମନୋଜ ନାୟକ, ଗିରିଜା ଶଙ୍କର ସାମଲ, ପରେଶ ସାହୁ, ଚନ୍ଦନ ପାତ୍ର ପ୍ରମୁଖ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ରାଜନଗର,୫।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଷ୍ଟି ଗାଁରେ ବେଧଡକ ଭାବେ ଚୋରା ମଦ ବିକ୍ରି ବିରୁଦ୍ଧରେ ଗ୍ରାମବାସୀ, କଞ୍ଚନେଶ୍ୱର ବଣିକ ସଂଘ, କଞ୍ଚନେଶ୍ୱର ବିଶ୍ୱ ଶାନ୍ତି ମହାଯଜ୍ଞ କମିଟି, ମହିଳା ମହାସଂଘ ପକ୍ଷରୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଦାବି ପତ୍ର ଦିଆଯାଇଛି। ଗାଁର ମୁରବୀ ହୃଷୀକେଶ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ମହାନ୍ତି, ରମେଶ ଚନ୍ଦ୍ର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ଦେଇଛନ୍ତି।

ଦାବିପତ୍ରରେ କୁରୁଷ୍ଟି ଗାଁରେ ମଙ୍ଗୁଳି ଚରଣ ସ୍ୱାଇଁ ଓ ପ୍ରଦୀପ କୁମାର ନରେନ୍ଦ୍ର ଖୁଲୁମଖୁଲ୍ଲା ଚୋରା ମଦ ବେପାର କରୁଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଡିସେମ୍ବର ୩୧ ତାରିଖ ଦିନ ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ। ପୋଲିସ ଚୋରା ମଦ ବେପାରୀ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ବଦଳରେ ୨୦ ଜଣ ମହିଳାଙ୍କ ବିରୁଦ୍ଧରେ କେସ କରାଯାଇଛି। ଆନ୍ଦୋଳନ ସମୟରେ ଆଇଆଇସି, ତହସିଲଦାର, ଏସଡିପିଓ କ୍ଷମାସାଗର ପଣ୍ଡା, ଅବକାରୀ ବିଭାଗର ସୁପରିଟେଣ୍ଡେଂଟ ବିକ୍ରମ ମଣ୍ଡଳ ପ୍ରମୁଖ ଘଟଣା ସ୍ଥଳରେ ପହଁଛି ମହିଳାମାନଙ୍କୁ ବୁଝାସୁଝା କରିଥିଲେ। କୁରୁଂଟି ଛକରେ ସରକାରୀ ଜାଗାରୁ ଜବତ ଦଖଲ ଉଚ୍ଛେଦ ହେବ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ମାତ୍ର ୩ ମାସ ପରେ ବି ଖୁଲମଖୁଲ୍ଲା ଚୋରା ମଦ କାରବାର ଚାଲିଛି। କୁରୁଷ୍ଟି ଗାଁ ପରିସରରୁ ଚୋରା ମଦ ବ୍ୟବସାୟ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି ପତ୍ରରେ ଦର୍ଶାଇଛନ୍ତି।

### ନିଶ୍ଚିନ୍ତକୋଇଲି ଜାଭିୟର୍ସ ହାଇସ୍କୁଲର ୧୨ତମ ବାର୍ଷିକ ଉତ୍ସବ

# ପରିଶ୍ରମ କଲେ ଫଳ ସୁନିଶ୍ଚିନ୍ତ ମିଳିବ




**ନିଶ୍ଚିନ୍ତକୋଇଲି,୫।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଠାରେ ଥିବା ଏସ୍.ଟି ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଗୋପବନ୍ଧୁ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଅବସରପ୍ରାପ୍ତ ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନେ ଗୁରୁଜନଙ୍କ ପ୍ରତି ଭକ୍ତି, ମନରେ ଆତ୍ମବିଶ୍ୱାସ ରଖି ପରିଶ୍ରମ କଲେ ଫଳ ନିଶ୍ଚିନ୍ତ ମିଳିବ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯଜବା ଟ୍ରଷ୍ଟର ଅଧକ୍ଷ ସଫଦାର ହାସିମ୍ ଯୋଗଦେଇ ଛାତ୍ର ଅଭିଭାବକମାନେ ନିଜ ପିଲାଙ୍କ ଶ୍ରେଣୀରେ ନମ୍ବର ଅପେକ୍ଷା ପିଲାମାନଙ୍କ ବୌଦ୍ଧିକ ଜ୍ଞାନ ଉପରେ ଧାନ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଡକ୍ଟର ସୁଶାନ୍ତ ଦାସ, ସମ୍ମାନିତ ଅତିଥିଭାବେ ଅସ୍ମା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ପ୍ରମିଳା ନାୟକ, ଶିକ୍ଷାବିତ୍ ଡକ୍ଟର ଆବାସ ପରିଡ଼ା, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ସ୍ମୃତିରଞ୍ଜନ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତଳବାରଙ୍ଗ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଆଦର୍ଶ ଶିକ୍ଷକ ଜୁମର କୁମାର ସ୍ୱାଇଁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷକ କ୍ଷିରୋଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରାପଡା ଶିକ୍ଷା ଜିଲ୍ଲାର ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ମୁଖ୍ୟ ବକ୍ତା, ଇଛାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ, ସାମ୍ବାଦିକ ଅକ୍ଷୟ କୁମାର ପତି, ପରେଶ ଦାସ, ପଣ୍ଡିତ ମାଧବଚନ୍ଦ୍ର ପତି, ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ତାଙ୍କର ଅବସର କାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତିଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ସେକ ରମଜାନ, ଶିକ୍ଷୟିତ୍ରୀ ମଞ୍ଜୁଳା ମହାପାତ୍ର, ସୁପ୍ରଭା ନାୟକ, ଚଂଚଳା ଖୁଣ୍ଟିଆ, ଏମକେରାଣୀଭୂୟାଁ, ଦିପକ କୁମାର ବେହେରା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସ୍କୁଲର ସଭାପତି ଶୁଭାଶିଷ ପତିଙ୍କ ସୁକନ୍ୟା ଶୁଶ୍ରୀ କ୍ରିତିମୟୀ ପତିଙ୍କୁ ୨୦୨୩-୨୪ ଶିକ୍ଷା ବର୍ଷରେ ପଂଚମ ଶ୍ରେଣୀର ବୃତି ପାଇବା ସଙ୍ଗେ ସଙ୍ଗେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କେନ୍ଦ୍ରାପଡା ବ୍ଲକ ଓ ମୁନିସିପାଲିଟି ରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁମହେଶ କର ଟ୍ରଫି ପ୍ରଦାନ କରାଯାଇ ଥିଲା । ସଭା ଶେଷରେ ଶିକ୍ଷୟିତ୍ରୀ ମଞ୍ଜୁଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ଓ ଅଭିଭାବକ ସଚେତନତା କାର୍ଯ୍ୟକ୍ରମ

**ମହାକାଳପଡ଼ା,୫।୪ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଦଶମୌଜି ଅନ୍ତର୍ଗତ ବଡକୂଳ ପଞ୍ଚାୟତ କରମକୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରମକୁଳ ଠାରେ ଏକଦିବସୀୟ ଶିକ୍ଷକ ଓ ଅଭିଭାବକ ସଚେତନ ତାଲିମ୍ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବଡକୂଳ ବାଳିକା ସହଶିକ୍ଷା ଉଚ୍ଚ ବିଦ୍ୟାଳୟ ଓ ଜୟଚନ୍ଦ୍ରପୁର ଉଚ୍ଚ ପ୍ରାଥମିକବିଦ୍ୟାଳୟକ୍ଲଷ୍ଟରଅନ୍ତର୍ଗତଭିନ୍ନକ୍ଷମଛାତ୍ରଛାତ୍ରୀମାନଙ୍କପିତାମାତା,ଅଭିଭାବକ



ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ସମସ୍ୟା, ସରକାରୀ ସହାୟତା, ସାମାଜିକ ସହଭାଗିତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ କିଭଳି ସାଧାରଣ ଛାତ୍ରଛାତ୍ରୀଙ୍କ ପରି ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେ ସମ୍ପର୍କରେ ବ୍ଲକ ସାଧନ ଶିକ୍ଷକ ଶ୍ରୀଧର କୁମାର ଭୋଳ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ନୃସିଂହ ଚରଣ ମଲ୍ଲ, ସେବା ନିବୃତ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ, ନିର୍ମଳ କୁମାର ଆଚାର୍ଯ୍ୟ, ଶୁଶିଲ କୁମାର ସାମନ୍ତରାୟ, ସରୋଜ କୁମାର ଜତି, ଆଲୋକ ରାୟ ପ୍ରମୁଖ ଯୋଗଦେଇଥିବା ବେଳେ ବଜ୍ରମହାକାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦହିମାଛର ପ୍ରଧାନ ଶିକ୍ଷକ କଳ୍ପତରୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ଶୋଭାଯାତ୍ରା



**ପଟ୍ଟାମୁଣ୍ଡାଇ,୫।୪ (ସଂଚାର ବ୍ୟୁରୋ):** ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ପକ୍ଷରୁ ଆଜି ସନ୍ଧ୍ୟାରେ ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଗୋପୀନାଥ ତ୍ରିପାଠୀ ସମ୍ପାଦକ ଧୀରେନ୍ଦ୍ର ସାମଲ, କେନ୍ଦ୍ରାପଡ଼ା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା, ବିଶ୍ୱହିନ୍ଦୁ ପରିଷଦ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ ( ନିକୁଆ), ବଜରଙ୍ଗ ଦଳ ରାଜ୍ୟ ସଂଯୋଜକ ପ୍ରଭାତ ତ୍ରିପାଠୀ, ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ, ଜିଲ୍ଲା ସୁରକ୍ଷା ପ୍ରମୁଖ ଲୋକନାଥ ଦାସ, ପଟ୍ଟାମୁଣ୍ଡାଇ ବଜରଙ୍ଗ ଦଳ ସଂଯୋଜକ ଶୁଭକାନ୍ତ ନାୟକ, ବରିଷ୍ଠ କର୍ମକର୍ତ୍ତା ରାଜେନ୍ଦ୍ର ଷଡଙ୍ଗୀ, ପବିତ୍ର ସ୍ୱାଇଁ, କାହ୍ନୁ ଚରଣ ପରିଡା, ପଟ୍ଟାମୁଣ୍ଡାଇ ବିଜେପି ବରିଷ୍ଠ ନେତା ମିଟୁ ମନୋଜ ନାୟକ, କାଉନସିଲର ବିଦ୍ୟାଧର ସେଠୀ, ନଗର ବିଜେପି ସଭାପତି ଅଶୋକ ସାହୁ, ଅନ୍ତର୍ଯ୍ୟାମୀ ମଲିକ, ସମୀର ପାତ୍ର, ଉପେନ୍ଦ୍ର ପାତ୍ର,ସଞ୍ଜୟ ସ୍ୱାଇଁ, ସୁଶାନ୍ତ ସାମଲ, ଯୋଗେନ୍ଦ୍ର ବେହେରା ପ୍ରମୁଖ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ବିଜେପି ନେତା ଓ କର୍ମକର୍ତ୍ତା ମାନେ ବକ୍ତାରପୁର ଛକ ଠାରୁ ପ୍ରଭୁ ଶ୍ରୀରାମଙ୍କ ଏକ ସୁସଜ୍ଜିତ ରଥ ସହିତ ବିଶାଳ ଶୋଭାଯାତ୍ରାରେ ଜୟ ଶ୍ରୀରାମ ଧ୍ୱନି ଦେଇ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ସ୍ଥାନୀୟ ଶ୍ରୀରାମ ମନ୍ଦିର ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନ ଯଜ୍ଞ ସ୍ଥଳରେ ପହଂଚି ଥିଲେ । ଏହି ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା । ଏହି ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବା ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

# ଆଳିରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

### ● ନାହିଁ ନାହିଁରେ ଚାଲିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ● ରୋଗୀ ସେବା ବାଧାପ୍ରାପ୍ତ




**ଆଳି, ୫।୪ (ସଂଚାର ବ୍ୟୁରୋ):** ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ପର୍ଯ୍ୟାପ୍ତ ପରିମାଣର ଡାକ୍ତର ଓ ପାରା ମେଡିକାଲ ସହାୟକ। ଯାହା ଫଳରେ ରୋଗୀ ସେବା ବାଧା ପ୍ରାପ୍ତ ହେଉଛି। ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ହେବାକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ବେଳେ। ଡାକ୍ତର ସେବା ଯୋଗାଇବାକୁ ରହିଛନ୍ତି ମାତ୍ର ଚାରିଜଣ । ଚିକିତ୍ସା ପାଇଁ ନାହାନ୍ତି ବିଶେଷଜ୍ଞ ଡାକ୍ତର। ମେଡିସିନ, ଶିଶୁ, ସର୍ଜରୀ, ସ୍ତ୍ରୀ ପ୍ରସୂତି ଭଳି ଚାରି ପଦବୀ ଭଳି ଅଭିଜ୍ଞ ଡାକ୍ତର ପଦବୀ ରଖିଚି ଖାଲି । ବିଶେଷଜ୍ଞ ଡାକ୍ତର ବିନା ଚାଲିଛି ସ୍ୱାସ୍ଥ୍ୟ ସେବା।

ସବୁଠୁ ବଡ଼ କଥା ହେଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖିଆଙ୍କ ପଦବୀ ପଡ଼ିଛି ଖାଲି।ଯାହାକି ବିନା ମୁଖିଆରେ ଚାଲିଛି ସ୍ୱାସ୍ଥ୍ୟ ସେବା କେନ୍ଦ୍ର। ଅନ୍ୟପଟେ ଯଦି ପାରା ମେଡିକାଲ ସହାୟକଙ୍କ କଥା ନକହିବା ଭଲ। ଷ୍ଟାପ ନର୍ସ ନଅ ଜଣ ଆବଶ୍ୟକ ରହିଥିବା ବେଳେ ତିନି ଜଣ ଖାଲି ପଡ଼ିଛି। ସେହିପରି ୱାଡ଼ ଆଟେନାସ୍ତ ରହିବା କଥା କିନ୍ତୁ ଛଅରୁ ତିନି ପଦବୀ ଖାଲି ପଡ଼ିଛି। ଏମ୍ ପିଏଚଏସ ମହିଳା ପୁରୁଷ ମିଶି ପଦବୀ ରହିଛି ନଅ, ଏବେ ରହିଛନ୍ତି ଦୁଇଜଣ। ଏମିତିକି ଜନ୍ମ ମୃତ୍ୟୁ ପଞ୍ଜିକରଣ କରିବାକୁ କେହି ନାହାନ୍ତି ଏ ପଦବୀ ବି ଖାଲି ପଡ଼ିଛି। ଏତେ ପଦବୀ ଖାଲି ପଡ଼ିଥିବା ବେଳେ ଯାହାକି ଆଳିରେ ରୋଗୀସେବା ଏକ ପ୍ରକାର ଭୁଶୁଡ଼ି ପଡିଥିବା ବେଳେ ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁ ନେଇ ରୋଗୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି।ଭିତ୍ତିଭୂମି ନାମରେ ପୁରୁଣା ବିଲଡିଂ ଭାଙ୍ଗି ନୂଆ ବିଲଡିଂ ଆରମ୍ଭ ହୋଇଥିବା ବେଳେ ଖାଲିପଡିଥିବା ପଦବୀ କଥା ସବୁ ଯେପରି ଭୁଲି ଯାଇଛନ୍ତି ସରକାର।

ଭୁଶୁଡ଼ି ପଡ଼ିଥିବା ଆଳିର ସ୍ୱାସ୍ଥ୍ୟ ସେବାକୁ ଶୁଭ ଦୃଷ୍ଟି ଦେବେ କି ସରକାର। ନ ହେଲେ ଆଗାମୀ ଦିନରେ ବ୍ୟାପକ ଭାବରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ବୁଦ୍ଧିଜୀବୀଙ୍କ ସହ ହଜାର ହଜାର ଅଞ୍ଚଳବାସୀ।

## କେପିଏସ୍‌ରେ ଗ୍ରୀଷ୍ମାବକାଶ ପାଠ୍ୟକ୍ରମର ଶୁଭାରମ୍ଭ

**ଡେରାବିଶ, ୫।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ +୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରୀଷ୍ମାବକାଶ ପାଠ୍ୟକ୍ରମର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ପ୍ରଶନ୍ନ ପରିଜା ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତୁଳସୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧାପକ ସ୍ମୃତିରଞ୍ଜନ ବେହେରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଡକ୍ଟର ତପନ କୁମାର ପଣ୍ଡା ରିସୋର୍ସ ପର୍ଶନ ଭାବେ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ବିଜ୍ଞାନ ସମ୍ପର୍କୀୟ ସାରଗର୍ଭକ ତଥ୍ୟ ପ୍ରଦାନ କରି ପଲାଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧାପିକା ସାନ୍ତ୍ୱନା ଦାସ ଛାତ୍ରଛାତ୍ରୀମାନଙ୍କୁ ଏକାଗ୍ରତାର ସହିତ ଅଧ୍ୟୟନ ପାଇଁ ଉପଦେଶ ଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ତଥା ସଭାର ସଭାପତି ପ୍ରଫେସର ଅଜୟ କୁମାର ରାଉତ ଶେଷରେ ଛାତ୍ରଛାତ୍ରୀମାନଙ୍କର ସାଧନା ଓ ଏକନିଷ୍ଠ ଉଦ୍ୟମ ରହିଲେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉଜ୍ଜଳ ହେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଶେଷରେ ଅଧାପିକା ଯସ୍ମିନ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଶ୍ରେଷ୍ଠ ଲେଖକ ସମ୍ମାନ

**ଡେରାବିଶ, ୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ଗ୍ରାମର ଶିକ୍ଷକ ପ୍ରଶନ୍ନ କୁମାର ନାୟକଙ୍କୁ ଇନ୍ଦୁପୁର ବାରୁଣୀ ମହୋତ୍ସବରେ ବାରୁଣୀ ଶ୍ରେଷ୍ଠ ଲେଖକ ସମ୍ମାନରେ ସମ୍ମାନିତ କରାଯାଇଛି। ଚଳିତ ବର୍ଷ ମା' ରାମଚଣ୍ଡୀ ବାରୁଣୀ କଳା ଓ ସଂସ୍କୃତି



ପରିଷଦ ତରଫରୁ ୫ ଦିନ ବ୍ୟାପୀ ହୋଇଥିବା ବାରୁଣୀ ମହୋତ୍ସବର ତୃତୀୟ ଦିବସରେ ଗୁରୁପୂଜନ ପରମ୍ପରା ଅନୁଯାୟୀ ସମାଜସେବୀ, ସାହିତ୍ୟିକ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ତୃତୀୟ ସନ୍ଧ୍ୟାରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଦ୍ୱାରା ସାହିତ୍ୟିକ ପ୍ରଶନ୍ନ କୁମାର ନାୟକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପୂର୍ବକ ସମ୍ମାନିତ କରାଯାଇଥିଲା।

## ମହାକାଳପଡ଼ାରେ ଅନାସ୍ଥା ପ୍ରସଙ୍ଗ ଶାସକ ଦଳ ସାଜିଛି ପ୍ରାୟୋଜକ: ବିଜେଡି

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ମହାକାଳପଡ଼ା ପଞ୍ଚାୟତ ସମିତିରେ କିଛି ଦିନ ଧରି ଚାଲିଥିବା ରାଜନୈତିକ ଅସ୍ଥିରତା, ଶକ୍ତି ପ୍ରଦର୍ଶନ ଓ ଅନୈତିକ ଭାବେ ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଅନାସ୍ଥା ପ୍ରସ୍ତାବ ଫେଲ୍ ମାରିଲା ବୋଲି ଆଜି ଶଙ୍ଖଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି। ଶ୍ରୀ ନାୟକ କହିଛନ୍ତି ଯେ ଶାସକ ବିଜେପିର ନିଶ୍ଚିତ ପରାଜୟ ଜାଣିବା ପରେ ଏକକାଳୀନ ୯ ଜଣ ସଦସ୍ୟଙ୍କ ଅନୁପସ୍ଥିତ ବାହାନା ନେଇ ଆଜି ହେବାକୁ ଥିବା ଅନାସ୍ଥା ପ୍ରସ୍ତାବକୁ ଜିଲ୍ଲା ପ୍ରଶାସନ ବାତିଲ କରିଛି। ଅନାସ୍ଥା ପ୍ରସ୍ତାବ ଘୋଷଣା ପରେ କିଛିଦିନ ଧରି ସଦସ୍ୟମାନଙ୍କୁ ଧମକ ଚମକ ଦେବା ସହ ଘୋଡାବେପାର ଉଦ୍ୟମ ଫସର ଫାଟିବା ପରେ ବିଜେପି ଓ ପ୍ରଶାସନ ଅନ୍ୟୋନୋପାୟ ହୋଇ ଏହାକୁ ବାତିଲ କରିଦେଇଛି। ପଞ୍ଚାୟତିରାଜ ଆଇନର ଉଲ୍ଲଂଘନ କରି ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ରାଉତଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଶାସକ ଦଳ ଓ ପ୍ରଶାସନର ଅପଚେଷ୍ଟା ବାବଦରେ ପଞ୍ଚାୟତିରାଜ ବିଭାଗ ସଚିବ ଓ ଜିଲ୍ଲାପାଳଙ୍କୁ ଶ୍ରୀମତୀ ରାଉତ ଅବଗତ କରାଇଥିଲେ ବୋଲି ଶ୍ରୀ ନାୟକ କହିଛନ୍ତି। ସେହିପରି ଡ. ମହାନ୍ତି କହିଛନ୍ତି ଯେ ସାରା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରି ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରଶାସନର ଚାପ ମାଧ୍ୟମରେ ଶାସକ ଦଳ ନିଜ ପକ୍ଷକୁ ନେବାକୁ ଷଡ଼ଯନ୍ତ୍ର ଚଳାଇଛି। ଏହା ଢେଙ୍କାନାଳ, କୁକୁଡାଖଣ୍ଡି, ବଡ଼ମ୍ବା ନରସିଂହପୁର ଭଳି ସାରା ରାଜ୍ୟରେ ଯେନେତେନ ପ୍ରକାରେ କ୍ଷମତା ହାସଲ କରିବା ପାଇଁ ବିଜେପି ଉଦ୍ୟମ ଚଳାଇଛି ଯାହା ଗଣତନ୍ତ୍ରର ପରିପନ୍ଥୀ। ତେଣୁ ବିଜେପି ଏସବୁରୁ ଦୂରେଇ ରହିବା ସକାଶେ ସେ ପରାମର୍ଶ ଦେଇଛନ୍ତି।



ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଏମ୍‌ସିର ତତ୍ପରତା

# ୧୩ ଜଣ ପାଇବେ ରାଜଧାନୀ ଗୌରବ ପୁରସ୍କାର

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଦାୟିତ୍ୱ ବଣ୍ଟନ ବୈଠକ ଅନୁଷ୍ଠିତ ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷଅଧ୍ୟକ୍ଷା ଏବଂ କର୍ପୋରେଟର, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମସିର ସମସ୍ତ ଅତିରିକ୍ତ କମିଶନର, ଜୋନାଲ କମିଶନର, ଡେପୁଟି କମିଶନର ଓ ସହକାରୀ କମିଶନର ଉପସ୍ଥିତ ଥିଲେ।



ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେବା ପରେ କମିଶନର ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କମିଶନରଙ୍କର ନିର୍ଦ୍ଦେଶ କ୍ରମେ ପୂର୍ବରୁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକର ସିଦ୍ଧାନ୍ତଗୁଡ଼ିକ ସମ୍ପର୍କରେ ଅତିରିକ୍ତ କମିଶନର ଶ୍ରୀ ସାହୁ ଅବଗତ କରାଇଥିଲେ। ଏଥିସହ କେଉଁ ବିଭାଗ କେଉଁ ଦାୟିତ୍ୱ ନେଇଛନ୍ତି, ସେ ସମ୍ପର୍କରେ ମଧ୍ୟ ସେ ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ପାଳନ ହେବାକୁ ଥିବା ରାଜଧାନୀ ପ୍ରତିଷ୍ଠା ଦିବସକୁ ଆଡମ୍ବର ସହକାରେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ସହ ଦୁଇ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ଉଚ୍ଚସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାଏମ ରଖିବା ସହ ୱାର୍ଡ ସ୍ତରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ତିନି ଜୋନର ଜୋନାଲ କମିଶନରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେମାନେ ସଂପୃକ୍ତ କର୍ପୋରେଟରଙ୍କ ସହ ଯୋଗାଯୋଗ କରି ପରାମର୍ଶ ଓ ସହଯୋଗରେ ଏହି ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବେ। ପ୍ରତି ଜୋନରୁ ୩ ଜଣ ଲେଖାଏଁ ଶ୍ରେଷ୍ଠ ବିଜେତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ମେୟରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ ଜଣଙ୍କୁ 'ରାଜଧାନୀ ଗୌରବ' ସମ୍ମାନ ପ୍ରଦାନ ନିମନ୍ତେ ନାମ ଚୟନ କରିବ। ସରକାରଙ୍କର ନିଷ୍ପତ୍ତି ଅନୁସାରେ ସୂଚାରୁ ରୂପେ ଦାୟିତ୍ୱ ତୁଲାଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି।

## ଐତିହ୍ୟ ଗଣଦୌଡ଼ ମାଧ୍ୟମରେ ଯୁବପିଢ଼ିକୁ ଇତିହାସ ଜ୍ଞାନ

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଜାରି ରହିଥିବା ବେଳେ ଆଜି ପଞ୍ଚମ ଦିନରେ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ରାଜ୍ୟର ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଓ ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଯୁବପିଢ଼ିକୁ ଅବଗତ କରାଇବା ଉଦ୍ଦେଶ୍ୟ ନେଇ ଆୟୋଜିତ ହୋଇଥିବା ଗଣଦୌଡ଼ର ନାମ ଐତିହ୍ୟ ଗଣଦୌଡ଼ ରଖାଯାଇଥିଲା। ଏହି ଗଣଦୌଡ଼କୁ ଉଦ୍‌ଘାଟନ କରି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ତି ଯେ ରାଜ୍ୟର ସମସ୍ତ ଐତିହ୍ୟସ୍ଥଳୀର ସଂରକ୍ଷଣ ସହ ଓଡ଼ିଶାର କଳା-ଶିଳ୍ପ-ସ୍ଥାପତ୍ୟ-ଐଶ୍ୱର୍ଯ୍ୟକୁ ପୁନଶ୍ଚ ବିଶ୍ୱବିଦିତ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର ଆବଶ୍ୟକତା ରହିଛି। ଏହି ଗଣଦୌଡ଼ ଭୁବନେଶ୍ୱରର ଖଣ୍ଡଗିରିଠାରୁ ଆରମ୍ଭ ହୋଇ କଳିଙ୍ଗ ଷ୍ଟୁଡ଼ିଓ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିସହ ଖଣ୍ଡଗିରିର ସୌନ୍ଦର୍ଯ୍ୟ ଓ ବୈଭବକୁ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବସାଇଟ୍‌ରେ ମଧ୍ୟ ଅପଲୋଡ୍ କରିଥିଲେ। ଏହି ଗଣଦୌଡ଼ ଉଦ୍‌ଘାଟନ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଲିମ୍ପିକ୍ ଧାବିକା ଅନୁରାଧା ବିଶ୍ୱାଳ ଯୋଗଦେଇଥିଲେ।

ଓଡ଼ିଆ ପକ୍ଷର ପଞ୍ଚମ ଦିନ



## ବଢ଼ିବ ସିଡିଏ ପରିସୀମା, ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ

**କଟକ,୫।୪(ସଂଚାର ବ୍ୟୁରୋ):** ବଢ଼ିବ କଟକ ମହାନଗର କର୍ତ୍ତୃପକ୍ଷ (ସିଡିଏ)ର ପରିସୀମା। ଏଥିସକାଶେ ପ୍ରସ୍ତୁତ ହୋଇଛି ମାଷ୍ଟର ପ୍ଲାନ। ସିଡିଏର ପରିସୀମାକୁ ବୃଦ୍ଧି କରାଯାଇ ୨୦ ଏକର ଜମିରେ ନିର୍ମାଣ ହେବ କପଡା ହୋଲସେଲିଂ ମାର୍କେଟିଂ ଜୋନ। ଏଥିସହ ଅନ୍ୟ ଦୋକାନ ରହିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବା ନେଇ ଯୋଜନା ରହିଛି। କଟକ ସହର ଭିତରେ କ୍ରମାଗତ ଭାବେ ଟ୍ରାଫିକ ସମସ୍ୟା ବଢୁଥିବା ବେଳେ ଗହଳିକୁ ଏଡ଼ାଇବା ସକାଶେ ଏହି ନୂତନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପ୍ଲାନ ପ୍ରସ୍ତୁତ କରୁଛନ୍ତି ସରକାର। ସିଡିଏ ଓ ବିଡିଏର ସୀମାକୁ ଆଗାମୀ ଦିନରେ ନିକଟତର କରାଯିବ। ସିଡିଏ ସହିତ ଆହୁରି ଅଧିକ ଜନବସତି ଯୋଡିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ସେହିପରି ମହାନଦୀ ରିଭର ଫ୍ରଣ୍ଟ କାର୍ଯ୍ୟକୁ ଶୀଘ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସିଡିଏ ବୈଠକରେ ସୂଚନା ଦେଇଛନ୍ତି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ବୈଠକରେ ମନ୍ତ୍ରୀ ଡ. ମହାପାତ୍ରଙ୍କ ସହ ମେୟର ସୁବାସ ସିଂ, ସିଡିଏ ଉପାଧ୍ୟକ୍ଷ ଅନାମ ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ଥଇଥାନ ସହାୟତା ନିୟମରେ ସଂଶୋଧନ

### ଐତିହାସିକ ନିଷ୍ପତ୍ତି କହିଲେ ଏଜି

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ଓଡିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ନିୟମରେ ସଂଶୋଧନ ଆଣିଛନ୍ତି ରାଜ୍ୟ ସରକାର । ଏହି ସଂଶୋଧିତ ନିୟମ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାରଙ୍କର ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ଆଡଭୋକେଟ ଜେନେରାଲ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ । ରାଜ୍ୟରେ ଓଡିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ଆଇନ ୧୯୯୦ ପ୍ରଚଳିତ ରହିଥିଲା । ୨୦୨୦ରେ ଏ ସମ୍ପର୍କୀତ ନୂତନ ସଂଶୋଧନ ନୀତି ପ୍ରଣୟନ କରିଥିଲେ ତତ୍କାଳୀନ ରାଜ୍ୟ ସରକାର। ୧୯୯୦ ନିୟମ ଅନୁଯାୟୀ କୌଣସି ସରକାରୀ କର୍ମଚାରୀଙ୍କର ଅକାଳ ବିୟୋଗ ଘଟିଲେ ସେମାନଙ୍କ ପରିବାରର କୌଣସି ସଦସ୍ୟଙ୍କୁ ଥଇଥାନ ଯୋଜନାରେ ଚାକିରି ଦେବା ସମୟରେ ଉକ୍ତ କର୍ମଚାରୀଙ୍କ ମୃତ୍ୟୁ ତାରିଖକୁ ବିଚାରକୁ ନିଆଯାଇଥାଏ ।କିନ୍ତୁ ୨୦୨୦ ସଂଶୋଧନ ନିୟମ ଅନୁଯାୟୀ ଥଇଥାନ ଚାକିରି ପାଇଁ ଆବେଦନ ତାରିଖକୁ ବିଚାରକୁ ନିଆଯିବାର ନିୟମ ରହିଥିଲା । ଯାହାକୁ ନେଇ କୋର୍ଟ କଚେରୀରେ ଶହ ଶହ ସଂଖ୍ୟାରେ ମାମଲା ହେଉଥିଲା । ଶହ ଶହ ମୃତକ କର୍ମଚାରୀଙ୍କ ପରିବାର ବର୍ଷ ବର୍ଷ ଧରି ଅପେକ୍ଷାରେ ଥିବା ବେଳେ ଦୁଃଖକଷ୍ଟରେ କାଳାତିପାତ କରୁଥିଲେ। ଆଜି ବିଜ୍ଞପ୍ତି ପ୍ରକାଶ ପାଇଥିବା ଓଡିଶା ସିଭିଲ ସର୍ଭିସ (ଥଇଥାନ ସହାୟତା) ସଂଶୋଧନ ନିୟମ ୨୦୨୫ ଅନୁସାରେ ମୃତକ କର୍ମଚାରୀଙ୍କ ମୃତ୍ୟୁ ତାରିଖକୁ ଅଗ୍ରାଧିକାର ଦିଆଯିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ସୁପ୍ରିମକୋର୍ଟରେ ପଡ଼ି ରହିଥିବା ପାଖାପାଖି ୫୦୦ ଏସଏଲପି ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହିତ ମୃତ ସରକାରୀ କର୍ମଚାରୀଙ୍କ ଦୁଃସ୍ଥ ପରିବାର ପାଇଁ ସାନ୍ତ୍ୱନା ଆଣିଦେଇଛି ବୋଲି ଆଡଭୋକେଟ ଜେନେରାଲ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ।

## କିରାଣି ଚାକିରି ଲୋଭ ଦେଖାଇ ଠକିନେଲେ ଲକ୍ଷାଧିକ ଟଙ୍କା

**ଗୋପ,୫।୪(ସଂଚାର ବ୍ୟୁରୋ):** କିରାଣି ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କାର ଠକେଇ ହୋଇଛି। ପୁରୀ ଜିଲ୍ଲା ଜଜ୍ କୋର୍ଟର ପିଅନ ବ୍ରଜବନ୍ଧୁ ବାରିକଙ୍କ ବିରୋଧରେ ଏପରି ଅଭିଯୋଗ ଆସିଛି। ପୁରୀ ଜିଲ୍ଲା ଗୋପ ଥାନା ଷୋଳପୁର ଗାଁର ବ୍ରଜବନ୍ଧୁଙ୍କୁ ଏହି ମାମଲାରେ ପୁଲିସ୍ ଗିରଫ କରିଛି। ସେ ଏକାଧିକ ଶିକ୍ଷିତ ବେକାର ଯୁବକମାନଙ୍କୁ ଟାର୍ଗେଟ କରିବା ସହ ସେମାନଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ଗୋପ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତଦନ୍ତ ପରେ ଗତକାଲି ତାଙ୍କୁ ଗିରଫ କରିଛି। ଆଜି ବ୍ରଜବନ୍ଧୁଙ୍କୁ କୋର୍ଟରେ ହାଜର କରାଯାଇଥିବା ଗୋପ ଥାନା ଅଧିକାରୀ କହିଛନ୍ତି।

## ଶିଳ୍ପାଞ୍ଚଳରେ ବନୀକରଣ ନେଇ ଜବାବ ମାଗିଲେ ହାଇକୋର୍ଟ

**କଟକ,୫।୪ (ସଂଚାର ବ୍ୟୁରୋ) :** ଶିଳ୍ପ ପାଇଁ ଗଛ କଟାଯାଉଛି । ମାତ୍ର ନିୟମ ଅନୁସାରେ ବନୀକରଣ କରାଯାଉନାହିଁ। ସେହିପରି ଶିଳ୍ପ ପ୍ରତିଷ୍ଠା କିମ୍ବା ଅନ୍ୟ କୌଣସି ପ୍ରକଳ୍ପ ପାଇଁ ଜଙ୍ଗଲ ନଷ୍ଟ ହେଲେ ତା'ର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟ ସ୍ଥାନରେ ଜଙ୍ଗଲ ସୃଷ୍ଟି ସୁନିଶ୍ଚିତ ପାଇଁ ନୂଆ ବୃକ୍ଷରୋପଣ କରାଯିବା ବିଧେୟ। କିନ୍ତୁ ଏପରି ହେଉନଥିବାରୁ ଏନେଇ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ନେବା ସହ ଦାୟର ମାମଲାର ଶୁଣାଣି କରି ରାଜ୍ୟର ସମସ୍ତ ଶିଳ୍ପ ପ୍ରକଳ୍ପସ୍ଥଳରେ କେତେ ଚାରା ରୋପଣ କରାଯାଇଛି, ସେ ନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ), ରାଜ୍ୟ ରାଜପଥ ଓ ରାଜ୍ୟ ସରକାରଙ୍କ ଅନ୍ୟ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକରେ କେତେ ସଂଖ୍ୟାରେ ଚାରା ରୋପଣ କରାଯାଇଛି ସେ ନେଇ ବିସ୍ତୃତ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ପିସିସିଏଫ, ପିସିସିଏଫ (ୱାଇଲ୍ଡ ଲାଇଫ), ଡିଏଫଓ ରାଜନଗରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାମ୍ପା ପାଣ୍ଠି ବିନିଯୋଗ ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସରକାରଙ୍କ ନିକଟରୁ ହାଇକୋର୍ଟ ଜବାବ ତଲବ କରିଛନ୍ତି । ରାଜ୍ୟ ସରକାରଙ୍କ ନିକଟରେ ରହିଥିବା କାମ୍ପା ପାଣ୍ଠି ପ୍ରସଙ୍ଗରେ ସବିଶେଷ ତଥ୍ୟ ଦାଖଲ କରିବାକୁ କୋର୍ଟ କହିଛନ୍ତି ।



ଆସନ୍ତା ମେ' ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନଧାର୍ଯ୍ୟ କରିଛନ୍ତି। ଶିଳ୍ପ ସମେତ ଅନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଜଙ୍ଗଲନଷ୍ଟ ହେବା କ୍ଷେତ୍ରରେ କ୍ଷତିଭରଣା ପାଇଁ ସୃଷ୍ଟି କରାଯାଉଥିବା ଜଙ୍ଗଲ ଲାଗି କାମ୍ପା ପାଣ୍ଠି କେମିତି ବିନିଯୋଗ କରାଯାଇଛି ସେ ନେଇ ସତ୍ୟପାଠରେ ବିସ୍ତୃତ ତଥ୍ୟ ରାଜ୍ୟ ସରକାର ଏକ ମାସ ଭିତରେ ସତ୍ୟପାଠରେ ଦେବେ ବୋଲି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ଚନ୍ଦନ ମହାନ୍ତିଙ୍କ ଆବେଦନର ଶୁଣାଣି କରିବା ସମୟରେ ନିର୍ଦ୍ଦେଶ ଦେଇଛନ୍ତି।

## କାଳବୈଶାଖୀରେ ମୁଗ ଫସଲ ନଷ୍ଟ

**ପାଟଣାଗଡ଼,୫।୪(ସଂଚାର ବ୍ୟୁରୋ):** ଅଦିନିଆ କାଳବୈଶାଖୀ ବର୍ଷା, ପବନ ସାଙ୍ଗକୁ କୁଆପଥର ମାଡ଼ରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳସ୍ୱରୂପ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। ଫସଲ ନଷ୍ଟ ହୋଇଯାଇଥିବାରୁ କେମିତି ଋଣ ଟଙ୍କା ଶୁଝିବେ, ସେନେଇ ଚାଷୀଙ୍କ ମୁଣ୍ଡ ଚକ୍କର୍ କାଟୁଛି। ମୁଗ ଚାଷ ଭଲ ହୋଇଥିଲେ ଦୁଇ ପଇସା ଲାଭ ବାହାରି ଥାଆନ୍ତା । କିନ୍ତୁ ଅଦିନିଆ ବର୍ଷା ଚାଷୀ ମୁହଁରୁ ହସକୁ ଛଡାଇ ନେଇଛି । ପାଟଣାଗଡ଼ ଅଞ୍ଚଳକୁ ଅସ୍ତବ୍ୟସ୍ତ କରିଦେବା ସହିତ ଅଞ୍ଚଳରେ ଖରାଦିନିଆ ମୁଗଫସଲକୁ ନଷ୍ଟ କରିଦେଇଛି କାଳବୈଶାଖୀ ବର୍ଷା । ବହୁ ଖକଷ୍ଟରେ ଖରାରେ ପାଣି ଦେଇ ଚାଷ କରିଥିବା ମୁଗଫସଲ ନଷ୍ଟ ହେଉଥିବା ଦେଖି ସହିପାରୁନି ଚାଷୀ ।



ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଘସିଏନ ଅଞ୍ଚଳରେ କାଳବୈଶାଖୀ ରଚିଛି ତାଣ୍ଡବ। କାଳ ବୈଶାଖୀ ପ୍ରଭାବରେ ଅଞ୍ଚଳରେ ପ୍ରାୟ ଦୁଇରୁ ତିନିଘଣ୍ଟା ବର୍ଷା ପବନ ସାଙ୍ଗକୁ କୁଆ ପଥର ମାଡ଼ ହୋଇଥିଲା । ଫଳରେ ଗଛ ଭାଙ୍ଗିବା ସହିତ ଅଞ୍ଚଳର ମୁଗ ଚାଷ ନଷ୍ଟ ହୋଇଯାଇଛି। ଅମଳ ସମୟରେ ବର୍ଷା ଓ କୁଆପଥର ମାଡ଼ରେ ୮୦% ମୁଗ ନଷ୍ଟ ହୋଇ ଯାଇଥିବା କହିଛନ୍ତି ଚାଷୀ । କିଛି ଚାଷୀ ମୁଗ ଗଛ କାଟି ବିଲରେ ଶୁଖାଇ ଥିଲେ । କିନ୍ତୁ ବର୍ଷା ପ୍ରଭାବରେ ସେଗୁଡିକ ଗଜା ହୋଇଯିବା ସମ୍ଭାବନା ଥିବାବେଳେ ଗଛରେ ଥିବା ମୁଗ ଛୁଇଁ ଗୁଡ଼ିକ କୁଆପଥର ମାଡ଼ରେ ଝଡି ଯାଇଛି । ପାଟଣାଗଡ଼ ଅଞ୍ଚଳରେ ଗତ ସେପ୍ଟେମ୍ବର ମାସରୁ ପ୍ରାୟ ବର୍ଷା ହୋଇନଥିବା ବେଳେ ମାର୍ଚ୍ଚ ମାସ ଆରମ୍ଭରୁ ଅଞ୍ଚଳରେ ଖରାର ପ୍ରକୋପ ବଢ଼ିଲା । ଏହା ସହିତ ଜଳସ୍ତର କମି ଯାଇଥିଲା। ତେବେ ଚାଷୀ ମୁଗ ଫସଲକୁ ବହୁ କଷ୍ଟରେ ବଞ୍ଚାଇଥିଲେ। ହେଲେ ଅଦିନିଆ କାଳ ବୈଶାଖୀ ବର୍ଷା ଓ କୁଆପଥର ମାଡ଼ରେ ୮୦ % ମୁଗଚାଷ ନଷ୍ଟ ହୋଇଯାଇଛି। ଓଦା ହୋଇଯାଇଥିବା ମୁଗକୁ କିପରି ବଞ୍ଚାଇ ପାରିବ ସେଥିପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଛି ଚାଷୀ। କାଳବୈଶାଖୀ, ଅଞ୍ଚଳରେ ଅନେକ କ୍ଷୟକ୍ଷତି ଘଟାଇଥିବା ବେଳେ ଧାରଉଧାର କରି ମୁଗଚାଷ କରିଥିବା ଚାଷୀଙ୍କ ମୁଣ୍ଡରେ ପଡିଛି ଚଡକ। ଏଣୁ ସରକାରୀ ସ୍ତରରେ ଚାଷୀଙ୍କ ଦୁଃଖ ବୁଝିବା ସହ ବୀମା ଟଙ୍କା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୋବାଇଲ୍‌ରେ ମିଳୁନି ନିଦାନ ରିପୋର୍ଟ

**ଭୁବନେଶ୍ୱର,୫।୪:** କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ପରୀକ୍ଷା ନିରୀକ୍ଷାର ରିପୋର୍ଟ ଆଉ ନିୟମିତ ଭାବେ ରୋଗୀଙ୍କ ମୋବାଇଲ୍‌କୁ ଯାଉନାହିଁ । ଏହି ବ୍ୟବସ୍ଥାରେ ପ୍ରାୟ ତିନିମାସ ବିଭ୍ରାଟ ଦେଖାଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି ।

ରାଜ୍ୟ ସରକାର ରୋଗୀମାନଙ୍କୁ ପାଇଁ ବିନାମୂଲ୍ୟରେ ନିଦାନ ସେବା ଯୋଗାଇ ଦେଉଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ଶହ ଶହ ରୋଗୀ ବିଭିନ୍ନ ପରୀକ୍ଷା ନିରୀକ୍ଷାପାଇଁ ଆସୁଛନ୍ତି । ରକ୍ତ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ରିପୋର୍ଟ ରୋଗୀଙ୍କ ମୋବାଇଲ୍‌କୁ ପଠାଇବାପାଇଁ କର୍ତ୍ତୃପକ୍ଷ ସି-ଡାକ୍ ନାମକ କେନ୍ଦ୍ରୀୟ ସରକାରୀ ସଂସ୍ଥାକୁ କାର୍ଯ୍ୟ ପ୍ରଦାନ କରିଛନ୍ତି । ପୂର୍ବରୁ ଏହି ସଂସ୍ଥା ନିୟମିତ ଭାବେ ରୋଗୀଙ୍କ ମୋବାଇଲ୍ ନମ୍ବରକୁ ରିପୋର୍ଟ ପ୍ରେରଣ କରୁଥିଲା । ଫଳରେ ରୋଗୀମାନେ ରିପୋର୍ଟଟିଏ ପାଇବାପାଇଁ କ୍ୟାପିଟାଲ ହସ୍ପିଟାଲରେ ଆସି ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାରୁ ରକ୍ଷା ପାଇଥିଲେ। ହେଲେ ଗତି ପ୍ରାୟ ତିନିମାସ ଧରି ଏହି ବ୍ୟବସ୍ଥାରେ ବିଭ୍ରାଟ ଦେଖାଦେଇଛି। ନମୁନା ପରୀକ୍ଷା ପ୍ରଦାନର ସୂଚନା କିମ୍ବା ପରୀକ୍ଷାର ରିପୋର୍ଟ ରୋଗୀମାନେ ଆଉ ମୋବାଇଲ ନମ୍ବରରେ ପାଇପାରୁନାହାନ୍ତି। ଫଳରେ ସେମାନେ ସକାଳେ ଆସି ଧାଡିରେ ଛିଡା ହୋଇ ନମୁନା ପ୍ରଦାନ କରୁଥିବା ବେଳେ ଅପରାହ୍ନରେ ଆସି ଲମ୍ବା ଧାଡ଼ିରେ ଛିଡା ହୋଇ ରିପୋର୍ଟ ସଂଗ୍ରହ କରୁଛନ୍ତି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ କିଛି ଦିନ ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଦୈନିକ ନମୁନା ପ୍ରଦାନ କରୁଥିବା କିଛି ରୋଗୀଙ୍କ ମୋବାଇଲ୍ ନମ୍ବରକୁ ରିପୋର୍ଟ ଯାଉଥିବା ବେଳେ ଅନେକ କିନ୍ତୁ ଏହି ସୁବିଧା ପାଇପାରୁନାହାନ୍ତି। ଫଳରେ ଦୂରଦୂରାନ୍ତର ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଖର୍ଚ୍ଚାନ୍ତ ହୋଇ କ୍ୟାପିଟାଲ ହସ୍ପିଟାଲକୁ ଦଉଡୁଛନ୍ତି। କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ବିଭିନ୍ନ ପରୀକ୍ଷାର ରିପୋର୍ଟ ଠିକଣା ସମୟରେ ପ୍ରଦାନ କରୁଛନ୍ତି। ଏହି ରିପୋର୍ଟ ତତ୍କାଳ ସି-ଡାକ୍ ସଫ୍ଟୱେରରେ ଅପଲୋଡ ହେଲେ ଲୋକଙ୍କ ମୋବାଇଲ୍ ନମ୍ବରରେ ପହଞ୍ଚିଯିବା କଥା। ହେଲେ କୌଣସି କାରଣରୁ ଏହା ହୋଇପାରୁନାହିଁ। ଏଥିରେ କ୍ୟାପିଟାଲ୍ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ସି-ଡାକ୍ କେଉଁଠି ସମସ୍ୟା ରହିଛି, ତାହା ସାଧାରଣ ଲୋକଙ୍କ ପାଇଁ ଅଜଣା ହୋଇଥିବାବେଳେ ସେମାନେ କିନ୍ତୁ ନାକେଦମ ହେବାରେ ଲାଗିଛନ୍ତି। ଉଭୟ କ୍ୟାପିଟାଲ ହସ୍ପିଟାଲ ଓ ସି-ଡାକ୍ ସରକାରୀ ସଂସ୍ଥା ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଏହି ବ୍ୟବସ୍ଥାରେ ହସ୍ତକ୍ଷେପ କରିବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

## ସହିପାରିଲେନି ସ୍ତ୍ରୀ ନିର୍ଯାତନା, ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

### ସୋସିଆଲ୍ ମିଡିଆରେ ମୃତ୍ୟୁ ପୂର୍ବର ଭିଡିଓ ଭାଇରାଲ୍

**ଖୋର୍ଦ୍ଧା,୫।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲା ଶିଲ୍ପାଞ୍ଚଳ ଥାନା ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ନିର୍ଯାତନା ସହି ନ ପାରି ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏପରିକି ଏହା ପୂର୍ବରୁ ସେ ନିଜ ସ୍ତ୍ରୀଙ୍କ ନିର୍ଯାତନା ନେଇ ସୋସିଆଲ୍ ମିଡିଆରେ ଏକ ଭିଡିଓ ମଧ୍ୟ ଅପଲୋଡ୍ କରିଛନ୍ତି। ସେ ଉକ୍ତ ଭିଡିଓରେ 'ମୁଁ ରାମଚନ୍ଦ୍ର ବଡ଼ଜେନା। ମୋ ଘର କୁମ୍ଭାରବସ୍ତ। ମୋ ସ୍ତ୍ରୀ ପାଇଁ ମୁଁ ଆଜି ସୁଇସାଇଡ୍ କରୁଛି' ବୋଲି କହିବା ପରେ ସେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅଧିକନ୍ତୁ ରାମଚନ୍ଦ୍ରଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ସହ ସ୍ତ୍ରୀଙ୍କ ସହ ତାଙ୍କ କଥାବାର୍ତ୍ତାର ଏକ ଅଡିଓ ମଧ୍ୟ ଭାଇରାଲ ହେଉଛି। ଅଡିଓରେ ସ୍ତ୍ରୀ ତାଙ୍କୁ 'ଆହୁରି ମରିନ' ବୋଲି କହୁଥିବା ଶୁଣିବାକୁ ମିଳିଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାନୁଯାୟୀ, ଗତକାଲି ରାତିରେ ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ଼ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହା ରାମଚନ୍ଦ୍ରଙ୍କର ବୋଲି ଜଣାପଡିଥିଲା। ପରେ ମୃତଦେହକୁ ରାମଚନ୍ଦ୍ରଙ୍କ ପରିବାର ଲୋକେ ଚିହ୍ନଟ ମଧ୍ୟ କରିଥିଲେ। ରାମଚନ୍ଦ୍ର ଜଙ୍କିଆ ଥାନା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ମଧ୍ୟ ଅଛି। ଗତ କିଛି ବର୍ଷ ହେଲା ଦାମ୍ପତ୍ୟ ଜୀବନ ସୁରୁଖୁରୁରେ ଚାଲିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ବଢ଼ିଯାଇଥିଲା। ଶେଷରେ ସ୍ତ୍ରୀଙ୍କ ନିର୍ଯାତନା ଅସହ୍ୟ ହେଉଥିବା ଦର୍ଶାଇ ମୋବାଇଲରେ ଏକ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ ରାମଚନ୍ଦ୍ର। ପରେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ ସେ। ଏନେଇ ଖବର ପାଇ ରେଳ ବିଭାଗ ପୁଲିସ ଓ ଜଙ୍କିଆ ଥାନା ପୁଲିସ୍ ଉକ୍ତ ଯୁବକଙ୍କ ମୃତଦେହ ଜବତ କରିଥିଲେ।



ଅପରପକ୍ଷେ ମୃତ ରାମଚନ୍ଦ୍ରଙ୍କ ମା' ବାପା ପୁଅଙ୍କୁ ହରାଇ ଭାଙ୍ଗିପଡ଼ିଛନ୍ତି। ସେମାନେ ପରିବାରର ଅନ୍ୟ ସଦସ୍ୟ ଓ ସମ୍ପର୍କୀୟଙ୍କ ସହ ମିଶି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ମୃତ ଯୁବକଙ୍କ ମା'ଙ୍କଠାରୁ ଅଭିଯୋଗ ଗ୍ରହଣ କରି ୮୫/୨୫ରେ ଏକ ମାମଲା ରୁଜୁ କରିଥିବା ବେଳେ ଏହି ଘଟଣାରେ ରାମଚନ୍ଦ୍ରଙ୍କ ଶାଶୂ ଓ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ସଂକୀର୍ତ୍ତନ ଭୋଜି ଖାଇ ୪୬ ଅସୁସ୍ଥ

**ବାଙ୍ଗିରିପୋଷି,୫।୪(ସଂଚାର ବ୍ୟୁରୋ):** ଭୋଜି ଖାଇ ୪୬ ଜଣ ଅସୁସ୍ଥ। ମୟୂରଭଞ୍ଜ ସାରସକଣା ବ୍ଲକ୍ କାଶୀପାଳ ଗାଁରେ ସଂକୀର୍ତ୍ତନ ଭୋଜି ଖାଇ ଏମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତକାଲି ସନ୍ଧ୍ୟାରେ ସଂକୀର୍ତ୍ତନ ପରେ ଭୋଜି ଖାଇଥିଲେ ଗାଁଲୋକେ। ଏହାପରେ ଅଧିକାଂଶ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ଏକ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେମାନେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଆଜି ସକାଳୁ ଆଉ ଜଣେ ଶିର୍ଶା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏହାଛଡ଼ା ଆଉ କେତେକ ଆଜି ସକାଳୁ ସୁସ୍ଥତା ଲାଭ ପରେ ଗ୍ରାମକୁ ଫେରିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଆଜି ପୁଣି ଏକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ଟିମ ଗ୍ରାମ ଗସ୍ତ କରିଥିବା ସୂଚନା ମିଳିଛି।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୫।୪(ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ କାର୍ଯ୍ୟରତ ଜଣେ କର୍ମଚାରୀ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀର ରୋଶନ କୁମାର ପଟ୍ଟନାୟକ (୨୮) ବୋଲି ଜଣାପଡ଼ିଛି। ଆଇପିଏଲ ସଟ୍ଟା କିମ୍ବା ଅନଲାଇନ ଗେମିଂରେ ଲକ୍ଷ ଲକ୍ଷ ଟଙ୍କା ହାରିବା ପରେ ସେ ମାନସିକ ଚାପଗ୍ରସ୍ତ ହୋଇ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି। ଏନେଇ ବ୍ରହ୍ମପୁର ରେଳବାଇ ପୁଲିସ (ଜିଆର୍‌ପି) ୩୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୂଚନାନୁସାରେ, ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ ନଂ.୨ ନିକଟ ରେଳଧାରଣାରେ ଜଣେ ଯୁବକ କଟକ-ଗୁଣପୁର ମେମୁ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ନେଇ ଜିଆର୍‌ପିକୁ ଖବର ମିଳିଥିଲା। ପୁଲିସ ପହଞ୍ଚି ଟ୍ରେନ ଚକାରେ ଲାଖିରହିଥିବା ଉକ୍ତ ମୃତଦେହକୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ପଠାଇଥିଲା। ଘଟଣା ପରେ ଅଧ ଘଣ୍ଟା ଧରି ଟ୍ରେନ ଘଟଣାସ୍ଥଳରେ ଅଟକି ରହିଥିଲା। ତଦନ୍ତ ସମୟରେ ପୁଲିସ ମୃତଦେହ ନିକଟରୁ ଏକ ଆଧାର କାର୍ଡ ପାଇଥିଲା, ଯେଉଁଥିରୁ ପରିଚୟ ମିଳିଥିଲା। ଖବରପାଇ ପରିବାର ଲୋକେ ମେଡିକାଲ୍‌ରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରୋଶନ ବିଡିଏର ମେଣ୍ଟେନାନ୍ସ ବିଭାଗରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ତେବେ ଗତ କିଛି ଦିନ ହେଲା ସେ ମାନସିକ ଚାପରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି।

# ଆଜି ପାମ୍ବନ ରେଳ ସେତୁ ଶିଳାନ୍ୟାସ କରିବେ ମୋଦି



**ନୂଆଦିଲ୍ଲୀ,୫।୪:** ରାମନବମୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁ ଗସ୍ତ କରି ରାମେଶ୍ୱରମକୁ ମୁଖ୍ୟ ଭୂମି ସହିତ ସଂଯୋଗ କରୁଥିବା ନୂତନ ପାମ୍ବନ ରେଳ ସେତୁ ଉଦଘାଟନ କରିବେ।

ପ୍ରଧାନମନ୍ତ୍ରୀ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାଗନେଇ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ପ୍ରଧାନମନ୍ତ୍ରୀ ରାମେଶ୍ୱରମ-ତାମ୍ବରମ (ଚେନ୍ନାଇ) ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ଏପ୍ରିଲ ୬ରେ ତାମିଲନାଡୁ ଗସ୍ତ କରିବେ। ରାମନବମୀ ଅବସରରେ, ମଧ୍ୟାହ୍ନ ପ୍ରାୟ ୧୨ ଘଟିକାରେ ସେ ନୂତନ ପାମ୍ବନ ରେଳ ସେତୁ ଯାହାକି ଭାରତର ପ୍ରଥମ ଭୂଲମ୍ବ ଲିଫ୍ଟ ସମୁଦ୍ର ସେତୁର ଉଦଘାଟନ କରିବେ ଏବଂ ରୋଡ ସେତୁରୁ ଏକ ଟ୍ରେନ ଏବଂ ଏକ ଜାହାଜକୁ ପତାକା ଦେଖାଇ ସେତୁର କାର୍ଯ୍ୟକ୍ଷମତା ଦେଖିବେ।

ଏହା ପରେ ଅପରାହ୍ନ ପ୍ରାୟ ୧୨.୪୫ରେ ସେ ରାମେଶ୍ୱରମର ରାମନାଥସ୍ୱାମୀ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବେ। ରାମେଶ୍ୱରମରେ ଅପରାହ୍ନ ପ୍ରାୟ ୧.୩୦ ସମୟରେ ସେ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ।

ପ୍ରଧାନମନ୍ତ୍ରୀ ନୂତନ ପାମ୍ବନ ରେଳ ସେତୁର ଉଦଘାଟନ କରିବା ଅବସରରେ ରାମେଶ୍ୱରମ-ତାମ୍ବରମ (ଚେନ୍ନାଇ) ନୂତନ ଟ୍ରେନ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ସେତୁର ଏକ ଗଭୀର ସାଂସ୍କୃତିକ ମହତ୍ତ୍ୱ ରହିଛି। ରାମାୟଣ ଅନୁସାରେ, ରାମସେତୁର ନିର୍ମାଣ ରାମେଶ୍ୱରମ ନିକଟସ୍ଥ ଧନୁଷକୋଡିରୁ ଆରମ୍ଭ ହୋଇଥିଲା।

ରାମେଶ୍ୱରମକୁ ମୁଖ୍ୟଭୂମି ସହିତ ସଂଯୋଗ କରୁଥିବା ଏହି ସେତୁ, ବିଶ୍ୱ ସ୍ତରରେ ଭାରତୀୟ ଇଞ୍ଜିନିୟରିଂର ଏକ ଉଲ୍ଲେଖନୀୟ ସଫଳତା ଭାବରେ ଠିଆ ହୋଇଛି। ଏହା ୫୫୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ନିର୍ମିତ। ଏହାର ଲମ୍ବ ୨.୦୮ କିଲୋମିଟର, ଏଥିରେ ୯୯ଟି ସ୍ପାନ ଏବଂ ୭୨.୫ ମିଟର ଭୂଲମ୍ବ ଲିଫ୍ଟ ସ୍ପାନ ଅଛି, ଯାହା ୧୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉପରକୁ ଉଠିଥାଏ, ଯାହା ଜାହାଜଗୁଡ଼ିକର ସୁଗମ ଗତିକୁ ସହଜ କରିବା ସହିତ ସୁଗମ ଟ୍ରେନ ପରିଚାଳନାକୁ ସୁନିଶ୍ଚିତ କରିଥାଏ। ଷ୍ଟେନଲେସ ଷ୍ଟିଲ ଦୃଢ଼ୀକରଣ, ଉଚ୍ଚ-ଗ୍ରେଡ ସୁରକ୍ଷାତ୍ମକ ରଙ୍ଗ ଏବଂ ସମ୍ପୂର୍ଣ୍ଣ ୱେଲ୍ଡିଂ ସନ୍ଧି ସହିତ ନିର୍ମିତ ଏହି ସେତୁର ସ୍ଥାୟିତ୍ୱ ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ହ୍ରାସ ପାଇଛି। ଭବିଷ୍ୟତର ଚାହିଦାକୁ ଦୃଷ୍ଟିରେ ରଖି ଏହାକୁ ଦୋହରୀକରଣ ରେଳ ଟ୍ରାକ ପାଇଁ ଡିଜାଇନ କରାଯାଇଛି। ଏକ ସ୍ୱତନ୍ତ୍ର ପଲିସିଲୋକ୍ସେନ ଆବରଣ ଏହାକୁ କ୍ଷୟରୁ ରକ୍ଷା କରେ, କଠୋର ସାମୁଦ୍ରିକ ପରିବେଶରେ ଦୀର୍ଘସ୍ଥାୟୀତା ସୁନିଶ୍ଚିତ କରେ।

ପ୍ରଧାନମନ୍ତ୍ରୀ ତାମିଲନାଡୁରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଏବଂ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ଏନ୍‌ଏଚ୍-୪୦ ର ୨୮ କିଲୋମିଟର ଲମ୍ବ ୱାଲାଜାପେଟ ରାନିପେଟ ସେକ୍ସନର ଚାରି ଲେନ ପାଇଁ ଭିତ୍ତିପ୍ରସ୍ତର ଏବଂ ଏନ୍‌ଏଚ୍-୩୩୨ ର ୨୯ କିଲୋମିଟର ଲମ୍ବ ଭିଲୁପୁରମ ପୁଡୁଚେରୀ ସେକ୍ସନର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ୫୭ କିଲୋମିଟର ଲମ୍ବ ପୁଣ୍ଡିଆଙ୍କୁପ୍ପମ ସତ୍ତାନାଥପୁରମ ସେକ୍ସନ ଏନ୍‌ଏଚ୍-୩୨ ଏବଂ ୪୮ କିଲୋମିଟର ଲମ୍ବ ଚୋଲାପୁରମ ତାଞ୍ଜାଭୁର୍ ସେକ୍ସନ ଏନ୍‌ଏଚ୍-୩୬ ର ମଧ୍ୟ ଅନ୍ତର୍ଭୁକ୍ତ। ଏହି ରାଜପଥଗୁଡ଼ିକ ଅନେକ ତୀର୍ଥସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଂଯୋଗ କରିବା ସହ ସହର ମଧ୍ୟରେ ଦୂରତା ହ୍ରାସ କରିବ ଏବଂ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବନ୍ଦରଗୁଡ଼ିକୁ ଦ୍ରୁତ ସଂଯୋଗ ଯୋଗାଇବ। ଏହା ସହିତ ସ୍ଥାନୀୟ ଚାଷୀମାନଙ୍କୁ ନିକଟବର୍ତ୍ତୀ ବଜାରକୁ କୃଷି ଉତ୍ପାଦ ପରିବହନ ପାଇଁ ସଶକ୍ତ କରିବ ଏବଂ ସ୍ଥାନୀୟ ଚମଡ଼ା ଏବଂ କ୍ଷୁଦ୍ର ଶିଳ୍ପର ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ।

# ଚୈତ୍ର ନବରାତ୍ରୀ ସୁଦ୍ଧା ଲାଲ ଆତଙ୍କରୁ ମୁକ୍ତ ହେବ ବସ୍ତର



**ରାଞ୍ଚି,୫।୪:** କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବସ୍ତର ପାଣ୍ଡୁମ ମହୋତ୍ସବରେ ଯୋଗଦେବା ପାଇଁ ଛତିଶଗଡ଼ର ଦନ୍ତେୱାଡାରେ ପହଞ୍ଚିଛନ୍ତି। ଏହି ସମୟରେ, ସେ କହିଥିଲେ, 'ଆଜି ଚୈତ୍ର ନବରାତ୍ରିର ଅଷ୍ଟମୀ ତିଥି। ମୁଁ ମାତା ଦନ୍ତେଶ୍ୱରୀଙ୍କ ଆଶୀର୍ବାଦ ନେଇ ଆସିଛି। ମୁଁ ପ୍ରାର୍ଥନା କରୁଛି ଯେ ଆଗାମୀ ଚୈତ୍ର ନବରାତ୍ର ସୁଦ୍ଧା, ଏଠାରୁ ଲାଲ ଆତଙ୍କ (ମାଓବାଦୀ ବିପଦ) ଶେଷ ହୋଇଯିବ ଏବଂ ଆମର ବସ୍ତର ସମ୍ପୂର୍ଣ୍ଣ ସମୃଦ୍ଧ ହୋଇଯିବ।' ଅମିତ ଶାହ କହିଛନ୍ତି, 'ଏବେ ଏଠାରେ ଗୁଳି ଫୁଟିବା ଏବଂ ବୋମା ଫୁଟିବା ସମୟ ଚାଲିଯାଇଛି। ମୁଁ ହାତରେ ଅସ୍ତ୍ର ଥିବା ସମସ୍ତଙ୍କୁ, ସମସ୍ତ ନକ୍ସଲ ଭାଇମାନଙ୍କୁ, ଅସ୍ତ୍ର ତ୍ୟାଗ କରିବାକୁ ଅନୁରୋଧ କରିବାକୁ ଆସିଛି। ଯେତେବେଳେ ଜଣେ ନକ୍ସଲବାଦୀ ମରିଯାଏ, କେହି ଖୁସି ହୁଅନ୍ତି ନାହିଁ, କିନ୍ତୁ ଏହି ଅଞ୍ଚଳର ବିକାଶ ଆବଶ୍ୟକ।' ସେ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଘୋଷଣା କରିଛନ୍ତି ଯେ ପ୍ରତ୍ୟେକ ନକ୍ସଲ ଆତ୍ମସମର୍ପଣକାରୀଙ୍କୁ ଯେଉଁ ଗାଁ କରିବ, ସେହି ଗାଁକୁ ନକ୍ସଲମୁକ୍ତ ଘୋଷଣା କରାଯିବ ଏବଂ ବିକାଶ ପାଣ୍ଠି ଭାବରେ ୧କୋଟି ଟଙ୍କା ଦିଆଯିବ। ତେଣୁ ଆପଣମାନେ ସମସ୍ତେ ନକ୍ସଲବାଦ ଛାଡି ମୁଖ୍ୟସ୍ରୋତରେ ସାମିଲ ହେବା ଉଚିତ, ଭାରତ ସରକାର ଏବଂ ଛତିଶଗଡ଼ ସରକାର ଆପଣଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବେ।'

## ଶିବରାଜ ସିଂଚୌହାନଙ୍କ ରାଲିରେ ଓଲଟିଲା ଗାଡ଼ି, ୩ ଯବାନ ଆହତ



**ନୂଆଦିଲ୍ଲୀ,୫।୪:** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ରାଲିରେ ଯାଉଥିବା ଜିଲା ପୋଲିସ ଗାଡ଼ିଟି ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ତିନି ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ, ସେମାନଙ୍କୁ ଚିକିତ୍ସା ପାଇଁ ସେହୋରକୁ ପଠାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଭୋପାଳରୁ ଦେବାସ ଜିଲାର ଖଟେଗାଓଁ ସାନ୍ଦଲପୁର ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାଟି ଆଷ୍ଟା ଥାନା ଅଞ୍ଚଳର ବେଡାଖେଡି ରାଜପଥରେ ଘଟିଛି। ଏହି ଦୁର୍ଘଟଣାରେ ଏଏସଆଇ ଏସପି ସିମୋଲିଆଙ୍କ ଛାତିରେ ଆଘାତ ଲାଗିଥିବା ବେଳେ ଅନ୍ୟ ଦୁଇ ପୋଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଖଟେଗାଓଁରେ ସ୍ୱର୍ଗତ ଭାଜପା ନେତା ଶମ୍ଭୁକୁମାର ବାକଲିୱାଲଙ୍କ ପରିବାର ସଦସ୍ୟଙ୍କୁ ଭେଟି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କେନ୍ଦ୍ର କୃଷି ମନ୍ତ୍ରୀ ଗୁଜୁରାଟର ଏକ ବାଣ କାରଖାନା ବିସ୍ଫୋରଣରେ ପ୍ରାଣ ହରାଇଥିବା ପଙ୍କଜ ସାନକାଲିଆଙ୍କ ଘରକୁ ଯାଇଥିଲେ ଏବଂ ତାଙ୍କ ମାତାପିତାଙ୍କୁ ଭେଟିଥିଲେ। ଏହା ପରେ ସେ ସମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇଟି ପରିବାରକୁ ଭେଟିଥିଲେ। ଗୁଜରାଟର ବନାସକାଣ୍ଠାରେ ଏକ ବେଆଇନ ବାଣ କାରଖାନାର ଗୋଦାମରେ ବିସ୍ଫୋରଣ ହେବା ଫଳରେ ୨୧ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟପ୍ରଦେଶର ଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ବନାସକାଣ୍ଠା କାରଖାନା ବିସ୍ଫୋରଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଘୋଷଣା ମଧ୍ୟ କରିଛନ୍ତି। ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି ଯେ ଗୁଜରାଟର ବନାସକାଣ୍ଠାରେ ହୋଇଥିବା ବାଣ କାରଖାନା ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତ କର୍ମଚାରୀଙ୍କୁ ୫୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ବିସ୍ଫୋରଣରେ ପ୍ରାଣ ହରାଇଥିବା ୧୮ ଜଣଙ୍କ ଶେଷକୃତ୍ୟ ଗୁରୁବାର (୩ ଏପ୍ରିଲ ୨୦୨୫) ଦେବାସର ନେମାୱାର ଘାଟରେ କରାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଅନେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଥିଲା, ଯାହା ଫଳରେ ସେମାନଙ୍କୁ ଚିହ୍ନଟ କରିବାକୁ ସମୟ ଲାଗିଥିଲା।

## ଟ୍ରକ୍ ସହ ଧକ୍କା ଦେଲା କାର; ୫ ମୃତ

**କର୍ଣ୍ଣାଟକ,୫।୪:** କର୍ଣ୍ଣାଟକର କର୍ଲବୁର୍ଗୀ ର ନେଲୋଗି କ୍ରସ ନିକଟରେ ହୋଇଛି ଅଘଟଣ । ଏକ ଭ୍ୟାନ ପାର୍କିଂ ହୋଇଥିବା ଟ୍ରକ୍ ସହିତ ଧକ୍କା ହୋଇଛି ଯାହା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଯାଇଛି । ଏହି ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି । ସମସ୍ତ ମୃତକ ବାଗଲକୋଟ ଜିଲ୍ଲାର ବାସିନ୍ଦା ବୋଲି ଜଣା ପଡିଛି । ତେବେ ଆହତ ମାନଙ୍କୁ କାଲାବୁରାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ କାଲାବୁରାଗି ପୋଲିସ ଅଧୀକ୍ଷକ ଏ. ଶ୍ରୀନିବାସୁଲୁ ଘଟଣାର ତଦନ୍ତ କରି ନେଲୋଗି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରିଛନ୍ତି । ସୂଚନା ଅନୁଯାୟୀ, ଘଟଣାଟି ଆଜି ଭୋର ପ୍ରାୟ ୩.୩୦ଟାରେ କର୍ଲବୁର୍ଗୀ ଜିଲ୍ଲାର ନେଲୋଗି କ୍ରସ ନିକଟରେ ହୋଇଛି । ରାସ୍ତା କଡ଼ରେ ଏକ ଟ୍ରକ୍ ଠିଆ ହୋଇଥିଲା । ତା'ପରେ ଏକ ଦ୍ରୁତଗାମୀ ଭ୍ୟାନ ଏହି ଟ୍ରକ୍ ସହିତ ଧକ୍କା ଦେଲା । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ କର୍ଲବୁର୍ଗୀ ପୋଲିସ ଅଧିକ୍ଷକ ଏ ଶ୍ରୀନିବାସୁଲୁ ତାଙ୍କ ସମଗ୍ର ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପୋଲିସ ନେଲୋଗି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରିଛି । ଜଣାପଡ଼ିଛି ଯେ ଏକ ମ୍ୟାକ୍ସିକାବ୍ (ଟିଟି) ଏକ ପାର୍କିଂ ହୋଇଥିବା ଲରିର ପଛ ପାର୍ଶ୍ୱ ସହିତ ଧକ୍କା ହୋଇଥିଲା। ଯାହା ଫଳରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ରହିଛନ୍ତି ନାମ ୱାଜିଦ, ମେହବୁବି, ପ୍ରିୟଙ୍କା ଏବଂ ମେହବୁବ, ଯେଉଁମାନେ ଘଟଣାସ୍ଥଳରେ ହିଁ ସେମାନଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଦୁର୍ଘଟଣାରେ ଆହତମାନଙ୍କୁ ଚିକିତ୍ସା ପାଇଁ କର୍ଲବୁର୍ଗୀ GIMS ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସମସ୍ତ ମୃତକ ମୂଳତଃ ବାଗଲକୋଟ ଜିଲ୍ଲାର ବାସିନ୍ଦା । ସେ କର୍ଲବୁର୍ଗୀ ଖ୍ୱାଜା ବନ୍ଦେ ନୱାଜ୍ ଦରଗାକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା ।

## ଚଳନ୍ତା ଟ୍ରେନରେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ



**ହାଇଦ୍ରାବାଦ,୫।୪:** ତେଲେଙ୍ଗାନାରେ ଏକ ଲୋମ ହର୍ଷଣକାରୀ ଘଟଣା ଘଟିଯାଇଛି। ଏକ ଚଳନ୍ତା ଟ୍ରେନର ଶୌଚାଳୟରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଛି । ଏନେଇ ସୂଚନା ଦେଇଛନ୍ତି ରେଳବାଇ ପୋଲିସ। ଝାରସୁଗୁଡାରୁ ସିକନ୍ଦରାବାଦ ଯାତ୍ରା ସମୟରେ ଜଣେ ନାବାଳିକାଙ୍କୁ ରକ୍ସୁଆଲ-ସିକନ୍ଦରାବାଦ ଏକ୍ସପ୍ରେସରେ କରାଯାଇଛି ଦୁଷ୍କର୍ମ । ଏପ୍ରିଲ ୩ ତାରିଖ ସକାଳ ସମୟରେ ଘଟଣାଟି ଘଟିଛି । ଯେଉଁଠାରେ ଜଣେ ୨୦ ବର୍ଷର ଯୁବକ ଟ୍ରେନର ଶୌଚାଳୟରେ ନାବାଳିକାଙ୍କୁ ଦୁଷ୍କର୍ମ କରିଛି । ସେହି ସମୟରେ ପୀଡିତା ଜଣକ ନିଜ ପରିବାର ଲୋକଙ୍କ ସହ ଯାତ୍ରା କରୁଥିଲେ । ଯେତେବେଳେ ନାବାଳିକା ଜଣକ ଶୌଚାଳୟକୁ ଯାଉଥିଲେ ଯୁବକ ଜଣଙ୍କ ପଛେ ପଛେ ତାଙ୍କୁ ଅନୁସରଣ କରିଥିଲା । ଏହାପରେ ଶୌଚାଳୟ ଭିତରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା । ଏନେଇ ସିକନ୍ଦରାବାଦ ରେଳବାଇ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରିଛି । ଆରପିଏସ ସିକନ୍ଦରାବାଦର ବିବୃତି ଅନୁଯାୟୀ, ଅଭିଯୁକ୍ତ ଜଣକ ତାଙ୍କ ମୋବାଇଲ ଫୋନରେ ଦୁଷ୍କର୍ମକୁ ରେକର୍ଡ କରିଥିବା ଜଣାପଡ଼ିଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ଏବଂ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ୨୫ ସେକେଣ୍ଡରେ ହୁତିଙ୍କୁ ଧ୍ୱଂସ କଲା ଆମେରିକା



**ୱାଶିଂଟନ,୫।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଭିଡିଓ ଶେୟାର କରିଛନ୍ତି। ଏଥିରେ ୟେମେନରେ ହୁତି ବିଦ୍ରୋହୀଙ୍କ ଉପରେ ଆମେରିକାର ବିମାନ ଆକ୍ରମଣ ଦର୍ଶାଯାଇଛି। ଏହି ଭିଡିଓ କେବଳ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ ବରଂ ବିଶ୍ୱ ରଣନୀତି ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଭିଡିଓଟି ଦେଖାଉଛି ଯେ, କିପରି ଏକ ଟାର୍ଗେଟକୁ ଆକ୍ରମଣ କରାଯାଏ ଏବଂ କିଛି ମୁହୂର୍ତ୍ତ ମଧ୍ୟରେ ସମଗ୍ର ଅଞ୍ଚଳ ଧୂଳି ଏବଂ ଧୂଆଁର ମେଘରେ ପରିଣତ ହୋଇଯାଏ।

ଭାଇରାଲ ଭିଡିଓରେ, ଡଜନ ଡଜନ ଲୋକ ଏକ ଗୋଲ ଆକାରରେ ଠିଆ ହୋଇଥିବାର ଦେଖାଯାଉଛି ଯେତେବେଳେ ହଠାତ୍ ଏକ ଶକ୍ତିଶାଳୀ ବିସ୍ଫୋରଣ ହୁଏ। ତା'ପରେ ଧୂଳି ଏବଂ ଧୂଆଁର ଏକ ମେଘ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଦିଏ। ତଥାପି, ପରେ କ୍ୟାମେରା ଜୁମ ଆଉଟ ହୁଏ ଏବଂ ଘଟଣାସ୍ଥଳରେ ଅନେକ ଗାଡ଼ି ପାର୍କିଂ ହୋଇଥିବା ଦେଖାଯାଏ, ଯାହା ଫଳରେ ଆକ୍ରମଣ ଯୋଜନାବଦ୍ଧ ଭାବରେ କରାଯାଇଥିବା ପରି ମନେହୁଏ।

ଏହି ଭିଡିଓ ସହିତ ଟ୍ରମ୍ପ ଯେଉଁ ବାର୍ତ୍ତା ଲେଖିଛନ୍ତି ତାହା ସ୍ପଷ୍ଟ ଭାବରେ ଆମେରିକୀୟ ନୀତି ଏବଂ ହୁତିମାନଙ୍କ ପ୍ରତି ଏହାର କଠୋର ମନୋଭାବକୁ ପ୍ରତିଫଳିତ କରେ। ସେ ଲେଖିଛନ୍ତି, ଏହି ଲୋକମାନେ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ହୁତିମାନେ ଏବେ ଆକ୍ରମଣ କରିବେ ନାହିଁ। ସେମାନେ ଆଉ କେବେ ଆମର ଜାହାଜକୁ ବୁଡ଼ାଇ ପାରିବେ ନାହିଁ।

ୟେମେନରେ ହୁତି ବିଦ୍ରୋହୀମାନେ ଲାଲ ସାଗରରେ ଆମେରିକୀୟ ଏବଂ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣଗୁଡ଼ିକ ବିଶେଷକରି ୨୦୨୩ରୁ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ସମର୍ଥନ କରି କରାଯାଉଛି। ଏହି ଘଟଣାର ଜବାବରେ, ଆମେରିକା ହୁତିଙ୍କ ଘାଟି ଉପରେ ଅନେକ ବିମାନ ଆକ୍ରମଣ କରିଛି। ବର୍ତ୍ତମାନର ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି, ଯେତେବେଳେ ହୁତିଙ୍କ ସଂଖ୍ୟା ୬୭ ବୋଲି କୁହାଯାଉଛି।

ହୁତି ବିଦ୍ରୋହୀମାନଙ୍କୁ ଇରାନ ସମର୍ଥନ କରୁଥିବା ବିଶ୍ୱାସ କରାଯାଉଛି। ବିଶ୍ଳେଷକମାନେ ଆମେରିକାର ଆକ୍ରମଣକୁ ଇରାନର ବର୍ଦ୍ଧିତ ପ୍ରଭାବଶାଳୀ ଉପସ୍ଥିତି ଏବଂ ପରମାଣୁ କାର୍ଯ୍ୟକ୍ରମର ପ୍ରତିକ୍ରିୟା ଭାବରେ ଦେଖୁଛନ୍ତି। ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି, ଏହି ଆକ୍ରମଣ ଯୋଗୁ ଇରାନ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି।

ଡୋନାଲ୍ଡ ଟ୍ରମ୍ପ ଏହି ଭିଡିଓ ଶେୟାର କରିବା କେବଳ ସାମରିକ କାର୍ଯ୍ୟାନୁଷ୍ଠାନର ଏକ ସାର୍ବଜନୀନ ପ୍ରଦର୍ଶନ ନୁହେଁ, ବରଂ ତାଙ୍କ ବୈଦେଶିକ ନୀତି ବିଷୟରେ ଏହା ମଧ୍ୟ ସ୍ପଷ୍ଟ ଯେ ସେ କୌଣସି ପରିସ୍ଥିତିରେ ଚୁପ ବସିବେ ନାହିଁ। ହୁତି ଏବଂ ଇରାନ ପ୍ରତି ତାଙ୍କର ଆକ୍ରମଣାତ୍ମକ ମନୋଭାବ ଦର୍ଶାଉଛି ଯେ, ଆମେରିକା ଏବେ ଏହାର ସାମୁଦ୍ରିକ ସୀମାର ସୁରକ୍ଷା ପ୍ରତି ବହୁତ ଗମ୍ଭୀର। ଆଗାମୀ ଦିନରେ, ଏହି ଦ୍ୱନ୍ଦ୍ୱ ଆହୁରି ବୃଦ୍ଧି ପାଇବ ନଚେତ୍ ସମାଧାନ ହୋଇଯିବ।

### ଜମ୍ମୁ-କଶ୍ମୀର ସୀମା ପ୍ରବେଶ ଉଦ୍ୟମ ବିଫଳ

# ଯବାନଙ୍କ ଗୁଳିମାଡ଼ରେ ଅନୁପ୍ରବେଶକାରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୫।୪:** ଜମ୍ମୁ-କଶ୍ମୀର ନିକଟରେ ଭାରତ ସୀମା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମକରିଥିଲେପାକିସ୍ଥାନଅନୁପ୍ରବେଶକାରୀ।ଫଳରେସୁରକ୍ଷାକର୍ମୀଦଳ(ବିଏସ୍‌ଏଫ୍)ଙ୍କ ଗୁଳି ମାଡରେ ପାକିସ୍ଥାନ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବୟସ ୩୫ବର୍ଷ ବୋଲି ଜଣାପଡିଛି । ଏପ୍ରିଲ ୪ତାରିଖ ମଧ୍ୟରାତ୍ରରେ ଅବଦୁଲିୟା ସୁରକ୍ଷା ବଳୟ ସୀମାରେଖାରେ ଏହି ଘଟଣାଟି ଘଟିଥିଲା। ସୂଚନାନୁଯାୟୀ, ଅନୁପ୍ରବେଶକାରୀଙ୍କ ସୀମାପାର ଉଦ୍ୟମ ସୁରକ୍ଷାକର୍ମୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ସେମାନଙ୍କୁ ସୀମା ପାର ନ କରିବାକୁ ସତର୍କ କରିଥିଲେ ସୁରକ୍ଷାକର୍ମୀ ଦଳ। କିନ୍ତୁ ଅନୁପ୍ରବେଶକାରୀ କୌଣସି କଥାକୁ ନଶୁଣି ଭାରତୀୟ ସୀମାରେ ପ୍ରବେଶ କରିଥିଲେ । ସୁରକ୍ଷାକର୍ମୀଙ୍କ ଚେତାବନୀକୁ ଭ୍ରୁକ୍ଷେପ ନକରି ସୀମାକୁ ପ୍ରବେଶ କରିଥିଲେ ଅନୁପ୍ରବେଶକାରୀ । ଯାହା ଫଳରେ ସୁରକ୍ଷା କର୍ମୀ ବାଧ୍ୟ ହୋଇ ତାଙ୍କ ଉପରକୁ ଗୁଳି ଚଲାଇଥିଲେ । ଘଟଣାସ୍ଥଳରେ ଜଣେ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଅନ୍ୟପଟେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାକୁ ଯାଞ୍ଚ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକ ଅନୁପ୍ରବେଶକାରୀଙ୍କ ଠାରୁ କୌଣସି ଅସ୍ତ୍ରଶସ୍ତ୍ର ମିଳିନଥିବାର ସୂଚନା ମିଳିଛି । ଅନୁପ୍ରବେଶକାରୀଙ୍କ ମୃତ ଦେହ ହସ୍ତାନ୍ତର ପାଇଁ ବିଏସଏଫ୍ ଏବଂ ପାକିସ୍ଥାନ ମଧ୍ୟରେ ବୈଠକ ପ୍ରକ୍ରିୟା ଆୟୋଜନ ହୋଇଥିଲା। ଦ୍ୱିପହର ପ୍ରାୟ ୧.୧୦ରେ ସୀମାବର୍ତ୍ତୀ କ୍ଷେତ୍ରରେ ବୈଠକ ଆରମ୍ଭ କରାଯାଇଥିଲା । ଅନୁପ୍ରବେଶକାରୀ ପାକିସ୍ଥାନର ବ୍ୟକ୍ତି ନୁହଁନ୍ତି ବୋଲି କହିଥିଲେ ଏବଂ ଶବକୁ ଗ୍ରହଣ କରିନଥିଲେ । ଅନୁପ୍ରବେଶକାରୀଙ୍କ ପ୍ରବେଶ ଉଦ୍ୟମ ବିଫଳ ହୋଇଛି । ଏହି ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ୍ଡା କଡ୍ଡି କରାଯାଇଛି ।



## ୬.୯ ତିବ୍ରତା ବିଶିଷ୍ଟ ଶକ୍ତିଶାଳୀ ଭୂକମ୍ପ

### ସୁନାମୀ ଚେତାବନୀ ଜାରି

**ନୂଆଦିଲ୍ଲୀ,୫।୪:** ନ୍ୟୁ ବ୍ରିଟେନ ଦ୍ୱୀପର ଉପକୂଳରେ ଶନିବାର ସକାଳୁ ୬.୯ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ପାପୁଆ ନ୍ୟୁ ଗିନି ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି। ଏହି ଶକ୍ତିଶାଳୀ ଭୂମିକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା ଏବଂ ସ୍ଥାନୀୟ ସମୟ ସକାଳ ୬:୦୪ ସମୟରେ କିମ୍ବେରୁ ପ୍ରାୟ ୧୯୪ କିଲୋମିଟର ଦକ୍ଷିଣ-ପୂର୍ବରେ ଝଟକା ହୋଇଥିଲା। ଆମେରିକା ପ୍ରଶାନ୍ତ ମହାସାଗର ସୁନାମି ସତର୍କତା କେନ୍ଦ୍ର କହିଛି, ସୁନାମି ତରଙ୍ଗ ଗୋଟିଏ ରୁ ତିନି ମିଟର ଉଚ୍ଚ ହେବାର ସମ୍ଭାବନା ଅଛି। ଏହା ବ୍ୟତୀତ ସୋଲୋମନ ଦ୍ୱୀପରେ ଛୋଟ ସୁନାମି ତରଙ୍ଗ ମଧ୍ୟ ଆସିପାରେ। ସୁନାମି ଚେତାବନୀ ପରେ, ରିପୋର୍ଟ କରାଯାଇଥିଲା ଯେ, ନ୍ୟୁ ବ୍ରିଟେନ ଦ୍ୱୀପରେ ୬.୯ ତୀବ୍ରତାର ଭୂମିକମ୍ପ ହେବାର ପ୍ରାୟ ୩୦ ମିନିଟ ପରେ, ସେହି ଅଞ୍ଚଳରେ ଦ୍ୱିତୀୟ ଥର ପାଇଁ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୩ ମାପ କରାଯାଇଥିଲା। କ୍ଷୟକ୍ଷତି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ନାହିଁ। ନ୍ୟୁ ବ୍ରିଟେନ ଦ୍ୱୀପରେ ପ୍ରାୟ ୫ ଲକ୍ଷ ଲୋକ ବାସ କରନ୍ତି। ଶକ୍ତିଶାଳୀ ଭୂମିକମ୍ପ ପରେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ନାହିଁ।

### ଏୟାର ଫୋର୍ସ ଇଞ୍ଜିନିୟରଙ୍କ ମୃତ୍ୟୁ

## ଲୁଟ୍ ପାଇଁ ହତ୍ୟା ନା ଯୋଜନାବଦ୍ଧ ଷଡ଼ଯନ୍ତ୍ର?



**ନୂଆଦିଲ୍ଲୀ,୫।୪:** ଭାରତୀୟ ବାୟୁ ସେନାର ମୁଖ୍ୟ ଇଞ୍ଜିନିୟର ଏସଏନ ମିଶ୍ରାଙ୍କ ହତ୍ୟା ଘଟଣାରେ ଉତ୍ତର ପ୍ରଦେଶର ପ୍ରୟାଗରାଜ ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି। ଉଚ୍ଚ ସୁରକ୍ଷାବଳୟ ମଧ୍ୟରେ ଥିବା କେନ୍ଦ୍ରୀୟ ଏୟାର କମାଣ୍ଡ ମୁଖ୍ୟାଳୟରେ ମାର୍ଚ୍ଚ ୨୯ ତାରିଖରେ ଶ୍ରୀ ମିଶ୍ରାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପୁଲିସ୍ କହିଛି ଯେ ଗିରଫ ଅଭିଯୁକ୍ତ ସୌରଭ କୁମାର ଘଟଣା ଦିନ ମିଶ୍ରାଙ୍କ ବାସଭବନରେ ଚୋରି କରିବାକୁ ପଶିଥିଲା। ଲୁଟ ଉଦ୍ଦେଶ୍ୟରେ ସେ ତାଙ୍କୁ ଗୁଳି କରି ମାରି ଦେଇଥିଲା। କିନ୍ତୁ ଏସଏନ ମିଶ୍ରାଙ୍କ ପରିବାର ପୁଲିସ୍‌ର ଏହି ଯୁକ୍ତିକୁ ଗ୍ରହଣ କରି ନାହାନ୍ତି। ସେମାନେ ମିଶ୍ରାଙ୍କ ହତ୍ୟା ପଛରେ ସାଂଘାତିକ ଷଡ଼ଯନ୍ତ୍ର ଥିବା ଅଭିଯୋଗ କରିଛନ୍ତି। ଏଥିସହ ଅଭିଯୁକ୍ତ ସୌରଭ କୁମାର ସୁପାରୀ ନେଇ ଏପରି ହତ୍ୟା କରିଥିବା କହିଛନ୍ତି।

ପୁଲିସ୍ କହିଛି ଯେ କୁମାର ଏୟାର ବେସ୍‌ର ବାଉଣ୍ଡରୀ ନିକଟରେ ଥିବା ଗଛରେ ଚଢ଼ି ଭିତରକୁ ଯାଇଥିଲା। ଭିତରେ ପଶିବା ପରେ ସେ କିଛି ସିସିଟିଭି ତାର କାଟି ଦେଇଥିଲା। ଡୋର ବେଲ ବଜାଇ ଥିଲା ଓ ମୁଖ୍ୟ ଦ୍ୱାର କାଟି ଭିତରେ ପଶିବାକୁ ଚେଷ୍ଟା କରିଥିଲା। ଏଥିରେ ଫେଲ ମାରିବାରୁ ସେ ଘରର ପଛ ପାଖକୁ ଯାଇଥିଲା। ସେଠାରେ ଥିବା ଝରକାକୁ ବାଡ଼େଇଥିଲା। ମିଶ୍ରା ଏହାକୁ ଖୋଲିବା ମାତ୍ରେ କୁମାର ତାଙ୍କୁ ଅତି ନିକଟରୁ ଗୁଳି କରି ଦେଇଥିଲା। ମିଶ୍ରାଙ୍କ ପରିବାରର ଓକିଲ ସୌରଭ ପ୍ରତାପ ସିଂହ କହିଛନ୍ତି, "କୁମାର ଘରର ପଛ ପଟେ ୫ ମିନିଟ ଛିଡ଼ା ହୋଇଥିଲା ଓ ଏହା ପରେ ଝରକା ବାଡ଼େଇ ଥିଲା। ମିଶ୍ରା ଶବ୍ଦ ଶୁଣି ଏହାକୁ ଖୋଲିବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା କୁମାର ତାଙ୍କ ଉପରକୁ ଗୁଳି କରିଥିଲା। ପୁଲିସର ଲୁଟ ଥିଓରୀରେ ସତ୍ୟତା ନାହିଁ। ଚୋରି କରିବା ଆସିଥିବା ଲୋକ ରାତି ୩ଟାରେ ଡୋର ବେଲ କାହିଁକି ମାରିବ?"

### ଅଷ୍ଟମ ବେତନ ନେଇ ଅପଡେଟ୍

## ବଢ଼ିବନି ଫିଟ୍‌ମେଣ୍ଟ ଫାକ୍ଟର

**ନୂଆଦିଲ୍ଲୀ,୫।୪:** ସରକାର ଯେବେଠାରୁ ସରକାର ନୂତନ ବେତନ କମିଶନକୁ ଅନୁମୋଦନ କରିଛନ୍ତି। ଆସନ୍ତା ବର୍ଷ ୮ମ ବେତନ କମିଶନ ଲାଗୁ ହେବାର ସମ୍ଭାବନା ରହିଛି। ନିକଟରେ କେନ୍ଦ୍ର ସରକାର ଡିଏ ବୃଦ୍ଧି କରିଛନ୍ତି, ଯାହା ପରେ ଏହି ଅନୁମାନ କରାଯାଉଛି। ଏବେ ସରକାର ଅଷ୍ଟମ ବେତନ କମିଶନରେ ଫିଟମେଣ୍ଟ ଫ୍ୟାକ୍ଟର ବୃଦ୍ଧି କରିବେ ନାହିଁ। ରିପୋର୍ଟ ଅନୁସାରେ, ସରକାର କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମାରେ ୫୦ ପ୍ରତିଶତ ଡିଏ ମିଶ୍ରଣ କରିବାକୁ ପ୍ରସ୍ତୁତ କରୁଛନ୍ତି। ଯଦି ଏହା ହୁଏ, ତେବେ ଅଷ୍ଟମ ବେତନ କମିଶନରେ ଅଧିକ ଫିଟମେଣ୍ଟ ଫ୍ୟାକ୍ଟରର ଚାହିଦା ହ୍ରାସ ପାଇବ ଏବଂ ସରକାର ନିମ୍ନ ଫିଟମେଣ୍ଟ ଫ୍ୟାକ୍ଟରକୁ ମଧ୍ୟ ବୃଦ୍ଧି କରିବେ। ଏହା ପଛରେ କାରଣ ହେଉଛି ବର୍ତ୍ତମାନ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କା। ଡିଏ ମିଶିବା ପରେ, ଏହା ୨୭,୦୦୦ ଟଙ୍କାକୁ ବୃଦ୍ଧି ପାଇବ। ବେତନ କମିଶନ ଲାଗୁ ହେବା ପୂର୍ବରୁ ଦରମା ବୃଦ୍ଧି ହେବ। ତେଣୁ, ଏହା ଫିଟମେଣ୍ଟ ଫ୍ୟାକ୍ଟରକୁ ପ୍ରଭାବିତ କରିବ।

# ସ୍ନାଇପର ସହ ମଇଦାନକୁ ଓହ୍ଲାଇଲେ କିମ୍ ଜୋଙ୍ଗ

### ଯୁଦ୍ଧର ଦେଲେ ଆଭାସ



**ନୂଆଦିଲ୍ଲୀ,୫।୪:** ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ ଜୋଙ୍ଗ ଉନ ପୁଣି ଥରେ ସାମରିକ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଏଥର ସେ ନିଜେ ଦାୟିତ୍ୱ ନେଇ ନୂଆ ସ୍ନାଇପର ରାଇଫଲର ପରୀକ୍ଷଣ କରିଛନ୍ତି। କିମ ଏକ ସ୍ୱତନ୍ତ୍ର ବାହିନୀ ୟୁନିଟ ପରିଦର୍ଶନ କରିଛନ୍ତି, ଯେଉଁଠାରେ ସେ ସୈନିକମାନଙ୍କ ସହିତ ଗୁଳିଚାଳନା ଅଭ୍ୟାସରେ ଅଂଶଗ୍ରହଣ କରିଛନ୍ତି । ତାଙ୍କର କାର୍ଯ୍ୟକଳାପ ଏପରି ଏକ ସମୟରେ ହୋଇଛି ଯେତେବେଳେ କୋରିଆ ଉପଦ୍ୱୀପରେ ରାଜନୈତିକ ଅସ୍ଥିରତା ରହିଛି।

ଉତ୍ତର କୋରିଆର ସରକାରୀ ଗଣମାଧ୍ୟମ କୋରିଆନ ସେଣ୍ଟ୍ରାଲ ନ୍ୟୁଜ ଏଜେନ୍ସି (କେସିଏନ୍‌ଏ) ଶନିବାର କହିଛି ଯେ କିମ ଜୋଙ୍ଗ ଶୁକ୍ରବାର ସ୍ୱତନ୍ତ୍ର ଅପରେସନ ୟୁନିଟ ଯାଞ୍ଚ କରିଛନ୍ତି। ଏହି ସମୟରେ ସେ କହିଛନ୍ତି, 'କେବଳ ପ୍ରକୃତ ଯୁଦ୍ଧ କ୍ଷମତା ଯୁଦ୍ଧକ୍ଷେତ୍ରରେ ବିଜୟ ସୁନିଶ୍ଚିତ କରିଥାଏ ଏବଂ ଏହି କ୍ଷମତା କେବଳ କଠୋର ତାଲିମ ମାଧ୍ୟମରେ ବିକଶିତ ହୋଇଥାଏ।' ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଦକ୍ଷିଣ କୋରିଆର ଗୁଇନ୍ଦା ସଂସ୍ଥା ଦାବି କରିଛି ଯେ ଉତ୍ତର କୋରିଆ ୟୁକ୍ରେନ ଯୁଦ୍ଧରେ ମସ୍କୋକୁ ସମର୍ଥନ କରୁଥିବା ଋଷିଆକୁ ସାହାଯ୍ୟ କରିବା ପାଇଁ ହଜାର ହଜାର ସୈନିକ ପଠାଇଛି।

ଏହି ଗସ୍ତ ସମୟରେ, କିମ ଜଙ୍ଗ ଉନ ସ୍ୱୟଂଚାଳିତ ରାଇଫଲ ଏବଂ ସ୍ନାଇପର ରାଇଫଲ ସହିତ ଗୁଳିଚାଳନା ଅଭ୍ୟାସ କରିଛନ୍ତି। ସେ ନିଜେ ନୂତନ ଭାବରେ ବିକଶିତ ସ୍ନାଇପର ରାଇଫଲରୁ ଗୁଳି ଚଳାଇଥିଲେ ଏବଂ ଏହାର ପ୍ରଦର୍ଶନରେ ଅତ୍ୟନ୍ତ ସନ୍ତୁଷ୍ଟ ମନେ ହେଉଥିଲେ। କେସିଏନ୍‌ଏ ଅନୁଯାୟୀ, ଏହି ଅସ୍ତ୍ର ଉତ୍ତର କୋରିଆରେ ହିଁ ନିର୍ମିତ ହୋଇଛି ଏବଂ ଏହା ଏକ ଉଚ୍ଚ-ପ୍ରଯୁକ୍ତି ଅସ୍ତ୍ର 'ନିଜ ଉପାୟରେ ବିକଶିତ', ଯାହାର ସଠିକତା ଏବଂ ଶକ୍ତି କିମ ମଧ୍ୟ ପ୍ରଶଂସା କରିଛନ୍ତି।

ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ଗସ୍ତ ସେହି ଦିନ ହୋଇଥିଲା ଯେତେବେଳେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ୟୁନ ସୁକ-ୟୋଲ ସାମ୍ବିଧାନିକ ଅଦାଲତ ପଦରୁ ବହିଷ୍କାର କରିବା ନିଶ୍ଚିତ କରିଥିଲେ। ୟୁନ ଉପରେ ଅଭିଯୋଗ ହୋଇଥିଲା ଯେ ସେ ଡିସେମ୍ବର ୨୦୨୩ ରେ ନାଗରିକ ଶାସନକୁ ଦୁର୍ବଳ କରିବା ପାଇଁ ସାମରିକ ଆଇନ ଲାଗୁ କରିବାକୁ ଚେଷ୍ଟା କରିଥିଲେ। କୋର୍ଟ ଏହାକୁ ଅସାମ୍ବିଧାନିକ ଘୋଷଣା କରି ତାଙ୍କୁ ପଦରୁ ବହିଷ୍କାର କରି ଦେଶରେ ନୂତନ ନିର୍ବାଚନ ପାଇଁ ପଥ ପ୍ରଶସ୍ତ କରିଛନ୍ତି। ବିଦେଶୀ ଗଣମାଧ୍ୟମକୁ ଦର୍ଶାଇ କେସିଏନ ପ୍ରଥମେ ୟୁନଙ୍କ ବରଖାସ୍ତ ବିଷୟରେ ଜଣାଇଥିଲେ। ଏହି ଘଟଣାକ୍ରମ ମଧ୍ୟରେ, ଦକ୍ଷିଣ କୋରିଆର ବିରୋଧୀ ଦଳ ନେତା ଲି ଜାଏ-ମ୍ୟୁଙ୍ଗ, ଯାହାଙ୍କ ଦଳ ଉତ୍ତର କୋରିଆ ପ୍ରତି ସମାଧାନମୂଳକ ମନୋଭାବ ପାଇଁ ଜଣାଶୁଣା, ତାଙ୍କୁ ଆଗାମୀ ନିର୍ବାଚନରେ ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଛି। ଏପରି ପରିସ୍ଥିତିରେ, କିମ ଜଙ୍ଗଙ୍କ ଏହି ସାମରିକ ଗସ୍ତ କୋରିଆନ ରାଜନୀତି ଏବଂ ଆଞ୍ଚଳିକ ରଣନୀତି ଦୃଷ୍ଟିରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ।

### ଆଇପିଏଲ୍ ଇତିହାସରେ ପ୍ରଥମ

# ଅଧିନାୟକ ଭାବେ ୫ ୱିକେଟ ନେଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ,୫ା୪:** ମ୍ୟାଚ ହାରିଲେ ହେଲେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଚଳିତ ଆଇପିଏଲରେ ଦଳର ତୃତୀୟ ପରାଜୟ ହୋଇଛି। ହେଲେ ନୂଆ ରେକର୍ଡ଼ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ଆଇପିଏଲ ଇତିହାସରେ ପ୍ରଥମ ଅଧିନାୟକ ଭାବେ ୫ଟି ୱିକେଟ ନେବାରେ ସଫଳ ହୋଇଛନ୍ତି ହାର୍ଦ୍ଦିକ।

ଇଣ୍ଡିଆନ ପ୍ରିମିୟର ଲିଗ୍ ସିଜନ ୧୮ରେ ଘରୋଇ ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷରେ ଶୁକ୍ରବାର ମୁମ୍ବାଇ ଇଣ୍ଡିଆନ୍ସର ଏକ ମ୍ୟାଚ ଥିଲା।ଏଥିରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏକ ରେକର୍ଡ଼ ନିଜ ନାମରେ ଲେଖାଇଛନ୍ତି। ସେ ଆଇପିଏଲ୍‌ରେ ପ୍ରଥମ ଅଧିନାୟକ ଭାବେ ୫ ୱିକେଟ୍ ନେଇ ଇତିହାସ ରଚିଛନ୍ତି। ଲକ୍ଷ୍ନୌ ବିପକ୍ଷରେ ପାଣ୍ଡ୍ୟା ଘାତକ ସାବ୍ୟସ୍ତ ହୋଇଥିଲେ। ସେ ୪ ଓଭର ବୋଲିଂ କରି ୩୬ରନ୍ ପ୍ରଦାନ କରିଥିଲେ। ସୁପରଜାଏଣ୍ଟ୍‌ସର ଆଡେନ ମାରକ୍ରମ, ନିକୋଲାସ ପୂରନ, ରିଷଭ ପନ୍ତ, ଡେଭିଡ୍ ମିଲର ଏବଂ ଆକାଶ ଦୀପ୍‌ଙ୍କ ୱିକେଟ୍ ଅକ୍ତିଆର କରିଥିଲେ।



ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ପୂର୍ବରୁ ସେ ୨୦୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟିରେ୧୬ରନ୍ ଦେଇ ୪ଟି ୱିକେଟ୍ ହାସଲ କରିଥିଲେ। ଆଇପିଏଲ୍ ଅଧିନାୟକ ଭାବେ ସେନ୍ ୱାର୍ଣ୍ଣଙ୍କ ନାମରେ ସର୍ବାଧିକ ୱିକେଟ୍ ରେକର୍ଡ଼ ରହିଛି। ସେ ମୋଟ ୫୭ଟି ୱିକେଟ୍ ନେଇଥିଲେ। ପାଣ୍ଡ୍ୟା ୩୦ ୱିକେଟ୍ ସହ ଦ୍ୱିତୀୟ, ଅନିଲ କୁମ୍ବଲେ ୩୦ ୱିକେଟ୍ ସହ ତୃତୀୟ, ରବିଚନ୍ଦ୍ରନ ଅଶ୍ୱିନ ୨୫ ୱିକେଟ୍ ସହ ଚତୁର୍ଥ ଏବଂ ପ୍ୟାଟ୍ କମିନ୍ସ ୨୧ ୱିକେଟ୍ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଶୁକ୍ରବାର ଲକ୍ଷ୍ନୌ ସୁପରଜାଏଣ୍ଟସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧରେ ଏକ ମ୍ୟାଚ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଋଷବ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ୨୦୩ ରନ କରିଥିଲା। ୨୦୪ ରନ୍‌ର ଟାର୍ଗେଟ୍ ପିଛା କରି ଫେଲ୍ ମାରିଥିଲା ପାଣ୍ଡ୍ୟା ସେନା। ୧୯୧ରନ କରିବାରେ ସକ୍ଷମ ହୋଇଥିଲା। ୧୨ରନରେ ବିଜୟୀ ହୋଇଥିଲା ଲକ୍ଷ୍ନୌ। ଚଳିତ ସିଜନରେ ଏହା ମୁମ୍ବାଇର ତୃତୀୟ ପରାଜୟ।

## ଏପ୍ରିଲ ୭ରେ ଫେରିପାରନ୍ତି ବୁମରା

**ନୂଆଦିଲ୍ଲୀ,୫ା୪:** ଚଳିତ ଆଇପିଏଲ୍ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସକୁ ଦଳର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତି ବାରି ହୋଇ ପଡ଼ିଛି। ଏବେ ତାଙ୍କର ଆହତ ସମସ୍ୟା ଓ ପ୍ରତ୍ୟାବର୍ତ୍ତନ ନେଇ ସଦ୍ୟତମ ସୂଚନା ଆସିଛି। ମିଡିଆ ରିପୋର୍ଟ ଅନୁସାରେ ବୁମରା ଆଗାମୀ ଦିନେ କି ଦୁଇ ଦିନ ଭିତରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ସହ ଯୋଗ ଦେଇ ପାରନ୍ତି। କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ, ବୁମରା ଏପ୍ରିଲ ୭ରେ ଖେଳା ଯିବାକୁ ଥିବା ଆରସିବି ବିପକ୍ଷ ମ୍ୟାଚ୍ ଖେଳି ପାରନ୍ତି? ଇଣ୍ଡିଆ ଟୁଡେ ଅନୁସାରେ ବୁମରା



ଆଗାମୀ ଦିନେ କି ଦୁଇ ଦିନ ଭିତରେ ମୁମ୍ବାଇ ଶିବିରରେ ଯୋଗ ଦେବେ। କୌଣସି ମ୍ୟାଚ୍ ପାଇଁ ମଇଦାନକୁ ଓହ୍ଲାଇବା ପୂର୍ବରୁ ବୁମରାଙ୍କୁ ନିଜକୁ ଫିଟନେସ୍ ସାବ୍ୟସ୍ତ କରିବାକୁ ପଡ଼ିବ। ସେଥିପାଇଁ ବୁମରାଙ୍କୁ ଦୁଇଟି ଅଭ୍ୟାସ୍ ମ୍ୟାଚ୍ ଖେଳିବାକୁ ପଡ଼ିବ। ଏହି କାରଣରୁ ବୁମରା ଏପ୍ରିଲ ୭ରେ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରୁ ବଞ୍ଚିତ ହୋଇ ପାରନ୍ତି। କିନ୍ତୁ ଏପ୍ରିଲ ୧୩ ତାରିଖ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ନିଶ୍ଚିତ ଲାଗୁଛି। ବୁମରା ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ବିପକ୍ଷ ଶେଷ ତଥା ପଞ୍ଚମ ମ୍ୟାଚ୍‌ପରେ କ୍ରିକେଟ୍‌ରୁ ଦୂରରେ ଅଛନ୍ତି। ତାଙ୍କ ପିଠିର ନିମ୍ନ ଭାଗରେ ସମସ୍ୟା ଦେଖା ଦେଇଥିଲା। ତେଣୁ ବୁମରା ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିଲେ।ମୁମ୍ବାଇ ଇଣ୍ଡିଆନ୍ସ ସହିତ ବିସିସିଆଇର ମେଡିକାଲ୍ ଟିମ୍ ମଧ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି ଯେ, ବୁମରା ସଂପୂର୍ଣ୍ଣ ଫିଟ୍ ସହ ପଡ଼ିଆକୁ ଫେରନ୍ତୁ। ଅନ୍ୟପଟେ ବୁମରାଙ୍କ ଅନୁପସ୍ଥିତିରେ ମୁମ୍ବାଇ ଏ ପର୍ଯ୍ୟନ୍ତ ସତ୍ୟନାରାୟଣ ରାଜୁ, ଭିଗ୍ନେଶ ପୁଥୁର ଓ ଅଶ୍ୱନୀ କୁମାରଙ୍କୁ ସୁଯୋଗ ଦେଇ ସାରିଛି। ତିନି ବୋଲର ପ୍ରଭାବଶାଳୀ ପ୍ରଦର୍ଶନ କରି ସଭିଙ୍କୁ ପ୍ରଭାବିତ କରିଛନ୍ତି। ଅନ୍ୟପଟେ ମୁମ୍ବାଇ ନିରାଶ ଜନକ ପ୍ରଦର୍ଶନ କରି ୪ଟି ମ୍ୟାଚ୍‌ରୁ କେବଳ ଗୋଟିଏ ଜିତିଛି। ବର୍ତ୍ତମାନ ଟ୍ରେଣ୍ଟ ବୋଲ୍ଟ ଓ ଦୀପକ ଚହର ମୁମ୍ବାଇ ଇଣ୍ଡିଆନ୍ସର ଦ୍ରୁତ ବୋଲିଂ ଆକ୍ରମଣ ସମ୍ଭାଳୁଛନ୍ତି। ବୁମରାଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳର ବୋଲିଂ ଲାଇନ ଅପ୍ ଆହୁରି ମଜବୁତ ହୋଇଯିବ। ତେବେ ଏ ପର୍ଯ୍ୟନ୍ତ ବୁମରାଙ୍କ ପ୍ରତ୍ୟାବର୍ତ୍ତନ ନେଇ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

## ଜାତୀୟ ଦୃଷ୍ଟିବାଧିତ ଚେସ୍: ୫୬ ମ୍ୟାଚ୍ ପରେ ହାରିଲେ କିଶନ



**ଭୁବନେଶ୍ୱର,୫ା୪:** ଅଷ୍ଟାଦଶ ଜାତୀୟ ଦୃଷ୍ଟିବାଧିତ ଚେସ୍‌ର ପଞ୍ଚମ ରାଉଣ୍ଡ୍‌ରେ ଶୁକ୍ରବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୮ଥର ଜାତୀୟ ବିଜେତା ତଥା ଟପ୍ ସିଡ୍ କର୍ଣ୍ଣାଟକର କିଶନ ଗାଙ୍ଗୁଲିଙ୍କୁ ଦ୍ୱିତୀୟ ସିଡ୍ ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ ପରାସ୍ତ କରିଛନ୍ତି। ୫୬ ମ୍ୟାଚ୍ ପରେ କିଶନଙ୍କର ଏହା ପ୍ରଥମ ପରାଜୟ ଥିଲା। ତେବେ କିଶନ ଷଷ୍ଠ ରାଉଣ୍ଡରେ ରୋହିତ ଆତ୍ମାରାମ ଯାଦବଙ୍କୁ ହରାଇ ବିଜୟଧାରାକୁ ଫେରିଛନ୍ତି। ଦର୍ପଣ ଈରାନୀ (୫.୫) ଶୀର୍ଷରେ ରହିଥିଲା ବେଳେ ଆର୍ଯ୍ୟନ ଓ କିଶନ (ସମାନ ୫) ଦ୍ୱିତୀୟ ଓ ତୃତୀୟରେ ରହିଛନ୍ତି। ପ୍ରାଚୁର୍ଯ୍ୟ କୁମାର ପ୍ରଧାନ (୪.୫) ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ (୪) ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ଅଛନ୍ତି। ପଞ୍ଚମ ରାଉଣ୍ଡରେ ନିଜ ନିଜ ମ୍ୟାଚ୍ ଜିତିଥିଲେ ଏହି ଦୁଇ ଓଡ଼ିଆ ଖେଳାଳି। ଷଷ୍ଠ ରାଉଣ୍ଡରେ ପ୍ରାଚୁର୍ଯ୍ୟ ମ୍ୟାଚ୍ ଅମୀମାଂସିତ ରଖିଥିଲା ବେଳେ ସୌନ୍ଦର୍ଯ୍ୟ ହାରିଯାଇଥିଲେ। ଅନ୍ୟ ଓଡ଼ିଶା ଖେଳାଳି ଶୁଭେନ୍ଦୁ କୁମାର ପାତ୍ର (୩.୫) ଓ ଦୀପକ କୁମାର ଭୋଇ (୨) ନିଜ ନିଜ ଷଷ୍ଠ ରାଉଣ୍ଡ ଜିତିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଧାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌନ୍ଦର୍ଯ୍ୟ, ପ୍ରାଚୁର୍ଯ୍ୟ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ, କିଶନ ଗାଙ୍ଗୁଲି, ଦର୍ପଣ ଈରାନୀ, ସ୍ୱପ୍ନିଳ ଏସ୍, ଆର୍ଯ୍ୟନ ଯୋଶୀଙ୍କ ଭଳି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ଦୃଷ୍ଟି ବାଧିତ ଚେସ୍ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସାଇ ଇଣ୍ଟରନ୍ୟାସନାଲ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷା ଶିଲ୍ପୀ ସାହୁ କହିଥିଲେ। ପ୍ରତିଯୋଗିତାର ଆର୍ବିଟର୍ କେଶବ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଇ ଇଣ୍ଟରନ୍ୟାସନାଲ ଆବାସିକ ବିଦ୍ୟାଳୟ (ଏସ୍‌ଆଇଆର୍‌ଏସ୍)ରେ ଆସନ୍ତା ବର୍ଷଠାରୁ ଇକ୍ୱେଷ୍ଟ୍ରିଆନ୍ ସ୍ପୋର୍ଟସ ବା ଅଶ୍ୱଚାଳନାର ବିଭିନ୍ନ କଳା କୌଶଳ ଶିଖିବା ଲାଗି ସ୍ୱତନ୍ତ୍ର ପ୍ରଶିକ୍ଷଣ ସୁବିଧା ମିଳିବ। ଏଥିଲାଗି ଭିତ୍ତିଭୂମି ତିଆରି ଆପାତତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୈଷୟିକ ଦିଗଗୁଡ଼ିକର ତର୍ଜମା ଚାଲିଛି। ମାରୱାଡ଼ି ପ୍ରଜାତିର ଚାରିଟି ଘୋଡ଼ା ସ୍କୁଲ୍‌ରେ ଥିଲା ବେଳେ ଆବଶ୍ୟକତା ଅନୁଯାୟୀ ଆଉ କିଛି ଘୋଡ଼ା ଆଣିବାକୁ ଯୋଜନା ଚାଲିଛି।

ଏହି ଯୋଜନା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବିଦ୍ୟାର୍ଥୀମାନଙ୍କୁ ସ୍କୁଲସ୍ତରରେ ଅଶ୍ୱଚାଳନା ଭଳି ଇକ୍ୱେଷ୍ଟ୍ରିଆନ୍ ଖେଳରେ ସମନ୍ୱିତ ପ୍ରଶିକ୍ଷଣ ଦେବାରେ ଏସ୍‌ଆଇଆର୍‌ଏସ୍ ସମ୍ଭବତଃ ପୂର୍ବ ଭାରତର ପ୍ରଥମ ସ୍କୁଲ୍ ହେବ। ସେହିଭଳି ଏଠାରେ ପିକଲବଲ୍ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ରହିଥିଲା ବେଳେ ସ୍ପୋର୍ଟ କ୍ଲାଇମ୍ବିଂ, ଟେବୁଲ ଟେନିସ୍, ବ୍ୟାଡମିଣ୍ଟନ୍, କ୍ରିକେଟ୍, ଫୁଟ୍‌ବଲ୍, ସନ୍ତରଣ ଆଦି ଖେଳକୁ ପ୍ରୋତ୍ସାହିତ କରାଯାଉଛି। ଅନ୍ତର୍ଜାତୀୟ ସନ୍ତରଣ ତାରକା ମନ୍ନତା ମିଶ୍ରଙ୍କ ଭଳି ଖେଳାଳି ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ପଢୁଥିବା କ୍ରୀଡ଼ା ତାରକାଙ୍କ ଲମ୍ବା ତାଲିକାକୁ ଆହୁରି ସମୃଦ୍ଧ କରିଛନ୍ତି। ଅଦିତି ତୋଡ଼ି ଜିମ୍ନାଷ୍ଟିକ୍ସରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଆଗାମୀ ସମୟରେ ପାଠ ସହ କ୍ରୀଡ଼ାର ସନ୍ତୁଳନ ରକ୍ଷା କରି ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ବିଭିନ୍ନ ଯୋଜନା ହାତକୁ ନେବାକୁ ଯାଉଛୁ'' ଶୁକ୍ରବାର ଗଣମାଧମ ପ୍ରତିନିଧିଙ୍କ ସହ ଆଲୋଚନା ଭିତ୍ତିକ କାର୍ଯ୍ୟକ୍ରମ ଅବସରରେ ସାଇ ଇଣ୍ଟରନ୍ୟାସନାଲ୍ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷା ଶିଲ୍ପୀ ସାହୁ ଏହା କହିଛନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦କୁ ଶ୍ରୀମତୀ ସାହୁ ସ୍ୱାଗତ କରିଥିଲା ବେଳେ ପିଲାମାନଙ୍କୁ ଆଜିକାର ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିଭଳି କେବଳ ପାଠ ପରିବର୍ତ୍ତେ ପିଲାଙ୍କ ସମଗ୍ର ବିକାଶ ଲାଗି ଖେଳକୁଦକୁ ମଧ ଅଗ୍ରାଧିକାର ଦେବାକୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆହ୍ୱାନ କରିଛନ୍ତି। ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତା ଆୟୋଜନକୁ ବିଦ୍ୟାଳୟର କ୍ରୀଡ଼ା କ୍ୟାଲେଣ୍ଡରରେ ସାମିଲ କରିବାକୁ ଆଲୋଚନା ଚାଲିଛି। ସେହିଭଳି ଓଡ଼ିଶା ଏଫ୍‌ସିର କନିଷ୍ଠ ଦଳ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ରେ ଅଭ୍ୟାସ କରିବା ସହ ସେମାନଙ୍କ ଦକ୍ଷ ପ୍ରଶିକ୍ଷକ ପିଲାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। କେବଳ ବିଦ୍ୟାଳୟ ନୁହେଁ, ବାହାର ପିଲାଙ୍କୁ ମଧ ଏସ୍‌ଆଇଆର୍‌ଏସ୍‌ରେ କ୍ରୀଡ଼ା ପ୍ରଶିକ୍ଷଣ ନେବାର ସୁଯୋଗ ମିଳୁଛି ବୋଲି ମତ ଦେବା ସହ ଆଗାମୀ ସମୟରେ ଏକ ଗୋଶାଳା ଖୋଲିବାକୁ ଚିନ୍ତା କରୁଥିବା ସୂଚନା ଦେଇଛନ୍ତି ସେ।

## ବିଶ୍ୱ ବକ୍ସିଂ: ଇତିହାସ ରଚିଲେ ହିତେଶ

### ଫାଇନାଲ୍ ପହଞ୍ଚିବାରେ ପ୍ରଥମ ଭାରତୀୟ



**ନୂଆଦିଲ୍ଲୀ, ୫ା୪:** ବ୍ରାଜିଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍‌ର ଫାଇନାଲ୍‌ରେ ପହଞ୍ଚି ଜାତୀୟ ବିଜେତା ହିତେଶ ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ଗୌରବ ପାଇଛନ୍ତି। ଶୁକ୍ରବାର ୭୦ କେଜି ସେମିଫାଇନାଲ୍‌ରେ ହିତେଶ ୫-୦ରେ ଫ୍ରାନ୍ସର ମାକନ ତ୍ରାଓରେଙ୍କୁ ହରାଇ ଦେଇଛନ୍ତି। ଫାଇନାଲ୍‌ରେ ସେ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ। ତେବେ ସେମିଫାଇନାଲ୍‌ରେ ପହଞ୍ଚିଥିବା ଯଦୁମଣି ସିଂହ ମଣ୍ଡେଙ୍ଗବାମ (୫୦ କେଜି) କଡ଼ା ସଂଘର୍ଷ କରି ୨-୩ରେ ପୂର୍ବତନ ୨୨ ବର୍ଷରୁ କମ୍ ଏସୀୟ ବିଜେତା ଉଜବେକିସ୍ତାନର ଆସିଲବେକ୍ ଜାଲିଲୋଭଙ୍କଠୁ ହାରିଯାଇଥିଲେ। ସେହିଭଳି ବିଶାଳ (୯୦ କେଜି) ୦-୫ରେ ଉଜବେକିସ୍ତାନର ତୁରାବେକ ଖାବିବୁଲ୍ଲାଏଭ ଓ ସଚିନ (୬୦ କେଜି) ପୋଲାଣ୍ଡର ପାୱେଲ ବ୍ରାକ୍‌ଙ୍କଠୁ ହାରିଯାଇଛନ୍ତି।

## ଆଇପିଏଲରୁ ସନ୍ନ୍ୟାସ ନେବେ ଧୋନୀ!



ମୁମ୍ବାଇ, ୫ା୪: ଦିଲ୍ଲୀ କ୍ୟାପିଟାଲ୍ସ ଚେନ୍ନାଇ ସୁପର କିଙ୍ଗ୍ସକୁ ଶନିବାର ବିଜୟ ଲାଗି ୧୮୪ରନର ଲକ୍ଷ୍ୟ ଦେଇଛି। କେଏଲ ରାହୁଲ ଆଇପିଏଲ ୨୦୨୫ର ୧୭ତମ ମ୍ୟାଚରେ ଅର୍ଦ୍ଧ ଶତକ ଲଗାଇଛନ୍ତି। ଭେଟରାନ ଖେଳାଳୀ ମହେନ୍ଦ୍ର ସିଂହ ଧୋନୀଙ୍କ ପରିବାର ଚେନ୍ନାଇ ଏବଂ ଦିଲ୍ଲୀ ମ୍ୟାଚ୍ ଦେଖିବାକୁ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ପହଞ୍ଚିଛନ୍ତି। ବିଶେଷ କଥା ଏହା କି ଧୋନୀଙ୍କ ବାପା-ମା ବି ମ୍ୟାଚ୍ ଦେଖିବାକୁ ପହଞ୍ଚିଛନ୍ତି। ଏହି ଖବର ପରେ ଧୋନୀଙ୍କ ସନ୍ନ୍ୟାସ ନେବା ଖବର ଏବେ ଚର୍ଚ୍ଚାରେ ରହିଛି। ପ୍ରକାଶ ଯେ, ଏହା ପ୍ରଥମ ଥର ଅଟେ କି ଧୋନୀଙ୍କ ବାପା ପାନ ସିଂହ ଧୋନୀ ମ୍ୟାଚ୍ ଦେଖିବାକୁ ପହଞ୍ଚିଛନ୍ତି। ଏହି କାରଣରୁ ଧୋନୀଙ୍କ ସନ୍ନ୍ୟାସର ଚର୍ଚ୍ଚା ହେଉଛି। ମାତ୍ର ଏହାକୁ ନେଇ କୌଣସି ପ୍ରକାରର ଅଫିସିଆଲ ସୂଚନା ମିଳିପାରିନାହିଁ। ଧୋନଙ୍କ ବାପା- ମାଙ୍କ ସହ ତାଙ୍କ ୱାଇଫ୍ ସାକ୍ଷୀ ଧୋନୀଙ୍କ ମ୍ୟାଚ୍ ଦେଖିବାକୁ ପହଞ୍ଚିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଧୋନୀ ପରିବାରର ଫଟୋ ଏକ୍ସରେ ସେୟାର କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୀତିର...

ବିଭିନ୍ନ ସମୟରେ ହଟାଇ ଦେଇଛନ୍ତି। ଏଭଳି ସୁଚିନ୍ତିତ ଢଙ୍ଗରେ ସେମାନଙ୍କୁ ହଟାଇଛନ୍ତି ଯେ ଜଣେ ହେଲେ କେହି ପ୍ରଶ୍ନ କରିବାକୁ ସାହସ କରିପାରିନାହାନ୍ତି। ବଦନାମ ମୁଣ୍ଡାଇ ବିଦା ହୋଇଥିବା କିଛି ମନ୍ତ୍ରୀଙ୍କ ରାଜନୀତି କ୍ୟାରିଅର୍ ବି ଶେଷ ହୋଇଯାଇଛି। ଯେଉଁମାନେ ବିଜେଡି ଗଠନ କରିଥିଲେ ଓ ନବୀନ ହାତ ଧରି ରାଜନୀତିକୁ ଆଣିଥିଲେ, ସେମାନେ ମଧ୍ୟ ନବୀନଙ୍କ ବିଷଦୃଷ୍ଟିରୁ ବାଦ ପଡିନାହାନ୍ତି। ଭବିଷ୍ୟତରେ କାଳେ ଏମାନେ କଣ୍ଟା ସାଜିବେ, ସେଥିପାଇଁ ଜଣଙ୍କ ପରେ ଜଣଙ୍କୁ ଯୋଜନାବଦ୍ଧ ଭାବେ ବିଦା କରିଥିଲେ।

ରାଜନୀତିରେ କିଭଳି ବିଶ୍ୱାସଘାତକତା କରାଯାଏ, ତାହା ବିଜୟ ମହାପାତ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା। ବିଜୁଙ୍କ ଧର୍ମପୁତ୍ର କୁହାଯାଉଥିବା ଦିଲ୍ଲୀପ ରାୟଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ତଡ଼ିବା ଓ ବୈଜୟନ୍ତଙ୍କୁ ବିଜେଡିରୁ ବିଦା କରିବା ସମୟରେ ମଧ୍ୟ ବିଜେଡି ମୁଖ୍ୟଙ୍କ ବିଶ୍ୱାସଘାତକ ରୂପ ସାମ୍‌ନାକୁ ଆସିଥିଲା। ବିଜେଡିରୁ ଧକ୍କା ଖାଇ ବିଦା ହୋଇଥିବା ଏହିପରି ନେତାଙ୍କ ତାଲିକା ବେଶ୍ ଲମ୍ବା।

ସେହିଭଳି ଶାସନ ଆରମ୍ଭରୁ ହିଁ ନବୀନ ଅନ୍ୟମୁଣ୍ଡରେ ଦୋଷ ଲଦି ଖସିବା ନୀତି ଆପଣେଇଥିଲେ। ପ୍ରଥମେ ସନ୍ତୋଷ ଶତପଥୀ, ପରେ ବେଣୁ ମିଶ୍ର, ଯୁଗଳ ମହାପାତ୍ର ଭଳି ପ୍ରଶାସକ ସବୁ କରୁଥିବା ବାହାରକୁ ଖବର ଛାଡିଥିଲେ। ଏହାପରେ ଆସିଥିଲେ ପ୍ୟାରୀ ମହାପାତ୍ର। ସେତେବେଳେ କୁହାଗଲା ସବୁକିଛି ପ୍ୟାରୀବାବୁ କରୁଛନ୍ତି। ପ୍ୟାରୀ ସାଜିଥିଲେ ବିଜେଡିର ମାଗଦର୍ଶକ। ପ୍ୟାରୀଙ୍କୁ ସବୁ ଦାୟିତ୍ୱ ଦେଇ ନବୀନ ନିଷ୍କଣ୍ଟକ ଶାସନ କରିଚାଲିଲେ। ଲୋକେ ନବୀନଙ୍କ ବଦଳରେ ସେମାନଙ୍କୁ ଗାଳି ଦେଲେ। ସମୟ ଚକ୍ରରେ ସେହି ପ୍ୟାରୀଙ୍କୁ ବେଇମାନ କହି ନବୀନ ବିଦା କରିଦେଲେ। ପ୍ୟାରୀଙ୍କ ଶବାଧାରରେ ନିଜେ ଫୁଲତୋଡାଟିଏ ଦେବାକୁ ବି ଗଲେନାହିଁ କିମ୍ବା ତାଙ୍କ ନିର୍ଦ୍ଦେଶରେ ବିଜେଡିର ସାନ ନେତାଟିଏ ବି ଯାଇନଥିଲେ। ପରେ ଆସିଲେ ପାଣ୍ଡିଆନ। ପ୍ୟାରୀଙ୍କ ଭଳି ପାଣ୍ଡିଆନ ସବୁ ବୁଝୁଥିବା ପ୍ରଚାର ହେଲା। ପାଣ୍ଡିଆନ ବିଜେଡିର କ୍ଷମତାକେନ୍ଦ୍ର ବୋଲି ରାଜ୍ୟବାସୀ ଜାଣିଲେ।

ବିଜେଡିର କିଛି ନେତାଙ୍କ କହିବା କଥା ହେଲା ଯେ ଅସଲ କ୍ଷମତା ନବୀନ ନିଜ ହାତରେ ରଖିଛନ୍ତି। ପ୍ୟାରୀଙ୍କଠାରୁ ପାଣ୍ଡିଆନ, ସମସ୍ତେ କେବଳ ମୋହରା। ଜାତୀୟ ରାଜନୀତିଠାରୁ ଆରମ୍ଭ କରି ରାଜ୍ୟ ରାଜନୀତି ପର୍ଯ୍ୟନ୍ତ ସବୁକିଛିର ନିଷ୍ପତ୍ତି ନବୀନ ହିଁ ନିଅନ୍ତି। ଅମିତ ଶାହାଙ୍କ ସହିତ ପାଣ୍ଡିଆନଙ୍କ କବାଟକିଳା ଆଲୋଚନା ହେଉ କିମ୍ବା ସେହିଭଳି କୌଣସି ନିଷ୍ପତ୍ତି ହେଉ, ନବୀନଙ୍କ ବିନା ଇସାରାରେ କିଛି ବି ହୁଏନି।

ବର୍ତ୍ତମାନ ୱାକଫ ବିଲ୍ ସପକ୍ଷରେ ବିଜେଡିର ଭୋଟ ନିଷ୍ପତ୍ତି ବି ନବୀନଙ୍କର। କାଳେ କିଏ ତାଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବ, ସେଥିପାଇଁ ଯୋଜନାବଦ୍ଧ ଭାବେ ସସ୍ମିତ ଓ ପାଣ୍ଡିଆନଙ୍କୁ ବଳିବୋଦା ବନାଯାଉଛି। ଗୋଟିଏ ଗୋଷ୍ଠୀ ସସ୍ମିତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠି ଏବେ ପାଣ୍ଡିଆନଙ୍କ ପଛରେ ପଡ଼ିଯାଇଛନ୍ତି। ଓଡ଼ିଶା ଛାଡ଼ିବାକୁ ସଜବାଜ ହେଉଥିବା ପାଣ୍ଡିଆନ ବି କିଛି ବିଜେଡି ନେତାଙ୍କ ନିଶାଣରେ। ନବୀନଙ୍କ ନିର୍ଦ୍ଦେଶରେ ଏମାନଙ୍କ ବିରୁଦ୍ଧରେ ଚାଲିଛି ଅପପ୍ରଚାର। ସସ୍ମିତ କ'ଣ ନବୀନଙ୍କ ବିନା ନିର୍ଦ୍ଦେଶରେ ଟ୍ୱିଟ୍ କରିବାକୁ ସାହସ କଲେ କି ବୋଲି ବିଜେଡିର କିଛି ନେତା ପରସ୍ପରକୁ ପ୍ରଶ୍ନ କରୁଛନ୍ତି।

### ପରକଟା ହେବେ...

ନେଇ ଚିଠି କରିଛନ୍ତି। ଉଭୟ ଚିଠିର ମର୍ମ ଯଦିଓ ସମାନ, ପ୍ରତାପଙ୍କ ଚିଠି କିନ୍ତୁ ଥିଲା ଆକ୍ରମଣାତ୍ମକ। ସୋସିଆଲ ମିଡିଆରେ ସସ୍ମିତଙ୍କ ପୋଷ୍ଟ ଦଳର ଆଭିମୁଖ୍ୟ ବିରୋଧୀ ଥିଲା କହି ଏହା ପଛରେ ଗଭୀର ଷଡ଼ଯନ୍ତ୍ର ଥିବାର ବି ହୃଦବୋଧ କରିଥିଲେ ପ୍ରତାପ। ତେଣୁ ରାଜ୍ୟସଭା ନେତା ଭାବରେ ସସ୍ମିତ କିଭଳି ଏ ପୋଷ୍ଟ କଲେ, ସେନେଇ ଗଭୀର ତର୍ଜମା ସହ ଷଡ଼ଯନ୍ତ୍ର ପଛରେ କିଏ ତା'ର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ପ୍ରତାପ।

ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ଯିଏ ଭୋଟିଂରେ ଭାଗ ନେଇନଥିଲେ ସେ ବି ଆଜି ମୁହଁ ଖୋଲିଛନ୍ତି । ସେ କହିଛନ୍ତି, ମୁଁ ବୁଝିପାରିଲିନି ସଂସଦରେ କ'ଣ ହେଲା । ସେଥିପାଇଁ ମୁଁ ଭୋଟ ଦେଲିନି। ବିଲ୍‌କୁ ବିରୋଧ ପାଇଁ ନବୀନ କହିଥିଲେ। ଶଙ୍ଖ ଭବନରେ ଏନେଇ ଆଲୋଚନା ବି ହୋଇଥିଲା। ମୁନ୍ନା ଖାଁଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ହଠାତ କିଏ ନିଷ୍ପତ୍ତି ବଦଳାଇଲା ଜାଣିନି। କିନ୍ତୁ ଏହି ନିଷ୍ପତ୍ତି ଯୋଗୁ ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟର ଆସ୍ଥା ହରାଉଛି। ବିଜେଡିର ଆଦର୍ଶରେ ବିଶ୍ୱାସ କରୁଥିବା ବିଜୁପ୍ରେମୀ ଏହି ତରବରିଆ ନିଷ୍ପତ୍ତି ପରିବର୍ତ୍ତନ ପଛରେ ଦାୟୀ କିଏ ବୋଲି ଜାଣିବାକୁ ଚାହୁଁଥିବା ସେ କହିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା ମଧ୍ୟ କହିଛନ୍ତି ଯେ କାଲି ଘଟଣା ବିଜେଡି ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ନିଜେ ସସ୍ମିତ ପାତ୍ର କହିଥିଲେ ଆମେ ୱାକଫ୍ ବିଲକୁ ବିରୋଧ କରିବୁ। କିନ୍ତୁ ୪୮ ଘଣ୍ଟା ନ ପୂରୁଣୁ ବିବେକ ଆଧାର କେମିତି ହୋଇଗଲା। ଆମର ସନ୍ଦେହ ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ସେଥିପାଇଁ ସେ କ୍ଷମା ମାଗନ୍ତୁ।

### ମୁଖ୍ୟ ସ୍ରୋତକୁ...

ଭାବେ ଜୀବନ କାଟିବାକୁ ମାଓବାଦୀମାନେ ସୁରକ୍ଷିତ ମଣୁଛନ୍ତି। ଏହି କ୍ରମରେ ଆଜି ତେଲେଙ୍ଗାନାରେ ୮୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ସମସ୍ତେ ପ୍ରତିବନ୍ଧିତ ସିପିଆଇ(ମାଓବାଦୀ) ଗୋଷ୍ଠୀର ସଦସ୍ୟ। ସେମାନେ ଆଜି ମଲ୍‌ଟି ଜୋନ୍-୧ର ଆଇଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ସରକାରଙ୍କ ପକ୍ଷରୁ 'ଅପରେସନ୍ ଚେୟୁତା' ଆରମ୍ଭ କରାଯାଇଥିବା ବେଳେ ମାଓବାଦୀମାନେ ଆକର୍ଷଣୀୟ ଥଇଥାନ ନୀତି ଦ୍ୱାରା ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଥିବା ପୁଲିସ୍ ବିଭାଗ ପକ୍ଷରୁ କୁହାଯାଇଛି।

ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ସକାଶେ ଆରମ୍ଭ ହୋଇଥିବା ଉପରୋକ୍ତ ଅପରେସନ୍‌ରେ ମାଓ କ୍ୟାଡର୍‌ମାନଙ୍କୁ ଆତ୍ମସମର୍ପଣ କରିବା ସକାଶେ ପ୍ରୋତ୍ସାହିତ କରଯାଉଛି। ଲାଲ୍ ଗଡ଼ ଛାଡ଼ିବାକୁ ଚାହୁଁଥିବା କୌଣସି ମାଓ କ୍ୟାଡର୍ ଏ ସଂକ୍ରାନ୍ତରେ ନିକଟସ୍ଥ ଥାନା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ସହ ନିଜେ କିମ୍ବା ନିଜର କୌଣସି ସମ୍ପର୍କୀୟ ମାଧ୍ୟମରେ ଯୋଗାଯୋଗ କରିବାକୁ କୁହାଯାଉଛି। ଏଥିସହ ଆତ୍ମସମର୍ପଣ ପରେ ପ୍ରତିଟି କ୍ୟାଡର୍‌ଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବା ସକାଶେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ସକାଶେ ମଧ୍ୟ ପ୍ରତିଶ୍ରୁତି ଦିଆଯାଉଛି। ଆତ୍ମସମର୍ପଣ ସଂକ୍ରାନ୍ତରେ ଆୟୋଜିତ ସାମ୍ବାଦିକ ସମ୍ମିଳନରେ ଆଇଜିପି ଏସ. ଚନ୍ଦ୍ରଶେଖର ରେଡ୍ଡୀ ସୂଚନା ଦେଇଛନ୍ତି। ତାଙ୍କ ସହ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଭଦ୍ରାଦି କୋଥଗୁଡେମ୍ ଜିଲ୍ଲା ଏସ୍‌ପି ରୋହିତ ରାଜୁ, ମୁଲୁଗୁ ଏଏସ୍‌ପି ଶିବମ୍ ଉପାଧ୍ୟାୟ, ପ୍ରୋବେସନାରୀ ଅଫିସର୍ ଋତ୍ୱିକ୍ ସାଇ କୋଟେ ଉପସ୍ଥିତ ଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨୦ ଜଣ ମହିଳା କ୍ୟାଡର ଅଛନ୍ତି। ଆତ୍ମସମର୍ପଣ ପରେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ମାଓବାଦୀମାନେ ମୁଖ୍ୟତଃ ଛତିଶଗଡ଼ର ସୁକୁମା ଓ ବିଜାପୁର ଆଖପାଖ ଅଞ୍ଚଳରେ ଅପରେସନ୍‌ରେ ସାମିଲ୍ ରହୁଥିଲେ। ଗତକାଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଛତିଶଗଡ଼ର ବସ୍ତର ଗସ୍ତ କରି ସେଠାରେ ମାଓବାଦୀମାନଙ୍କୁ ଅସ୍ତ୍ରତ୍ୟାଗ କରିବା ସକାଶେ ନିବେଦନ କରିଥିଲେ।

### ସାଢ଼େ ୩ କୋଟି...

ପରିବାରକୁ ଗୋଟିଏ କାର୍ଡ଼ ମିଳିଥିଲା। ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ଼ ଉପଲବ୍ଧ ହେବ। ପୂର୍ବରୁ କେବଳ ୧୬ଟି ରାଜ୍ୟରେ ୯୦୦ଟି ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା । ଏବେ ଦେଶରେ ୨୯,୦୦୦ ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳିବ।

ସେହିପରି ବୟୋ ବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ୨୯,୦୦୦ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ଓଡ଼ିଶା ସରକାରଙ୍କୁ ଭାରତ ସରକାରଙ୍କ ଠାରୁ ଏହି ଯୋଜନାରେ ନିର୍ଦ୍ଧାରିତ ଅନୁଯାୟୀ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ହେବ । ହିତାଧିକାରୀମାନଙ୍କ ପାଇଁ ଇ-କେ.ୱାଇ.ସି ସହ କାର୍ଡ଼ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ହେବ। କେବଳ ପଶ୍ଚିମବଙ୍ଗରେ ଏହି ଯୋଜନା ଲାଗୁ ହେବାରେ ବିଳମ୍ବ ହୋଇପାରେ। କାରଣ ଏଠାରେ ଆୟୁଷ୍ମାନ ଯୋଜନା ଲାଗୁ ହୋଇନଥିବାରୁ ଆମେ ସେଠିକାର ହସ୍ପିଟାଲ ସହ ଯୋଗାଯୋଗରେ ଅଛୁ।

ପୂର୍ବ ସରକାର ଆୟୁସମାନ ଭାରତ ଲାଗୁ ନ କରିବା ଫଳରେ ୩୦ ହଜାର କୋଟି ଟଙ୍କା କ୍ଷତି ହୋଇଛି। ଦୁର୍ନୀତି ନ ହେବା ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ପ୍ରଚାର ପ୍ରସାର ପାଇଁ ରାଜ୍ୟ ସ୍ତରୀୟ ଉଦଘାଟନ ଦିନ ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ। ଏଥିରେ ପ୍ରାୟ ୧୦୦୦ ଲୋକଙ୍କୁ କାର୍ଡ ବାଣ୍ଟନ କରାଯିବ। ସଚେତନ ପାଇଁ ୭ ଦିନ ସଚେତନତା ରଥ ବୁଲିବ। ୨ ମାସ ଭିତରେ ନୂଆ କାର୍ଡ ସମସ୍ତଙ୍କ ପାଖରେ ପହଁଚିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

### ମୋଦିଙ୍କୁ...

ନାଗରିକ ସମ୍ମାନ ହୋଇଥିବା ବେଳେ ଏହାକୁ ଗତ ୨୦୦୮ ଫେବୃଆରୀରେ ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେ ଆରମ୍ଭ କରିଥିଲେ। ପୂର୍ବରୁ ଏହି ପୁରସ୍କାର ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମୌମୁନ ଅବଦୁଲ ଗୟୁମ ଓ ଦିବଂଗତ ପାଲେଷ୍ଟାଇନୀୟ ନେତା ୟାସେର ଆରାଫାତଙ୍କୁ ପ୍ରଦାନ କରାଯାଇସାରିଛି। ତାଙ୍କ ଅଭିଭାଷଣରେ ମୋଦି କହିଥିଲେ ଯେ ରାଷ୍ଟ୍ରପତି ଦିଶାନାୟକଙ୍କ ଦ୍ୱାରା ଶ୍ରୀଲଙ୍କା ମିତ୍ର ବିଭୂଷଣ ଭାବେ ସମ୍ମାନିତ ହେବା ମୋ ପାଇଁ ସମ୍ମାନର ବିଷୟ। ଏହା ୧.୪ କୋଟି ଭାରତୀୟଙ୍କ ପାଇଁ ମଧ୍ୟ ଗର୍ବ ଓ ଗୌରବର ବିଷୟ। ଏହି ପୁରସ୍କାରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ପ୍ରଶଂସାପତ୍ର ସହ ରୌପ୍ୟ ପଦକ ମିଳିଛି। ଏହି ରୌପ୍ୟ ପଦକରେ ୯ ପ୍ରକାରର ଶ୍ରୀଲଙ୍କା ମଣିପଥର ସହ ପଦ୍ମ, ଗ୍ଲୋବ, ସୂର୍ଯ୍ୟ, ଚନ୍ଦ୍ର ଓ ଚାଉଳର ବିଡ଼ା ଖଚିତ ଥାଏ। ପଦକରେ ମୁଦ୍ରିତ ଧର୍ମଚକ୍ର ଦୁଇ ଦେଶର ସାଂସ୍କୃତିକ ପରମ୍ପରାକୁ ଆକାର ଦେଇଥିବା ସହଭାଗୀ ବୌଦ୍ଧ ଐତିହ୍ୟକୁ ପ୍ରତିନିଧିତ୍ୱ କରେ।

### ରାଜ୍ୟ ପାଇଁ...

(ପିଭିଟିଜି) ବସତିକୁ ସବୁଦିନିଆ ସଡ଼କ ଯୋଗାଯୋଗ ପ୍ରଦାନ କରାଯାଉଛି । ଏହାଦ୍ୱାରା ପିଭିଟିଜି ସମ୍ପ୍ରଦାୟ ବହୁଳ କ୍ଷେତ୍ରରେ ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରିବ। ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବ, ଉପାନ୍ତ ଗାଁ ଓ ସହରୀ କେନ୍ଦ୍ର ମଧ୍ୟରେ ବ୍ୟବଧାନ ଦୂର ହେବ। ସ୍ଥାନୀୟ ଅଞ୍ଚଳର ବିକାଶ ସହ ବାଣିଜ୍ୟ କାରବାର, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ବଜାର ଭଳି ସୁବିଧାସୁଯୋଗ ପହଞ୍ଚି ପାରିବ। ଏହାଦ୍ୱାରା ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ। ପିଏମ ଜନମନ ଯୋଜନାକୁ ବିକଶିତ ଭାରତ ଦୃଷ୍ଟିକୋଣ ନେଇ ପ୍ରସ୍ତୁତ କରାଯାଇଥିବା ବେଳେ ଏହା ଅଧୀନରେ ନିର୍ମାଣ କରାଯାଉଥିବା ପ୍ରକଳ୍ପଗୁଡ଼ିକର ପରିବର୍ତ୍ତନକାରୀ ପ୍ରଭାବ ଜନଜାତି ସମୁଦାୟର ବିକାଶ ଓ ସମୃଦ୍ଧିରେ ଯୋଗଦାନ କରିବ।

### ଆଇଆଇସିଙ୍କୁ...

ଆଇଆଇସି। ସେପଟେ ସରକାର ଓ ଦଳ କିନ୍ତୁ ଜୟନାରାୟଣଙ୍କ ବିରୋଧରେ ଆକ୍ସନ ନେଉନାହାଁନ୍ତି।

ଗତକାଲି ଖୋଦ ପୁଲିସ ଡିଜି କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। କିନ୍ତୁ ୪୮ ଘଣ୍ଟା ପରେ ବି ହାତବାନ୍ଧି ବସିଛି ପୁଲିସ। ରାଜ୍ୟ ସଙ୍ଗୀତକୁ ଅବମାନନା ପ୍ରସଙ୍ଗରେ ବି ବିଜେପି ସରକାର ନିରବ ଥିଲେ। ଏବେ ବି ଆଇନଶୃଙ୍ଖଳାର ଉତ୍ତର ଦାୟିତ୍ୱ ନେଉଥିବା ସରକାର ଜୟନାରୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ସେପଟେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଧାୟକ ଜୟନାରାୟଣ। ପୁଲିସ ତାଙ୍କୁ ଏନେଇ ଅଦ୍ୟାବଧି ଯୋଗାଯୋଗ କରିନାହିଁ ବୋଲି ସେ କହିଛନ୍ତି। ଝଣ୍ଡା ଯାତ୍ରାରେ ଖଣ୍ଡା ବୁଲାଇବା ଆମ ପରମ୍ପରା ବୋଲି ବିଧାୟକ ମଧ୍ୟ ଯୁକ୍ତି ବାଢିଛନ୍ତି। ଦଶହରାରେ ଆମର ଅସ୍ତ୍ର ପୂଜା ହୋଇଥାଏ ବୋଲି ସେ କହିଛନ୍ତି।

## ୫୬ ହଜାରକୁ ଖସିବ ସୁନା ଦର!

**ନୂଆଦିଲ୍ଲୀ,୫ା୪:** କ୍ରମାଗତ ଭାବେ ଆକାଶଛୁଆଁ ହେବା ପରେ ଆଗକୁ ତଳମୁହାଁ ହେବାକୁ ଯାଉଛି ସୁନା ଦର। ଏକଦା ୧୦ ଗ୍ରାମ ପ୍ରତି ୯୦ ହଜାର ଟପିଥିବା ୨୪ କ୍ୟାରେଟ୍ ସୁନା ଦର ଆଗକୁ ୫୬ ହଜାରକୁ ଖସିଯିବ ବୋଲି ଆକଳନ କରାଯାଉଛି। ଆମେରିକାର ଏକ ଆର୍ଥିକ ସେବା ସଂସ୍ଥା ମର୍ଣ୍ଣିଂ ଷ୍ଟାର ଏହି ଆକଳନ କରିଥିବା ବେଳେ ଏହାକୁ ନେଇ ମଧ୍ୟମବର୍ଗ ଓ ସାଧାରଣ ଗ୍ରାହକଙ୍କ ଭିତରେ ବଢିଛି ଉତ୍ସୁକତା। ଏପଟେ ଗତ ଦୁଇ ଦିନ ଭିତରେ ସୁନା ଦର ପ୍ରାୟ ୨.୫ ହଜାର ଟଙ୍କା କମିସାରିଛି। ହୁ ହୁ ବଢୁଥିବା ସୁନା ଭାଉରେ ଓଲଟା ଗତି। ଲଗାତାର ଉପର ମୁହାଁ ହେଉଥିବା ଦରରେ ବ୍ରେକ୍ ପରେ ଏବେ ତଳମୁହାଁ ଏହି ହଳଦିଆ ଧାତୁର ମୂଲ୍ୟ। ଖାଲି ସେତିକି ନୁହେଁ, ଆଗାମୀ ଦିନରେ ଆହୁରି ଶସ୍ତା ହେବାକୁ ଯାଉଛି ସୁନା। ଆଗକୁ ସୁନା ଦରରେ ଅହେତୁକ ମୂଲ୍ୟ ହ୍ରାସ ନେଇ ଆକଳନ କରିଛି ଆମେରିକୀୟ ଆର୍ଥିକ ସେବା ସଂସ୍ଥା। ଏହି ସଂସ୍ଥାର ପୂର୍ବାନୁମାନ ଅନୁସାରେ ଖୁବଶୀଘ୍ର ସୁନା ଦର ୫୬ ହଜାରକୁ ଖସିବ। ମର୍ଣ୍ଣିଂ ଷ୍ଟାରର ବଜାର ବିଶେଷଜ୍ଞ ଜନ ମିଲ୍ସଙ୍କ ମତ ଅନୁସାରେ, ଆଗାମୀ କିଛି ବର୍ଷ ମଧ୍ୟରେ ସୁନା ମୂଲ୍ୟ ୩୮ ପ୍ରତିଶତ ହ୍ରାସ ଘଟିବ। ଏବେ ଆଉନ୍ସ ପିଛା ୩ ହଜାର ଡଲାର ଉପରେ ରହିଥିବା ସୁନା ଦର ଆଗକୁ ୧ ହଜାର ୮୨୦ ଡଲାରକୁ ହ୍ରାସ ପାଇବ। ଭାରତୀୟ ମୁଦ୍ରା ହିସାବରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୫୫-୫୬ ହଜାର ଟଙ୍କା ମଧ୍ୟରେ ରହିବ। ସୁନାର ଦର ବଢିବାରୁ ଅଧିକ ଖନନ ଉପରେ ଜୋର ଦେଇଛନ୍ତି ଉତ୍ପାଦନକାରୀ। ଆଗାମୀ ଦିନରେ ପୁରୁଣା ସୁନାର ରି-ସାଇକେଲିଂ ବି ଯୋଗାଣ ବଢ଼ାଇବ। ଯୋଗାଣ ବଢ଼ିଲେ ଦର ହ୍ରାସ ପାଇଁ ବାଟ ଖୋଲିବ ବୋଲି କୁହାଯାଉଛି। ସେହିପରି ବିଶ୍ୱରେ ଯୁଦ୍ଧ ସ୍ଥିତି ଓ ରାଜନୈତିକ ଅସ୍ଥିରତା କାରଣରୁ ବିଭିନ୍ନ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କ ଓ ନିବେଶକ ଏବେ ସୁନାକୁ ସୁରକ୍ଷିତ ପୁଞ୍ଜିନିବେଶ ବିକଳ୍ପ ଭାବେ ବାଛି ନେଇଛନ୍ତି। କିନ୍ତୁ ତିନି ଚତୁର୍ଥାଂଶ କେନ୍ଦ୍ରୀୟ ବ୍ୟାଙ୍କ ଆଗାମୀ ବର୍ଷକ ମଧ୍ୟରେ ସୁନା କିଣାରେ ଫୁଲ୍ ଷ୍ଟପ୍ ଲଗାଇ ବିକ୍ରି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ୨୦୨୪ରେ ଗୋଲ୍ଡ ସେକ୍ଟରରେ ୩୨ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏଣୁ ସୁନାରେ ପୁଞ୍ଜିନିବେଶ ପ୍ରାୟତଃ ଶୀର୍ଷରେ ପହଞ୍ଚି ସାରିଛି। ଏବେ ନିମ୍ନଗାମୀ ହେବାର ସମୟ ଆସିଛି।

## ଏମକେସିଜିରେ ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଣ ଦାବି



**ବ୍ରହ୍ମପୁର, ୫।୪ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାବାସୀ ନିର୍ଭର କରୁଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ/ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆଣିବା ସହିତ ମେଡିକାଲର ଜରୁରୀକାଳୀନ ଚିକିତ୍ସାରେ ସୁଧାର ଆଣିବା ପାଇଁ ନିୟମିତ ଭାବରେ ବରିଷ୍ଠ ଚିକିତ୍ସକଙ୍କୁ ନିଯୁକ୍ତି ପ୍ରଦାନ କରିବା ଦାବୀରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେସ କ୍ଲବ ବ୍ରହ୍ମପୁର ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଛି । ଶନିବାର ପ୍ରେସ କ୍ଲବ ପକ୍ଷରୁ ସଭାପତି ଅଶୋକ କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଓ ପ୍ରେସ କ୍ଲବ ସଦସ୍ୟଙ୍କ ସହିତ ସହରର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କ ଜରିଆରେ ଏହି ଦାବୀପତ୍ର ପ୍ରଦାନ କରାଯିବା ସହିତ କିପରି ରୋଗୀମାନେ ବିଭିନ୍ନ ସମୟରେ ଗୁରୁତର ହୋଇ ଯେତେବେଳେ କାଜୁଆଲଟିରେ ଭର୍ତ୍ତୀ ହୋଇଥାନ୍ତି ସେହି ସମୟରେ ନାନା ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି ତାହାକୁ ଉପସ୍ଥାପନା କରିବା ସହିତ ଏହାର ସମାଧାନ କରିବା ସହିତ ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଥିଲେ । ସେପଟେ ପ୍ରେସ କ୍ଲବ ର କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସହିତ ଆଲୋଚନା ପରେ ଅଧକ୍ଷା ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ଏ ନେଇ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସହିତ ଆଲୋଚନା କରାଯାଇ କିପରି ଉପସ୍ଥାପନା କରାଯାଇଥିବା ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି।

## ସମସ୍ତ ଅଧିକାରୀଙ୍କ ପ୍ରକୋଷ୍ଠରେ ସୂଚନା ଫଳକ ଲଗାଇବାକୁ ବିଡିଓଙ୍କୁ ଦାବିପତ୍ର




**ବେତନଟୀ, ୫।୪ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ପରିସରରେ ଥିବା ସମସ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରୋକ୍ଷରେ ସୁଚନା ଫଳକ ଲଗାଯିବା ନେଇ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ଶନିବାର ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଫଳକ ନଥିବା ଯୋଗୁଁ ବେତନଟୀ ବ୍ଲକ ଅଞ୍ଚଳର ଲୋକ ମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ବେତନଟୀ ବ୍ଲକ ମିଡିଆ ଆସୋସିଏସନ୍‌ର ସଦସ୍ୟମାନେ ଏହି ଦାବିପତ୍ର ମାଧମ ରେ ବିଡ଼ିଓ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପରିସର ମଧରେ ଆଇ.ପି.ଓ.ଙ୍କୁ ପ୍ରାୟ ଏକ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ବେତନଟୀ ବ୍ଲକର ଜନ ସାଧାରଣ ଦେଖି ବାକୁ ପାଇ ନଥିବା ବେଳେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ , ବ୍ଲକ ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ ମଙ୍ଗଳ ଅଧିକାରି, ବ୍ଲକ ସମାଜ ମଙ୍ଗଳ ଅଧିକାରୀ, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ, ମିଶନ ଶକ୍ତି ଅଧିକାରୀ, ଜଳ ଯୋଗାଣ ଓ ପରିମଳ ବିଭାଗର ବ୍ଲକ ସଂଯୋଜକଙ୍କ କାର୍ଯ୍ୟାଳୟ ରେ ସୂଚନା ଫଳକ ନଥିବାରୁ ଏହି ଅଧିକାରୀ ମାନଙ୍କୁ ସାକ୍ଷାତ କରିବାରେ ଅସୁବିଧା ସୃଷ୍ଟି ହେଉଛି। ଏଭଳି କି ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ପୂର୍ବ ରୁ ବ୍ଲକ ପରିସର ରେ ରହିଥିବା ବେଳେ ପ୍ରାୟ ୬ମାସ ହେବ ଏହି ଅଧିକାରୀଙ୍କୁ ଲୋକେ ଖୋଜି ପାଉନାହାନ୍ତି। ବେତନଟୀ ବ୍ଲକର ୨୪ ଗ୍ରାମ ପଞ୍ଚାୟତର ଅଧିକାଂଶ ଜନସାଧାରଣ ଏହି ଅଭିଯୋଗ ଆଣିଛନ୍ତି। ସୂଚନା ଯୋଗ୍ୟ ବେତନଟୀ ବ୍ଲକ ହେଡ୍ କ୍ୱାଟର ଠାରୁ ପ୍ରାୟ ଅଧିକାଂଶ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଗ୍ରାମ ଗୁଡ଼ିକ ୧୦ରୁ ୩୦ କିଲୋମିଟର ଦୂରତା ରହିଛି। ସେମାନେ ଏଥି ପାଇଁ ଟ୍ରେନ୍,ବସ ଏବଂ ସାଇଲେରେ ଆସି ଦୀର୍ଘ ସମୟ ଅପେକ୍ଷା କରି ଅଧିକାରୀଙ୍କୁ ନପାଇ ନିରାଶ ହୋଇ ଫେରୁ ଥିବା ଦେଖିବାକୁ ମିଳୁଛି। ବେତନଟୀ ବ୍ଲକ ଆଇ.ପି.ଓ. ଏବଂ ସହକାରୀ ମତ୍ସ୍ୟ ଅଧିକାରୀ ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା କାରଣ ଜନସାଧାରଣଙ୍କ ପାଖରେ ଅସ୍ପଷ୍ଟ ରହିଛି। ବେତନଟୀ ବିଡିଓ ବ୍ଲକରେ ଆଇ.ପି.ଓ. ଅନୁପସ୍ଥିତ ରହିବାର କାରଣ ସମ୍ପର୍କରେ ଖୁବ୍ ଶୀଘ୍ର ସୂଚନା ବେତନଟୀ ବ୍ଲକ ମିଡିଆ ଆସୋସିଏସନ୍ କୁ ଜଣାଇବା ସହ ମତ୍ସ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ବୈସିଙ୍ଗା କୁ ଉଠି ଯାଇଥିବା ଜଣାଇଛନ୍ତି। ବ୍ଲକରେ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅତି ଶୀଘ୍ର ସୂଚନା ଫଳକ ଲଗାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## ଶ୍ରମିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

**ବ୍ରହ୍ମପୁର, ୫।୪ (ସଂଚାର ବ୍ୟୁରୋ):** ଜାତୀୟ ଶ୍ରମିକ ଶିକ୍ଷା ଓ ଉନ୍ନୟନ ବୋର୍ଡ ପକ୍ଷରୁ ଶ୍ରମିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଅନ୍ତର୍ଗତ ଦତ୍ତପନ୍ତ



ଥେଙ୍ଗିଡି ଜାତୀୟ ଶ୍ରମିକ ଶିକ୍ଷା ଓ ଉନ୍ନୟନ ବୋର୍ଡ ବ୍ରହ୍ମପୁର ପକ୍ଷରୁ ଗୋସାଇଁନୂଆଗାଁ କାଳୁଆ ମନ୍ଦିର ପରିସରରେ ସ୍ଥାନୀୟ ଶ୍ରମିକ ମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୋର୍ଡର ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଶତପଥୀ, ବରିଷ୍ଠ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଗଞ୍ଜାମ ଜିଲ୍ଲାର ବରିଷ୍ଠ ଶ୍ରମିକନେତା ଓ ସଙ୍ଗଠକ ତଥା ଭାରତୀୟ ମଜଦୂର ସଙ୍ଘର ଗଞ୍ଜାମ ଜିଲ୍ଲା ସମ୍ପାଦକ ଶ୍ରୀ ଉମାଶଙ୍କର ସାହୁ ଯୋଗଦେଇ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜ ନିଜର ମତ ଦେଇଥିଲେ। ସ୍ୱେଚ୍ଛାସେବୀ ଜଗନ୍ନାଥ ରାଉଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭାରେ ଉପସ୍ଥିତ ଥିବା ଉଭୟ ସଙ୍ଗଠିତ ଓ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ମାନଙ୍କ ଶ୍ରମିକ କାର୍ଡ ପଞ୍ଜୀକରଣ କାର୍ଯ୍ୟ କରାଯାଇଥିଲା।

### ଅନ୍ତ୍ୟୋଦୟ ଗୃହ ଯୋଜନାର ସଫଳତା ନେଇ ସନ୍ଦେହ

# ଗଳାବାଟରେ ହିତାଧିକାରୀ ଚୟନ

**କାକଟପୁର/ଅସ୍ତରଙ୍ଗ, ୫।୪ (ସଂଚାର ବ୍ୟୁରୋ):** ସମାଜର ଆର୍ଥିକ ଅନଗ୍ରସରଙ୍କ କ୍ଷେତ୍ରରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ସରକାର କାର୍ଯ୍ୟକାରୀ କରିବାକୁ ଯାଉଥିବା ବେଳେ ହିତାଧିକାରୀ ଚୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଯୋଜନାରେ ସରକାର ସ୍ପଷ୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି। ତଥାପି ୧୯୯୯ମସିହା ମହାବାତ୍ୟା ପରେ ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ସେମାନଙ୍କୁ ସାନି ଅନ୍ତ୍ୟୋଦୟ ଗୃହ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ କି ନାହିଁ ସେଥିନେଇ ନିଷ୍ପତି ନେବାରେ ପ୍ରଶାସନ ଟାଳଟୁଳନୀତି ଅବଲମ୍ବନ କରୁଥିବା ଅଭିଯୋଗ ଉଠିଛି। ଏଣେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚୟନ ହୋଇଥିବା ନୂତନ ହିତାଧିକାରୀ ଅନ୍ୟାନ୍ୟ ଅଭାବୀ ବ୍ୟକ୍ତି ଶ୍ରେଣୀ ବର୍ଗର ରହିଥିବା ଦର୍ଶାଯାଇଛି। ଯାହାକି ସାଧାରଣରେ କୌତୁହଳ ଖେଳାଇଛି।

ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ନାବାଳକ ଥିବା ବିଧବା ମହିଳା, ପରିବାର ମୁଖ୍ୟ ଉପାର୍ଜନକାରୀ ଭିନ୍ନକ୍ଷମ, ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ଥିବା




ପରିବାର, କୁଷ୍ଠ ରୋଗରୁ ମୁକ୍ତି, ମୁକ୍ତ ଗୋତି ଶ୍ରମିକ, ସହିଦ ପରିବାର, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ଭାବେ ବଡ଼ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିବା ପରିବାର ବା ପୀଡିତଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସ୍ପଷ୍ଟ ହୋଇଛି। ତଥାପି ନିଡ଼ି ପର୍ସନ ବା ଅନ୍ୟାନ୍ୟ ଅଭାବୀ ବ୍ୟକ୍ତିଙ୍କୁ କେଉଁ ନିୟମ ବଳରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇଛି ତାହା ନିଶ୍ଚିତ ପକ୍ଷେ ତଦନ୍ତ ସାପେକ୍ଷ। ତା ଛଡା ପୂର୍ବରୁ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଶତାଧିକ ଅସହାୟ ତଥା ଗରିବ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥିବା ସତ୍ତ୍ୱେ ଏବେ ପୁଣି ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରୁ କେବଳ ୫ଟି ପଂଚାୟତରୁ ହିତାଧିକାରୀ ଚୟନ କରାଯାଇ ମାତ୍ର ୧୦ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ବଣ୍ଟନ ହୋଇଛି। ସେଥି ମଧ୍ୟରେ ତାଳଦାରୁ ୪ଜଣ, ନୂଆଗଡରୁ ୩ଜଣ, କୋରଣା, ନଗର ଓ ଛୁରିଆନାରୁ ଜଣେ ଲେଖାଏଁ ହିତାଧିକାରୀ ଚୟନ ହୋଇଥିବା ବେଳେ ଅବଶିଷ୍ଟ ୧୦ଟି ପଂଚାୟତରୁ କୌଣସି ବ୍ୟକ୍ତି ପାଇ ନାହାନ୍ତି। ପଂଚାୟତ କ୍ଷେତ୍ରରେ ହିତାଧିକାରୀ ବଛାନଯିବା ବ୍ଲକ ପ୍ରଶାସନର ଅବହେଳା ନାଁ ଖାମ ଖିଆଲନୀତି ସେଥିନେଇ ବି ପ୍ରଶ୍ନଉଠିଛି।

ଅତୀତରେ ପଂଚାୟତ ସ୍ତରରେ ଆବାସ ଓ ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ପୁଣି ନିଡ଼ି ପର୍ସନଙ୍କୁ ସନ୍ଧାନ ମିଳିବା ପ୍ରକୃତ ପକ୍ଷେ ସତ୍ୟ ନାଁ ଗଳାବାଟ ଦେଇ ଏମାନଙ୍କ ଭିତରୁ ଅନେକଙ୍କୁ ଯୋଗ୍ୟ ହିତାଧିକାରୀ ସଜାଇ ଦିଆଯାଇଛି ତାହା ନାନା ସନ୍ଦେହକୁ ଜନ୍ମ ଦେଇଛି। ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା କହିଛନ୍ତି ସମସ୍ତ ନିୟମ ଆଧାରରେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇଛି।ଅପର ପକ୍ଷେ ହିତାଧିକାରୀ ଚୟନକୁ ନେଇ ବିଭିନ୍ନ ପଂଚାୟତରେ ଚାପା ଅସନ୍ତୋଷ ପ୍ରକାଶ ପାଇଥିବା ଖବର ମିଳିଛି।

## ସୋଆରେ ଏଲିସିୟମ୍-୨୦୨୫ ଉଦ୍‌ଯାପିତ




**ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନଙ୍କର ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପକ୍ଷରୁ ଆୟୋଜିତ ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ 'ଏଲିସିୟମ - ୨୦୨୫' ଗତ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସାହିତ୍ୟ, କଳା, ସଙ୍ଗୀତ, ନୃତ୍ୟ, ବ୍ୟବସାୟ ଏବଂ ଫ୍ୟାଶନ୍‌କୁ ନେଇ ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ଦକ୍ଷତା ପରିପ୍ରକାଶ କରିବାର ସୁଯୋଗ ପାଇଥିଲେ। 'ଏଲିସିୟମ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ ଏହା ଏକ ମାଧମ ଯେଉଁଠାରେ ଛାତ୍ରଛାତ୍ରୀମାନେ ଦକ୍ଷତା ପ୍ରଦର୍ଶନ ନିମନ୍ତେ ସୁଯୋଗ ଲାଭ କରିଥାନ୍ତି ବୋଲି ଆଇଟିଇଆର୍‌ର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା କହିଥିଲେ।

କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ (ଏଆଇସିଟିଇ)ର ପୂର୍ବତନ ଅଧକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭିନ୍ନ ଢ଼ଙ୍ଗରେ ଚିନ୍ତା କରିବା ସହ ନିଜେ କିଛି କରି ଦେଖାଇବାର ପ୍ରଚେଷ୍ଟା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେସନ୍‌ର ରିଜିଓନାଲ୍ ମ୍ୟାନେଜର ଓ ମୁଖ୍ୟ ଶ୍ରୀ ବିଜୟ କୁମାର ସାହୁ ଏବଂ ଅର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ମନୀଷା ଆଚାର୍ଯ୍ୟ ମଧ ବକ୍ତବ୍ୟ ରଖିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଉପସ୍ଥିତ ଥିଲେ।



## ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼

**ନବରଙ୍ଗପୁର, ୫।୪ (ସଂଚାର ବ୍ୟୁରୋ):** ଆଜି ସକାଳ ୬ଟା ସମୟରେ ନବରଙ୍ଗପୁର ସହର ସ୍ଥିତ ସଦାଶିବ ତ୍ରିପାଠୀ ପାର୍କ ନିକଟରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ,ପୌରପାଳିକା ଅଧକ୍ଷ କୁନୁ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଆରସିଡି, ଏକ୍ସ ବୋର୍ଡ, ମ୍ୟୁନିସିପାଲଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ଜନସାଧାରଣଙ୍କ ମଧରେ ଐତିହ୍ୟ ଓ ସଂସ୍କୃତି ପ୍ରତି ଗର୍ବ ସୃଷ୍ଟି କରିବା, ସାଂସ୍କୃତିକ ବିବିଧତାକୁ ପାଳନ କରିବା, ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଏହି ଗଣଦୌଡ଼ ପୋଲିସ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣଦୌଡ଼ ଆୟୋଜନ କରାଯାଇଥିଲା।

## ରିଂ ରୋଡ଼ ପ୍ରକଳ୍ପ ପାଇଁ ଜନଶୁଣାଣି

**ଖୋର୍ଦ୍ଧା, ୫।୪ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ସଦର ମହକୁମା ହାବେଳୀ ପଡିଆ ଠାରେ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ଅଧୀନ ୬-ଲେନ ଓଡିଶା ରାଜଧାନୀ ଅଞ୍ଚଳ ରିଂ ରୋଡ଼ କଟକ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲା ମଧ୍ୟଦେଇ (ସିଆରଆରଆରଆର-୧) ରାମେଶ୍ୱର ଜାତୀୟ ରାଜପଥ-୧୬ରୁ ଗୋବିନ୍ଦପୁର ଜାତୀୟ ରାଜପଥ-୫୫ ପର୍ଯ୍ୟନ୍ତ ପ୍ରାୟ ୭୦.୯୧୫ କି.ମି ଖୋର୍ଦ୍ଧା ଜିଲ୍ଲା ମଧ୍ୟ ଦେଇ ଯାଉଥିବା ଜାତୀୟ ସଡକ ପଥ ପ୍ରକଳ୍ପର ଜଣାଶୁଣାଣି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରକଳ୍ପରେ ପରିବେଶକୁ ପ୍ରଭାବିତ କରୁଥିବା ବିଷୟ ଗୁଡିକ ଉପରେ ଆସିଥିବା ଅଭିଯୋଗ ଗୁଡିକ ଉପରେ ଜଣ ଶୁଣାଣି କରାଯାଇଥିଲା । ଅଭିଯୋଗ ଶିବିରରେ ଉପଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର



ପଣ୍ଡା, ତହସିଲଦାର, ଖୋର୍ଦ୍ଧା ନିବେଦିତା ପରିଡା, ତହସିଲଦାର ଟାଙ୍ଗୀ, ମିତାଲି ପାତ୍ର, ତହସିଲଦାର, ବେଗୁନିଆ ବିଜୟ କୁମାର ସେଠୀ, ରାଜ୍ୟ ପ୍ରଦୁ୍ୟଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଆଞ୍ଚଳିକ ଅଧିକାରୀ ସୌମେନ୍ଦ୍ର ମହାନ୍ତି, ପରିଚାଳକ, ରାଜୀବ କୁମାର, ପରାମର୍ଶଦାତା, ଉମାକାନ୍ତ ପାଣି ପ୍ରମୁଖ ଯୋଗଦେଇ ଜନ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଅଭିଯୋଗ ଶିବିରରେ ସମ୍ପୃକ୍ତ ଅଂଚଳର ସରପଞ୍ଚ, ଜନପ୍ରତିନିଧି ସମେତ ୧୫୦ ଗ୍ରାମବାସୀ ଯୋଗଦେଇ ପରିବେଶକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆପତ୍ତି ଆଣିଥିଲେ।

ସର୍ବୋପରି ପରିବେଶ ଉପରେ ଯେଭଳି କୌଣସି କ୍ଷତିକାରକ ପ୍ରଭାବ ନ ପଡେ ସେଥିପ୍ରତି ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ ସମସ୍ତ ପ୍ରକାର ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଥିଲେ ।

## ଜଙ୍ଗଲ ବିଭାଗ ପକ୍ଷରୁ ବୈଶିଙ୍ଗା କାର୍ଯ୍ୟାଳୟଠାରେ ଜଳଛତ୍ର ଉଦ୍‌ଘାଟିତ

**ବୈଶିଙ୍ଗା, ୫।୪ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପକୁ ଉପଶମ କରିବା ପାଇଁ ଗତ ବର୍ଷ ଭଳି ଚଳିତ ବର୍ଷ ମଧ ବେତନଟୀ ବନବିଭାଗ ତରଫରୁ ବୈଶିଙ୍ଗା କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଉଦଘାଟିତ ହୋଇଯାଇଛି। ବେତନଟୀ ବେତନଟୀ ରେଞ୍ଜର ମନୁୱାର ଖାନ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବୈଶିଙ୍ଗା ବନରକ୍ଷୀ ଉତ୍ତମ ଦାସ ଏହାକୁ ପରିଚାଳନା କରିବା ସହିତ ଏକମାସ ଧରି




ଦୈନିକ ଥଣ୍ଡାପାନୀୟ ଜଳ ଏବଂ ଦହି , ପୁଦିନା, ଆମ୍ବ ଅଦା ମିଶ୍ରିତ ସରବତ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ବନରକ୍ଷୀ ଜୟନ୍ତୀ ପାତ୍ର ସସ୍ମିତା ଶତପଥୀ, ପ୍ରିୟଙ୍କା ସାହୁ, ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ, ଅବିନାଶ ପଣ୍ଡା ଓ ଯୁବନେତା ଶାନ୍ତନୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜିର ଏହି ଦହି ସରବତ କାର୍ଯ୍ୟକ୍ରମରେ ଅତି କମରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ସରବତ ପିଇବା ସହିତ ଏପରି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ।

## ମା' ବନ୍ଧନାଇକାଣୀଙ୍କ ବାର୍ଷିକ ଉତ୍ସବ

**ନୀଳଗିରି, ୫।୪ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ଯୋକନଣ୍ଡା ଗ୍ରାମର ଅଧିଷ୍ଠାତ୍ରୀଦେବୀ ମା'ବନ୍ଧନାଇକାଣୀ ଦେବୀଙ୍କ ବାର୍ଷିକଉତ୍ସବ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ପ୍ରାୟ ୯ଘଟିକା ସମୟରେ ମା'ଙ୍କ ମାର୍ଜନା କରାଯାଇ ପୁଜାରମ୍ଭ କରାଯାଇଥିଲା ଏହି ପବିତ୍ରପର୍ବରେ ମାଙ୍କ ପ୍ରମୁଖ ସେବାୟତ ମାୟାଧର ଦେହୁରୀ ସମସ୍ତ ନିତିକାନ୍ତି କରିବାପରେ ତିନିଜଣ ଦେହୁରୀ ଦାସୀ ସାଜି ଗ୍ରାମର ମଙ୍ଗଳକାମନା ପୂର୍ବକ ପୂଜାରେ ସାମିଲଥିଲେ। ଲୋକ ବିଶ୍ୱାସରେ ମା ଗ୍ରାମଦେବତୀ ଭାବରେ ପ୍ରତିକ୍ଷେତ୍ରରେ ଗ୍ରାମ ସହିତ ଅଞ୍ଚଳର ବିପଦଆପଦରେ ସାହା ହୋଇଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମା ଙ୍କ ବାର୍ଷିକ ଉତ୍ସବ ମହାଧୁମଧାମରେ ପାଳିତ ହୋଇଥିଲା। ଗ୍ରାମର ଯୁବଗୋଷ୍ଠୀଙ୍କ ଉଦ୍ୟମରେ ପୀଠ ନିକଟରେ ଭଜନ ସମାରୋହ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଖପାଖ ପଞ୍ଚାୟତର ପ୍ରାୟ ହଜାରେରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମା'ଙ୍କ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମା'ବନ୍ଧନାଇକାଣୀ କମିଟିର ସଭାପତି ଶ୍ରୀକାନ୍ତ ଭୂୟାଁ, ସମ୍ପାଦକ ପ୍ରଦୀପ ବେହେରା, ସଦସ୍ୟ ପଦ୍ମଲୋଚନ ବେହେରା, ସଞ୍ଜୟ ଭୋଳ, ସନ୍ୟାସୀ ବାରିକ, ରବୀନ୍ଦ୍ର ଭୋଳ, ଗଙ୍ଗାଧର ପ୍ରଧାନ, ରବୀନ୍ଦ୍ର ପୃଷ୍ଟି, ଦିଲ୍ଲୀପ ଭୂୟାଁ, ଆଦିକନ୍ଦ ନାୟକ, ଗଣେଶ ଭୂୟାଁ, ନରେନ୍ଦ୍ର ଭୂୟାଁ, ଉମେଶ ଜେନା, ଅଭି ବେହେରା, ଅର୍ଜୁନ ଭୋଳ, ପଞ୍ଚାନନ ସ୍ୱାଇଁ, ଗେଣ୍ଡୁଆ ପ୍ରଧାନ, ହରିନାରାୟଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସୋଆ କମ୍ୟୁନିଟି ରେଡ଼ିଓରେ ହର୍ଲ ପରିଚାଳନା ନିର୍ଦ୍ଦେଶକଙ୍କ ଆଲୋଚନା

**ଭୁବନେଶ୍ୱର, ୫।୪ (ସଂଚାର ବ୍ୟୁରୋ):** ସନ୍ତୁଳିତ ସାର ଉତ୍ପାଦନ ଏବଂ ଚିରନ୍ତନ କୃଷି କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନ୍ ଉର୍ବରକ ଆଣ୍ଡ ରସାୟନ ଲିମିଟେଡ (ହର୍ଲ) ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏସ୍. ପି. ମହାନ୍ତି ଯୋଗ ଦେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।

ପିଏମ-ପ୍ରଣାମ ପ୍ରକଳ୍ପର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ




ଆୟୋଜନ କରାଯାଇଥିଲା। ଏଥିରେ ଶ୍ରୀ ମହାନ୍ତି ଜୈବିକ ସାରର ପ୍ରୟୋଗ ଏବଂ ସବୁଜ କୃଷିର ଭବିଷ୍ୟତ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଅଭିବୃଦ୍ଧି ଏବଂ ପରିବେଶର ଦାୟିତ୍ୱ ମଧ୍ୟରେ ସମାନତା ଆଣିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ସୋଆ କମ୍ୟୁନିଟି ରେଡ଼ିଓ ସବୁ ସମୟରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିଥାଏ ବୋଲି ଏହାର ଅଫିସର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ କହିଥିଲେ।

# ତିରୁଣା ପଞ୍ଚାୟତରେ ଏମ୍‌ଜିନରେଗାର ଅବମାନନା

**● ବିନା କାର୍ଯ୍ୟରେ ପଡୁଛି ଉପସ୍ଥାନ ● ଅଭିଯୋଗ ପରେ ପ୍ରାପ୍ୟ ପ୍ରଦାନରେ ହେଲା ଶୂନ**



**ନାଉଗାଁ, ୫।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆଇନ୍ (ଏମ୍‌ଜିନରେଗା)କୁ ଖୁଲମଖୁଲା ଅବମାନନା କରାଯାଉଥିବା ଜଣାଯାଇଛି। ଏହି ପଞ୍ଚାୟତରେ ବିନା କାର୍ଯ୍ୟରେ ୬ଦିନର ଉପସ୍ଥାନ ପଡ଼ିବା ନେଇ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଶ୍ରମିକଙ୍କର ପ୍ରାପ୍ୟକୁ ଶୂନ କରାଯାଇଥିବା ଜଣାଯାଇଛି। ଉକ୍ତ ପଞ୍ଚାୟତର ଏଡିଇଓ ବିଶ୍ୱବିଜୟୀ ସ୍ୱାଇଁ ଉକ୍ତ ପ୍ରକଳ୍ପରେ ବିନା କାର୍ଯ୍ୟରେ ଶ୍ରମିକମାନଙ୍କର ଉପସ୍ଥାନ ଦର୍ଶାଇଥିବା ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରିଥିବା ଏମ୍‌ଜିଏନ୍‌ଆରଇଜିଏସ୍ ପୋର୍ଟାଲରୁ ଜଣାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଉକ୍ତ ପ୍ରକଳ୍ପ ସ୍ଥାନରେ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ହେଲେ ଗତ ମାର୍ଚ୍ଚ ୩୦ ଓ ଅପ୍ରେଲ ୨ ତାରିଖରେ ଉକ୍ତ ପ୍ରକଳ୍ପ ସ୍ଥାନରେ ମେସିନ ଦ୍ୱାରା ମାଟି ଖୋଳା ଯାଉଥିବା ବେଳେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଭିଡିଓ ଉତୋଳନ କରାଯାଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ କରାଯାଇଥିବା ଦେଖାଯାଇଛି। ସୂଚନା ଅନୁସାରେ ଏହି ପଞ୍ଚାୟତର ତିରୁଣା ଗ୍ରାମର ହନୁମାନ ମନ୍ଦିର ନିକଟରେ ଥିବା ବାଲିଆସରାରେ ଅମୃତ ସରୋଭର ପୋଖରୀ ଖନନ ପାଇଁ ଏମ୍‌ଜିଏନ୍‌ଆରଇଜିଏସରେ ପ୍ରକଳ୍ପ ମଞ୍ଜୁରୀ ହୋଇଛି। ଏହି ପ୍ରକଳ୍ପ ବାବଦକୁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଛି। ଏହା ଉପରେ କୌଣସି ଅଭିଯୋଗ କରାଯାଇ ନଥାନ୍ତା, ତେବେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ବିନା କାର୍ଯ୍ୟରେ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଦେଶୀ ରନ୍ଧା ମଦ ଜବତ, ୪ ଗିରଫ

**ବାରିପଦା, ୫।୪ (ସଂଚାର ବ୍ୟୁରୋ):** ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ଶ୍ରୀ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ରାଇରଙ୍ଗପୁର ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନା ଅନ୍ତର୍ଗତ ଅଁଳାଡୁବା, ଗୋଲମୁଣ୍ଡା, ବାଲିଡିପା, ଓ ଜାନମଘୁଟୁ ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୭୩ ଲିଟର ଦେଶୀ ରନ୍ଧା ମଦ ଜବତ ସହିତ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀ ମାନେ ହେଲେ ଅଁଳାଡୁବା ଗ୍ରାମର ସୁମିତ୍ରା ଗୋପ, ଗୋଲମୁଣ୍ଡା ଗ୍ରାମର ପଦ୍ମାବତୀ ବେହେରା, ବାଲିଡିପା ଗ୍ରାମର ବାଲି ଟୁଡୁ ଓ ଜାନମଘୁଟୁ ଗ୍ରାମର ସାକର ମୁର୍ମୁ ।

### ମଧୁପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ସଫଳତା ପାଇଁ କଠିନ ପରିଶ୍ରମ ଜରୁରୀ

**କାକଟପୁର/ଅସ୍ତରଙ୍ଗ, ୫।୪ (ସଂଚାର ବ୍ୟୁରୋ):** ଜୀବନର ଲକ୍ଷ୍ୟ ପଥରେ ପହଂଚିବାକୁ ହେଲେ କଠିନ ପରିଶ୍ରମ ଆବଶ୍ୟକ ବୋଲି ଅସ୍ତରଙ୍ଗ ବ୍ଲକ ମଧୁପୁର ସ୍ଥିତ ମଧୁପୁର ପ୍ରାଥମିକ ବିଦ୍ୟାଳୟ ର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ନାୟକ କହିଥିଲେ। ମଧୁପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ନାୟକଙ୍କ ସଭାପତିତ୍ୱରେ ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଝାଡ଼ଲିଙ୍ଗ ପଂଚାୟତ ସରପଞ୍ଚ ବୃନ୍ଦାବନ ନାୟକ, ମୁଖ୍ୟବକ୍ତା ସମିତି ସଭ୍ୟ ଶିବଚରଣ ପରିଡା, ସଂମ୍ମାନିତ ଅତିଥି ମିଳିତ ଶିକ୍ଷକ ସଙ୍ଘ ସଭାପତି ବିପିନି ବିହାରୀ ମହାନ୍ତି, ଶିକ୍ଷକ ନେତା ମଙ୍ଗୁଳି ଚରଣ ଦାଶ, ସାଧନ ସଂଯୋଜକ ଗଣେଶ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅତିଥି ମାନେ ବିଦ୍ୟାଳୟରେ କୃତ କାର୍ଯ୍ୟ ହୋଇଥିବା ଚଳିତ ବର୍ଷ ତୃତୀୟ ମେଧାବୃତ୍ତିରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ସହକାରୀ ଶିକ୍ଷକ ଅନିଲ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଲିଙ୍ଗରାଜ ମହୋତ୍ସବ ଆରମ୍ଭ

# ଏକାମ୍ର କ୍ଷେତ୍ର ସଂସ୍କୃତିର ସହର: ମନ୍ତ୍ରୀ

**ନାଚଗୀତରେ ଝୁମିଲେ ରାଜଧାନୀବାସୀ**



**ଭୁବନେଶ୍ୱର,୫।୪ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ପରିବେଷିତ ହୋଇଛି। ପ୍ରଥମେ ତ୍ରିଧାରା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ପ୍ରତିଭା ପଣ୍ଡା ଓ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କୋଲକତାର ରାଜଯୋତି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା କ୍ରିଏଟିଭ୍ ନୃତ୍ୟ ପରିବେଷିତ ହୋଇଥିବା ବେଳେ ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେଣ୍ଟର କଳାକାର ପୁରୁଲିଆ ଛଉ ନୃତ୍ୟ ଓ ଗଞ୍ଜାମର ଶ୍ରୀ ଜଗନ୍ନାଥ ସାଂସ୍କୃତିକ କଳା ନିକେତନ କଳାକାର ନୃତ୍ୟ ଏବଂ କୋଲକତାର ତାରକ ସାହାଙ୍କ ଗ୍ରୁପ୍ ଗୌଡ଼ିଆ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉତ୍ସବ ଉଦଘାଟନ କରିବା ସହ ଏକାମ୍ର କ୍ଷେତ୍ର ସଂସ୍କୃତିର ସହର ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ରଶ୍ମି ମହାପାତ୍ର, ପ୍ରକାଶନୀର ଉପଦେଷ୍ଟା ଶିବାନନ୍ଦ ରାୟ, ବିଜେଡି ନେତା ମନ୍ମଥ ରାଉତରାୟ, ଚିନ୍ତା ଚେତନାର ମହାସଚିବ ସୁରେନ୍ଦ୍ର ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥ, ସୁରେନ୍ଦ୍ର ପ୍ରଧାନ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଓ ରତ୍ନପୂର୍ଣ୍ଣା ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା। ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ପ୍ରମୋଦ ଦାସ, ସୁଧୀର ରଞ୍ଜନ ଜେନା, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଗଣେଶ ପାଲ, ଦେବାଶିଷ ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅଧାରେ ଅଟକିଲା ରୁକୁଣା ରଥ



**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ଅଶୋକାଷ୍ଟମୀରେ ବାବା ଲିଙ୍ଗରାଜଙ୍କ ରୁକୁଣା ରଥ ଅଧାରେ ଅଟକିଛି, ମାଉସୀ ଘରେ ପହଞ୍ଚିପାରିନି। ଅଣଲେଉଟା ରଥରେ ଚଢ଼ି ମାଉସୀ ଘରକୁ ପ୍ରଭୁ ଯାଉଥିବା ସମୟରେ କପାଳି ମଠ ନିକଟରେ ଅଟକିଛି ରୁକୁଣା ରଥ। କିନ୍ତୁ ନୀତିକାନ୍ତିରେ ବିଳମ୍ବ ଯୋଗୁଁ ନିର୍ଦ୍ଧାରିତ ସମୟରେ ହୋଇପାରିଲାନି ରଥଟଣା। ଏଥିସହ ରଥରେ ଆବଶ୍ୟକତାଠାରୁ ଅଧିକ ସେବାୟତ ଓ ଅଣସେବାୟ ଚଢ଼ିଥିବାରୁ ରଥଟଣା ହୋଇପାରୁନଥିଲା। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟାରେ ରଥଟଣା ହେବ ବୋଲି ନୀତିନିର୍ଘଣ୍ଟ ହୋଇଥିଲା। କିନ୍ତୁ ସାଢ଼େ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ସାଢ଼େ ୧୨ଟା ମଧ୍ୟରେ ମହାପ୍ରଭୁଙ୍କ ଯାତ୍ରା ପୂଜା ସମାପନ ହୋଇଥିଲା। ସାଢ଼େ ୧୨ଟାରୁ ସାଢ଼େ ୧ଟା ମଧ୍ୟରେ ମହାପ୍ରଭୁ ରଥକୁ ପହଣ୍ଡି ବିଜେ କରିଥିଲେ। ଏହାପରେ ଚାରମାଳ ଖୋଲା ହୋଇ ଅପରାହ୍ନରେ ରଥ ମାଉସୀ ମା' ଆଡ଼କୁ ଗଡ଼ିବା ଆରମ୍ଭ କରିଥିଲା। ରାମେଶ୍ୱର ମନ୍ଦିରରେ ରଥ ଲାଗିବା ପରେ ଠାକୁର ବିଜେ କରି ରାତିରେ ନୀତି କରାଯିବ। ଆସନ୍ତାକାଲି ଦିନ ୨ଟାରୁ ପୁଣି ରଥଟଣା ହେବ।

## ବୃଦ୍ଧାଙ୍କୁ ପିଟି ମାରିଦେଲେ ଦୁର୍ବୃତ୍ତ

**ଯାଜପୁର,୫।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ତିଗିରିଆ ଗାଁରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଲୁଟ କରିବାକୁ ଆସିଥିବା ୨ ଜଣ ଦୁର୍ବୃତ୍ତଙ୍କ ଆକ୍ରମଣରେ ଜନୈକା ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଗ୍ରାମର କୌଶଲ୍ୟା ପତି ବୋଲି ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଘରେ ପଶି ଲୁଟ ପାଇଁ ଉଦ୍ୟମ କରୁଥିବା ସମୟରେ କୌଶଲ୍ୟା ଏହାର ପ୍ରତିବାଦ କରିଥିଲେ। ତେଣୁ ଖସିଯିବା ସକାଶେ ଉକ୍ତ ଦୁର୍ବୃତ୍ତମାନେ ତାଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଲୁଟ୍ ପାଇଁ ଘରେ ପଶିଥିଲେ ଉକ୍ତ ୨ ଦୁର୍ବୃତ୍ତ। ହେଲେ ଲୁଟ୍ ସମୟରେ କୌଶଲ୍ୟା ଉଠିପଡ଼ିଥିଲେ ଓ ପାଟି କରି ପଡ଼ୋଶୀଙ୍କୁ ଡାକିବା ସକାଶେ ଉଦ୍ୟମ କରିଥିଲେ। ଏଥିରେ ଦୁର୍ବୃତ୍ତଦ୍ୱୟ ଭୟଭୀତ ହୋଇ କୌଶଲ୍ୟାଙ୍କୁ ଆକ୍ରମଣ କରିଥିଲେ। ସେତେବେଳେ ତାଙ୍କ ସହ ଝିଅ ଝିଅ ମା'ଙ୍କ ଉପରେ ହେଉଥିବା ଆକ୍ରମଣଦେଖି ଚିତ୍କାର କରିବାକୁ ଲାଗିଥିଲେ। ଫଳସ୍ୱରୂପ ପଡ଼ୋଶୀମାନେ ସେଠାରେ ଆସି ପହଞ୍ଚିଯାଇଥିଲେ। କିନ୍ତୁ ସେମାନଙ୍କୁ ମାଡ଼ ଦେଇ ଉକ୍ତ ଦୁଇ ଦୁର୍ବୃତ୍ତ ସେଠାରୁ ଖସି ଚାଲିଯାଇଥିଲେ। କିନ୍ତୁ ସେମାନଙ୍କ ଆକ୍ରମଣରେ କୌଶଲ୍ୟା ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବଡ଼ଚଣା ମେଡିକାଲ୍‌କୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ ଗତକାଲି ବ୍ୟାଙ୍କରୁ କିଛି ଟଙ୍କା ଉଠାଇ କୌଶଲ୍ୟା ନିଜ ପାଖରେ ରଖିଥିଲେ। କୌଣସି ସୂତ୍ରରୁ ଉକ୍ତ ଟଙ୍କା ସମ୍ପର୍କରେ ସୂଚନା ପାଇ ଦୁର୍ବୃତ୍ତମାନେ ଏହା ଲୁଟିବା ସକାଶେ ଘରେ ପଶିଥିଲେ ବୋଲି ଅନୁମାନ କରାଯାଉଛି। ଖବର ପାଇ ବାଲିଚନ୍ଦ୍ରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ବାପ-ମା' ମୃତ, ଅନାଥ ହୋଇଗଲା ୪ ବର୍ଷର ଶିଶୁ

**ଯାଜପୁର,୫।୪(ସଂଚାର ବ୍ୟୁରୋ):** ଯାଜପୁର ପାଣିକୋଇଲି ଥାନା ପୁରୁଣା ଟୋଲଗେଟ ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି, ଯେଉଁଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ କୁନିପୁଅର ଆଖି ସାମ୍ନାରେ ମା'ର ଜୀବନ ଚାଲିଯାଇଥିବା ବେଳେ ପରେ ହସ୍ପିଟାଲ୍‌ରେ ମଧ୍ୟ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଯାଇଛି। ଫଳରେ ୪ ବର୍ଷର କୁନି ପିଲାଟି ଅନାଥ ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ଆଜି ଗୋଟିଏ ପରିବାରର ବାପା-ମା' ଓ ତାଙ୍କର ୪ ବର୍ଷର ଶିଶୁପୁତ୍ର ଏକ ବାଇକରେ କୁଆଖିଆ ଆଡୁ ପାଣିକୋଇଲି ଅଭିମୁଖେ ଯାଉଥିଲେ। ତେବେ ହଠାତ ପୁରୁଣା ଟୋଲଗେଟ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡି ଧକ୍କା ଦେବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ମା'ଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଗୁରୁତର ଅବସ୍ଥାରେ ବାପାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନାଥ ହୋଇଯାଇଥିବା ୪ ବର୍ଷର ଶିଶୁପୁତ୍ରକୁ ପାଣିକୋଇଲି ପୁଲିସ ନିଜ ହେପାଜତକୁ ନେଇଛି। ମୃତକଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ମୃତଦେହ ଜବତ କରି ପାଣିକୋଇଲି ପୁଲିସ୍ ବ୍ୟବଚ୍ଛେଦ ସକାଶେ ପଠାଇଛି। ଏଥିସହ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମାରଣାସ୍ତ୍ର ଦେଖାଇ ଗାଡ଼ି ଓ ଟଙ୍କା ଲୁଟ୍



**ସୋର,୫।୪(ସଂଚାର ବ୍ୟୁରୋ):** ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ଗାଡି ଲୁଟିନେଲେ ଲୁଟେରା। ବାଲେଶ୍ୱରରୁ ସୋର ଫେରୁଥିବା ସମୟରେ ଶ୍ରୀଜଙ୍ଗ ନିକଟ ଯୋଡ଼ିପୋଲ ନିକଟରେ ଏପରି ସଶସ୍ତ୍ର ଡକାୟତିର ସମ୍ମୁଖୀନ ହୋଇ ଦୁଇ ଜଣ ଯୁବକ। ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଆଦି ଦେଖାଇ ଆକ୍ରମଣ କରିବା ସହ ସେମାନଙ୍କଠାରୁ ୩୦ ହଜାର ଟଙ୍କା ସହ ଗାଡ଼ି ଲୁଟିନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ବିଶ୍ୱଜିତ୍ ସାହୁ ଓ ଜିତେଶ ବେହେରା ବାଲେଶ୍ୱରରୁ କାମ ସାରି ଏକ ପଲସର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତେବେ ହଠାତ୍ ୩ ଜଣ ଯୁବକ ବିଶ୍ୱଜିତଙ୍କ ଗାଡ଼ିକୁ ଅଟକାଇଥିଲେ। ସେମାନେ ବିଶ୍ୱଜିତ୍‌ଙ୍କୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରିବା ସହ ବିଶ୍ୱଜିତଙ୍କ ପାଖରେ ଥିବା ୩୦ ହଜାର ଟଙ୍କା ସହ ପଲସର ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ଖନ୍ତାପଡ଼ା ଓ ଗୋପାଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବିଶ୍ୱଜିତ୍ ଓ ଜିତେଶଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପାଇପାରିନାହିଁ।

## ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର



**ବାଲୁଗାଁ,୫।୪(ସଂଚାର ବ୍ୟୁରୋ):** ସ୍ତ୍ରୀକୁ କଟୁରୀରେ ଅତି ବୀଭତ୍ସ ଭାବେ ହାଣି ଗୁରୁତର କରିଛି ସ୍ୱାମୀ। ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ବାଲୁଗାଁରେ। ସ୍ୱାମୀର ପଇଡ଼ହଣା କଟୁରି ଚୋଟରେ ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛି। ମୁଣ୍ଡ, ବେକ ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଆହତ ହୋଇଥିବା ମହିଳାଙ୍କ ନାମ ଲିଲି ପରିଡ଼ା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆକ୍ରମଣ କରିବା ପରେ ଅଭିଯୁକ୍ତ ସ୍ୱାମୀ ମିଥୁନ ପରିଡା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅନ୍ତର୍ଗତ ଅର୍ଣ୍ଣପୂର୍ଣା ନଗରରେ। ଏନେଇ ସ୍ତ୍ରୀ ଲିଲିଙ୍କ ବଡ଼ ଭଉଣୀ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିବା ବୋଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ୨ଟି ନର୍ସିଂହୋମରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

**କଟକ,୫।୪ (ସଂଚାର ବ୍ୟୁରୋ):** ସ୍ଥାନୀୟ ବଜ୍ରକବାଟି କେନାଲ ରୋଡ଼ରେ ଥିବା ୨ ଟି ନର୍ସିଂହୋମରେ ଆଜି ସ୍ୱାସ୍ଥ୍ୟ ବିଭାଗ ଚଢ଼ଉ କରିଛି। କେତେକ ଅନିୟମିତତା ଅଭିଯୋଗରେ ୨ଟିଯାକ ନର୍ସିଂ ହୋମକୁ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ହୋଇଛି । ଯେହେତୁ ଆବାସିକ ଅଞ୍ଚଳରେ ଏହିସବୁ ନର୍ସିଂ ହୋମ୍ ଚାଲୁଛି ଓ ପାର୍କିଂ ପାଇଁ ଆବଶ୍ୟକୀୟ ଜାଗା ନାହିଁ, ତେଣୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ବିଭିନ୍ନ ଘରୋଇ ହସ୍ପିଟାଲ ବାବଦରେ ଅନେକ ଅନିୟମିତତାର ଅଭିଯାଗମାନ ଆସୁଛି, ସେସବୁ ଉପରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ସିଏମସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ।

## ଶିମିଳିପାଳରେ ବାଘ ଗଣନା ଆରମ୍ଭ



- ଆସନ୍ତାବର୍ଷ ରିପୋର୍ଟ
- ଗଛରେ ଲାଗିଛି ୩୫୦ରୁ ଊର୍ଦ୍ଧ୍ୱ ଟ୍ରାପ୍ କ୍ୟାମେରା

**ବାରିପଦା,୫।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଆରମ୍ଭ ହୋଇଛି ବାଘ ଗଣନା। ବନ ବିଭାଗ ପକ୍ଷରୁ ଏଥିପାଇଁ ୮ଟି ଦଳରେ ୮୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ଅଭୟାରଣ୍ୟର ବିଭିନ୍ନ ଗଛରେ ୩୫୦ରୁ ଅଧିକ ଟ୍ରାପ୍ କ୍ୟାମେରା ଲଗାଯାଇଛି। କ୍ୟାମେରା ଟ୍ରାପ୍, ଟ୍ରାନ୍‌ଜେକ୍ଟ ଲାଇନ ଓ ପଗ୍ ମାର୍କ ପାଦ ଚିହ୍ନ ଗଣନା ବ୍ୟତୀତ ଡିଜିଟାଲି ଏମ୍ସ ଷ୍ଟ୍ରାଇପ୍ ପଦ୍ଧତି ମାଧ୍ୟମରେ ଗଣନା ଜାରି ରହିବ। ବନ ବିଭାଗ ଏହିସବୁ ପଦ୍ଧତି ଦ୍ୱାରା ସଠିକ୍ ଭାବେ ବାଘ ଗଣନା କରିପାରିବା ନେଇ ଆଶା ରଖିଛି। ଏହି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟ ଦେଇ ଚଳିତ ବର୍ଷ ଜାରି ରହିବ। ଏହାପରେ ଏନ୍‌ଟିସିଏକୁ ରିପୋର୍ଟ ଦିଆଯିବ ଓ ୨୦୨୬ରେ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଶିମିଳିପାଳ ଟାଇଗର ରିଜର୍ଭ (ଏସ୍‌ଟିଆର୍) କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରତି ୪ ବର୍ଷରେ ଜାତୀୟ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇଆସୁଛି। ଗତ ଥର ରିପୋର୍ଟ ଅନୁଯାୟୀ, ଶିମିଳିପାଳରେ ଏବେ ୨୪ଟି ବୟସ୍କ ମହାବଳ ଥିବା ବେଳେ ୮ଟି ଶାବକ ଅଛନ୍ତି। ଗଣନା ପରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଛି ନା ବାଘ ବଂଶ ହ୍ରାସ ପାଉଛି, ତାହା ଆସନ୍ତା ବର୍ଷ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ତେବେ ଅଭୟାରଣ୍ୟର କୋର୍ ଏରିଆରେ ଲାଗିଥିବା କ୍ୟାମେରା ଚିତ୍ରକୁ ଗ୍ରହଣ କଲେ ବାଘସଂଖ୍ୟା ବୃଦ୍ଧି ପାଇଛି ବୋଲି ଏସ୍‌ଟିଆର୍ କର୍ତ୍ତୃପକ୍ଷ ଜୋର୍ ଦେଇ କହିଛନ୍ତି।

## ମକଦ୍ଦମା ବିଚାରାଧୀନ ଥିଲେ ବି ମିଳିବ ଇନକ୍ରିମେଣ୍ଟ୍: ହାଇକୋର୍ଟ



**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ସରକାରୀ କର୍ମଚାରୀଙ୍କ ବିରୋଧରେ କୌଣସି ମକଦ୍ଦମା ବିଚାରାଧୀନ ଥିଲେ କିମ୍ବା ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇନଥିଲେ ବି ସରକାରୀ କର୍ମଚାରୀଙ୍କୁ ସେମାନଙ୍କର ବର୍ଦ୍ଧିତ ବକେୟା ଦରମା ((ଇନ୍‌କ୍ରିମେଣ୍ଟ) ମିଳିବ। ବକେୟା ବର୍ଦ୍ଧିତ ଦରମା ପାଇବା ପାଇଁ ତାଙ୍କ ଆବେଦନକୁ ମାମଲା ଆଳରେ ଅଗ୍ରାହ୍ୟ କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି କହିଛନ୍ତି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଗତ ୨୯ ତାରିଖରେ ଆବେଦନକାରୀ ଶିଶିର କୁମାର ମଙ୍ଗରାଜଙ୍କ ମାମଲାର ବିଚାର କରି ଉପରୋକ୍ତ ରାୟ ଦେବା ସହ ୪ ସପ୍ତାହ ମଧ୍ୟରେ ତାଙ୍କୁ ବକେୟା ବର୍ଦ୍ଧିତ ଦରମା ୨୦୨୦ରୁ ଆଜି ପର୍ଯ୍ୟନ୍ତ ପ୍ରଦାନ ନିମନ୍ତେ ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ରାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଶିଶିର କୁମାର ମଙ୍ଗରାଜଙ୍କ ବିରୋଧରେ ଖୋର୍ଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ବଳରେ ମଣ୍ଡଳ ଉନ୍ନୟନ ଅଧିକାରୀ ବେଗୁନିଆ ଥାନାରେ ଏକ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଅଧ୍ୟକ୍ଷ ଶ୍ରୀ ମଙ୍ଗରାଜଙ୍କୁ ଗତ ୨୦୧୯ ଡିସେମ୍ବର ୨ ତାରିଖରେ ନିଲମ୍ବନ କରିଥିଲେ। କିନ୍ତୁ ପରେ ୨୦୨୦ ଅଗଷ୍ଟ ୧୪ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ରାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ତଥା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜରିଆରେ ଶ୍ରୀ ମଙ୍ଗରାଜ ପୁନଃନିଯୁକ୍ତି ପାଇଥିଲେ। ପୁନଃନିଯୁକ୍ତି ପାଇବା ଦିନଠାରୁ ଆଜି ପର୍ଯ୍ୟନ୍ତ ବକେୟା ବର୍ଦ୍ଧିତ ଦରମା ପାଇବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ମାତ୍ର ତାଙ୍କ ବିରୋଧରେ ମାମଲା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଥିବା ଦର୍ଶାଇ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦିଆଯାଇଥିଲା। ଫଳରେ ସେ ହାଇକୋର୍ଟରେ ଏନେଇ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଶୁଭଶ୍ରୀ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୭ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ବିଭିନ୍ନ ସମୟରେ ଜନଅଭିଯୋଗ ଶୁଣାଣି କରିଆସିଛନ୍ତି। ତେବେ ଆସନ୍ତା ୭ ତାରିଖରେ ଉକ୍ତ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ଉକ୍ତଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶୁଣାଣିକୁ ବନ୍ଦ ରଖାଯାଇଛି ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ନେଇ ବିଭିନ୍ନ ଗଣମାଧ୍ୟମରେ ସୂଚନା ପ୍ରଦାନ କରାଯିବ ବୋଲି ମଧ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଗାଁରେ କଳାକନା ବୁଲାଇଲେ ଲୁଟେରା

## ବେହୋସ୍ କରି ଲୁଟିନେଲେ ୨୫ ଲକ୍ଷର ସୁନା, ୩.୫ ଲକ୍ଷ ନଗଦ

**ଭଦ୍ରକ,୫।୪(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ମୃଗନୟନୀ ଗାଁରେ ସିରିଜ ଲୁଟ ଘଟଣା ଘଟିଥିବା ବେଳେ ଲୁଟେରାମାନେ କଳାକନା ବୁଲାଇଦେଇଛନ୍ତି। ଗତକାଲି ରାତିରେ ଗାଁର ସୁବାସ ନାୟକ, ଉମାକାନ୍ତ ରାଉତ ଓ ରାଜେଶ ରାଉତଙ୍କ ଘରେ ଲୁଟ୍ ହୋଇଛି। ଘରେ ପଶି ଲୁଟେରାମାନେ କେମିକାଲ ସ୍ପ୍ରେ ବ୍ୟବହାର କରି ପରିବାର ଲୋକଙ୍କୁ ଅଚେତ କରିବା ପରେ ପାଖାପାଖି ୨୫ ଲକ୍ଷର ସୁନା ଅଳଙ୍କାର ଓ ନଗଦ ୩ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସୁବାସ ପ୍ଲାଣ୍ଟରେ କାମ ସାରି ଘରକୁ ଫେରି ରାତିରେ ଶୋଇଥିଲେ। ତେବେ ରାତିରେ ନିଦ ଭାଙ୍ଗିବା ପରେ ସେ ରୋଷେଇ ଘର ଝରକା ତାଡ଼ି କେହି ଘରେ ପଶି ଗଡ଼ରେଜ ଭାଙ୍ଗି ସୁନା ରୁପା ସହ ନଗଦ ୨ ଲକ୍ଷ ଟଙ୍କା ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ସେହିପରି ଉମାକାନ୍ତଙ୍କ ଘରୁ ଲୁଟେରାମାନେ ସୁନା ଅଳଙ୍କାର ସହ ଲକ୍ଷେ ୭୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଥିଲା। ଏହାଛଡ଼ା ରାଜେଶଙ୍କ ଘରୁ ମଧ୍ୟ କିଛି ସୁନାଅଳଙ୍କାର ଲୁଟ୍ ହୋଇଛି।

## ଉପୁରି ମାମଲାରେ ଖସିଯାଉଛନ୍ତି ଅଭିଯୁକ୍ତ



**ଭୁବନେଶ୍ୱର,୫।୪:** ସରକାରୀ ଚାକିରି କରିଥିବା ସଂଖ୍ୟାଧିକ ଲୋକଙ୍କ ପାଇଁ ଉପୁରି ରୋଜଗାର ଏକ ଖରାପ ପ୍ରଥାରେ ପଡିଥିବାବେଳେ ଲାଞ୍ଚ ତୁଳନାରେ ରୁଜୁ ହେଉଥିବା ଦୁର୍ନୀତି ମାମଲା ସଂଖ୍ୟା ନଗଣ୍ୟ । ଯେତିକି ବି ଦୁର୍ନୀତି ନିବାରଣ ମାମଲା ରୁଜୁ ହେଉଛି ସେଥିରୁ ଅଧାରୁ ଅଧିକ ବର୍ଷ ବର୍ଷ ଧରି ଗଡୁଥିବାବେଳେ ଫଏସଲା ମାମଲାଗୁଡ଼ିକରୁ ଅଧିକାଂଶରେ ଅଭିଯୁକ୍ତମାନେ ଦୋଷମୁକ୍ତ ହେଉଛନ୍ତି। ଏହା ଶାସନ କଳକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାରେ ପ୍ରମୁଖ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଅଭିଯୋଗ ହେଉଛି ।

ସରକାରୀ ତଥ୍ୟ ମୁତାବକ ଏବେ ରାଜ୍ୟରେ ପ୍ରାୟ ୩୭୦୦ ଭିଜିଲାନ୍ସ ମାମଲା ବିଚାରାଧିନ ରହିଛି। ୨୦୧୪ରୁ ଏଯାବତ୍ ପ୍ରାୟ ୨୪୦୦ ମାମଲା ଫଏସଲା ହୋଇଥିବା ବେଳେ ଏଥିରେ ହଜାରେରୁ କମ୍ ଘଟଣାରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ କରାଯାଇଛି। ଯେତିକି ଭିଜିଲାନ୍ସ ମାମଲାରେ ଦଣ୍ଡବିଧାନ ହେଉଛି ସେଥିରୁ ଅଧିକାଂଶରେ ଦୋଷୀସାବ୍ୟସ୍ତ ବ୍ୟକ୍ତିମାନେ ହାଇକୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାମଲା ଟାଣୁଥିବାରୁ ବସ୍ତୁତଃ ସେମାନଙ୍କ ପ୍ରତି ଦଣ୍ଡବିଧାନ ବିଳମ୍ବିତ ହେଉଛି । ତଥ୍ୟ ମୁତାବକ, ୨୦୧୪ ବର୍ଷରେ ମାତ୍ର ୮୯ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ଶହେଟି ମାମଲାରେ ସେମାନେ ଖଲାସ ହୋଇଯାଇଥିଲେ। ୨୦୧୭ ବର୍ଷରେ ୧୩୬ଟି ଭିଜିଲାନ୍ସ ମାମଲାରେ ଅଭିଯୁକ୍ତ ଖସିଥିବାବେଳେ ୧୧୯ଟିରେ ଦଣ୍ଡବିଧାନ ହୋଇଥିଲା। ୨୦୨୧ ବର୍ଷରେ ୫୦ଟି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବାବେଳେ ଆଉ ୩୮ଟିରେ ଦଣ୍ଡିତ କରାଯାଇଥିଲା। ୨୦୨୩ ବର୍ଷରେ ୧୨୪ଟି ମାମଲାରେ ଦଣ୍ଡବିଧାନ କରାଯାଇଥିବାବେଳେ ୧୨୬ଟିରେ ଅଭିଯୁକ୍ତ ଖସିଯାଇଥିଲେ । ଗତବର୍ଷ ୧୩୩ଟି ଦୁର୍ନୀତି ନିବାରଣ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବାବେଳେ ୧୦୫ଟିରେ ଦଣ୍ଡବିଧାନ ହୋଇଥିଲା। ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ବି କମ୍ ସଂଖ୍ୟକ ମାମଲାରେ ଦଣ୍ଡବିଧାନ କରାଯାଇଛି । ଏହି ଦୁଇମାସରେ ୨୩ଟି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ୨୧ଟିରେ ଦଣ୍ଡିତ ହୋଇଛନ୍ତି। ଭିଜିଲାନ୍ସ ମାମଲା ପରିଚାଳନା ସହ ଦୀର୍ଘବର୍ଷ ଧରି ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ ବିଳମ୍ବିତ ବିଚାର ଯୋଗୁଁ କେତେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଯାଉଥିବାରୁ ଏହି ମାମଲା ବନ୍ଦହୋଇ ଯାଉଛି । ସଂଖ୍ୟାଧିକ କ୍ଷେତ୍ରରେ ଦୁର୍ବଳ ଅଭିଯୋଗଫର୍ଦ୍ଦ ସହିତ ତଦନ୍ତରେ ତ୍ରୁଟି ଏବଂ ସରକାରଙ୍କ ପକ୍ଷରୁ ଅଦାଲତରେ ଠିକଣା ସମୟରେ ସାକ୍ଷ୍ୟ ପ୍ରମାଣ ଦାଖଲ କରାଯାଇ ପାରୁନଥିବାରୁ ମାମଲା ଗଡୁଛି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ବହୁ ମାମଲାରେ ସାକ୍ଷୀମାନେ ମରି ସାରିଲେଣି। ଆଉ କେତେକ ମାମଲାରେ ବୟସାଧିକ କାରଣରୁ ସାକ୍ଷୀ ୮୦/୯୦ ବର୍ଷ ଟପି ବିଭିନ୍ନ ରୋଗବ୍ୟାଧିରେ ପଡୁଥିବା ଏମିତିକି ଚଳନକ୍ଷମ ଅବସ୍ଥାରେ ନଥିବାରୁ ସେମାନଙ୍କ ସାକ୍ଷ୍ୟପ୍ରମାଣ ଅଭାବରେ ମାମଲା ଫଏସଲା ବିଳମ୍ବିତ ହେଉଛି। ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଯେଉଁମାନଙ୍କୁ ଧରୁଛି ସେମାନଙ୍କ ବିରୁଦ୍ଧରେ ସଠିକ୍ ତଦନ୍ତ ସହିତ ତଥ୍ୟ ପ୍ରମାଣ ଭିତ୍ତିରେ ଦୁଇ ତିନିମାସ ମଧ୍ୟରେ ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇପାରିଲେ ଏବଂ ଅଗ୍ରାଧିକାର ଭିତ୍ତିରେ ଏହି ମାମଲାଗୁଡିକର ବର୍ଷେ ସମୟସୀମା ଭିତରେ ଯଦି ବିଚାର ହୋଇପାରନ୍ତା ତେବେ କଳାସମ୍ପତ୍ତି ଠୁଳ ସହିତ ଲାଞ୍ଚ କାରବାର କରିବାକୁ ଅସାଧୁ ଅଧିକାରୀଙ୍କର ଭୟ ରୁହନ୍ତା । ଭିଜିଲାନ୍ସ ମାମଲା ବର୍ଷ ବର୍ଷ ଧରି ଗଡିବା ପରିପ୍ରେକ୍ଷୀରେ ନିଲମ୍ବିତ ହୋଇଥିବା ଅନେକ କର୍ମଚାରୀ ପୁଣି ଚାକିରିକୁ ଫେରୁଛନ୍ତି ଏବଂ ମାମଲା ଫଏସଲା ହେଉନଥିବାରୁ ସେମାନଙ୍କ ବିରୁଦ୍ଧରେ ଆରମ୍ଭ ହେଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେବା ନଜିର ଦେଖାଇ ସେମାନେ ପେନ୍‌ସନ ଗ୍ରାଚ୍ୟୁଟି ଆଦି ମଧ୍ୟ ପାଇବାରେ ସକ୍ଷମ ହେଉଛନ୍ତି । (ତଥ୍ୟ)

# ଓଡ଼ିଶାରେ ଯୁବତୀ ଚାଲାଣ ରୋକିବ ଏନ୍ଆଇଏ



**ଭୁବନେଶ୍ୱର,୫।୪(ସଂଚାର ବ୍ୟୁରୋ):** ଖୋଲିବ ଓଡ଼ିଶାରେ ଚାଲିଥିବା ଦେହ ବ୍ୟବସାୟ ଗୁମର। ଫିଟିବ ଗୋଲକ ଧନ୍ଦା ପଛରେ ନିରିହ କୋମଳମତିଙ୍କ ଅତ୍ୟାଚାର ଗୁମର। ନାବାଳିକାଙ୍କୁ ନେଇ ଦେହ ବ୍ୟବସାୟ ଚଳାଉଥିବା ଦଲାଲଙ୍କ ଉପରେ ଏବେ ଏନଆଇଏର ନଜର। କାରଣ କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ହେବା ଘଟଣା ପରେ ଏବେ ଏହା ପଛର ସିଣ୍ଡିକେଟର ଚେର ଖୋଜିବ ଏନଆଇଏ ଟିମ।

କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ମାମଲା ରୁଜୁ କରିଛି ଏନଆଇଏ ଟିମ୍। ଗତ ୨୧ ତାରିଖରେ ଆର୍‌ସି ୬/୨୫ରେ ଏକ ସ୍ୱତନ୍ତ୍ର ମାମଲା ରୁଜୁ କରି ଏନଆଇଏ ତଦନ୍ତ ଆରମ୍ଭ କରିଛି। ଏନେଇ ଓଡ଼ିଶାରେ ବାଂଲାଦେଶୀ ଯୁବତୀଙ୍କ ମାଧ୍ୟମରେ ଚାଲିଥିବା ଦେହ ବ୍ୟବସାୟର ଖିଅ ଖୋଜି ଏନ୍ଆଇଏ। ଏଥିପାଇଁ କଟକ ମଧୁପାଟଣା ଥାନାର କେସକୁ ଆଧାର କରି ଗିରଫ ହୋଇଥିବା ୬ ଜଣଙ୍କୁ ସମନ୍ କରାଯାଇଛି। ଆସନ୍ତା ୧୦ ତାରିଖରେ ଏନ୍ଆଇଏ କୋର୍ଟରେ ହାଜର ପରେ ଏହାର ତନାଘନା ଆଗକୁ ବଢ଼ାଇବ ଟିମ୍। ଏନ୍ଆଇଏ ତଦନ୍ତକୁ ନେଇ ଆଇନଜୀବୀ ଉମାକାନ୍ତ ତାଣ୍ଡି କହିଛନ୍ତି ଯେ ଏନ୍ଆଇଏ ତଦନ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦେହ ବ୍ୟବସାୟ ଜଡ଼ିତ ଅସାମାଜିକ ତତ୍ତ୍ୱଙ୍କୁ ଧରିବା ସକାଶେ ତୃଣମୂଳ ସ୍ତରକୁ ଯିବାକୁ ପଡିବ। କେବଳ ବାଂଲାଦେଶ ନୁହେଁ, ବରଂ ନାଗାଲାଣ୍ଡ, ମଣିପୁର ଓ ଆସାମରୁ ଏପରିକି ଓଡ଼ିଶାର ଗାଁଗଣ୍ଡାରୁ ମଧ୍ୟ ଝିଅମାନଙ୍କୁ ଆଣି ଏଠାରେ ନିୟୋଜିତ କରାଯାଉଛି। ଓଡ଼ିଶା ପୁଲିସ ଏସବୁ ବେପାର ପଛରେ କାହାର ହାତ ରହିଛି, ତା'ର ପର୍ଦ୍ଦାଫାସ୍ କରାଯିବା ଉଚିତ।

କୋର୍ଟରେ ସେମାନଙ୍କଠାରୁ ସୂଚନା ଆଧାରରେ ପରବର୍ତ୍ତୀ ତଦନ୍ତ କରିବ ଟିମ୍। ବିଶେଷ କରି ତଦନ୍ତରେ ଏହି ସବୁ ଦିଗକୁ ଏନ୍ଆଇଏ ଗୁରୁତ୍ୱ ଦେବ। ମଧୁପାଟଣା ଥାନା ଘଟଣାରେ ଚାକିରି ଦେବା ନାଁରେ ବାଙ୍ଗଲାଦେଶରୁ ଆଣି ଦେହ ବେପାରରରେ ନିୟୋଜିତ କରିଥିବା ନାବାଳିକା ତଥ୍ୟକୁ ଆଧାରକରି ତଦନ୍ତ ହେବ। ବିଶେଷ କରି ଚାକିରି ଦେବା ନାଁରେ କିଭଳି ଯୁବତୀମାନଙ୍କୁ ସେଠାରୁ ଅଣାଯାଉଛି, କେଉଁସବୁ ଦଲାଲ ଏଭଳି କାରବାର କରୁଛନ୍ତି, କିଭଳି ଭାରତ ସୀମା ଅତିକ୍ରମ କରି ସେମାନଙ୍କୁ ଅଣାଯାଉଛି, ଏସବୁ ପଛରେ କେଉଁମାନେ ଅଛନ୍ତି ଓ ସେମାନେ କିଭଳି ତରିକା ଆପଣାଉଛନ୍ତି, ଏହାର ଗଳାବାଟ କ'ଣ ରହିଛି, ତା'ର ତର୍ଜମା କରିବା ସହ ବିଭିନ୍ନ ଦିଗ ଉପରେ ଏନ୍ଆଇଏ ତଦନ୍ତ କରିବ ବୋଲି ଜଣାପଡ଼ିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଖୁବ୍ ଶୀଘ୍ର ବଜାରକୁ ଆସିବ ହୁଣ୍ଡାଇ ନେକ୍ସୋ ହାଇଡ୍ରୋଜେନ କାର୍

**ନୂଆଦିଲ୍ଲୀ, ୫।୪,** ହୁଣ୍ଡାଇ କୋରିଆରେ ସିଓଲ ମୋବିଲିଟି ସୋ'ରେ ନିଜର ଅପକମିଙ୍ଗ ହାଇଡ୍ରୋଜେନ୍ ଏସୟୁଭି 'ନେକ୍ସୋ ଏଫସିଇଭି'କୁ ଉପସ୍ଥାପନ କରିଛି। ଏହା ଏକ ଫ୍ୟୁଏଲ୍ ଇଲେକ୍ଟ୍ରିକ୍ ଗାଡ଼ି। ଯାହା ୭୦୦ କିଲୋମିଟରରୁ ଅଧିକ ରେଞ୍ଜ ଦେବାରେ ଦାବି କରେ। ଖାସ୍ କଥା ହେଉଛି ଯେ ହାଇଡ୍ରୋଜେନ୍ ଫ୍ୟୁଏଲ୍ ପାଇଁ ମାତ୍ର ୫ ମିନିଟ୍ ସମୟ ଲାଗେ। ଏହି ଏସୟୁଭି କେବଳ ଟେକ୍ନୋଲୋଜିକାଲ୍ ଦୃଷ୍ଟିରୁ ଆଡଭାନ୍ସ ନୁହେଁ ବରଂ ଏହା ଏହାର ଡିଜାଇନ୍ ଏବଂ ପାଫରମାନ୍ସ କ୍ଷେତ୍ରରେ ପ୍ରିମିୟମ ଏକ୍ସେପେରିଏନ୍ସ ମଧ ପ୍ରଦାନ କରେ। ହୁଣ୍ଡାଇ ର 'Art of Steel' ଡିଜାଇନ୍ ଫିଲୋସୋଫି ଦ୍ୱାରା ତିଆରି କରାଯାଇଥିବା ଏହି ଗାଡ଼ି ଏକ ପ୍ରିମିୟମ୍ ବକ୍ସି ଲୁକ୍ ସହିତ ଉପସ୍ଥାପନ ହୋଇଛି।

ହୁଣ୍ଡାଇ ନେକ୍ସୋର ଡିଜାଇନ୍ ବ୍ରାଣ୍ଡର ପ୍ରିମିୟମ୍ ଇଭି ଆୟୋନିକ ୫ ସହିତ ପ୍ରାୟ ସମାନ। ଏହାର ଫ୍ରଣ୍ଟ ଏଚଟିଡବ୍ଲ୍ୟୁଓ ଏଲଇଡି ହେଡଲ୍ୟାମ୍ପ ସେଟଅପ୍ ଚାରୋଟି ପଏଣ୍ଟରେ ଡିଜାଇନ୍ କରାଯାଇଛି। ଯାହା କାରର ଷ୍ଟିଅରିଂ ହୁଇଲରେ ମଧ ଦେଖାଯାଏ। ଏହି ଗାଡ଼ିଟି ବ୍ଲାକ୍ ଫେଣ୍ଡର ଫ୍ଲେୟାର, ସ୍କୋୟାର ୱିଣ୍ଡୋ ଡିଜାଇନ୍ ଏବଂ ସି- ପିଲର ସହିତ ଏକ ଦମଦାର୍ ଏସୟୁଭି ସାଇଡ୍ ପ୍ରୋଫାଇଲ୍ ପାଇଛି।




ଏକ ମର୍ଡନ ଡିଜିଟାଲ୍ ଏକ୍ସପେରିୟନ୍ସ ପ୍ରଦାନ କରିବା ପାଇଁ ହୁଣ୍ଡାଇ ନେକ୍ସୋର ଭିତର ପାର୍ଟ ଡିଜାଇନ୍ କରିଛି। ଏଥି;ରେ ୧୨.୩ ଇଞ୍ଚର ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ ସାମିଲ ଅଛି। ଯାହା ମିଳିତ ଭାବରେ ଗାଡ଼ି ଚାଳନକୁ ଅଧିକ ଇଣ୍ଟରାକ୍ଟିଭ୍ କରିଥାଏ। ଏହା ବ୍ୟତୀତ, ପ୍ରିମିୟମ ସାଉଣ୍ଡ ପାଇଁ ଏଥିରେ ୧୪-ସ୍ପିକର ସାଉଣ୍ଡ ସିଷ୍ଟମ ଅଛି, ଯାହା ଥିଏଟର ପରି ଅଡିଓ ଏକ୍ସେପେରିୟନ୍ସ ପ୍ରଦାନ କରେ।

ହୁଣ୍ଡାଇ ନେକ୍ସୋ ଏଫସିଇଭି ଏକ ଅତ୍ୟାଧୁନିକ ହାଇଡ୍ରୋଜେନ୍-ବେସ୍ଡ ପାୱାରଟ୍ରେନ୍ ସହିତ ଆସିଥାଏ। ଏଥିରେ ୨.୬୪ କେଡବ୍ଲ୍ୟୁଏଚ ପାୱାରର ବ୍ୟାଟେରୀ ପ୍ୟାକ୍ ଅଛି, ଯାହା ୧୪୭ ଏଚପିର ଏକ ଫୁଏଲ୍ ସେଲ୍ ଷ୍ଟାକ୍ ଦ୍ୱାରା ଚାର୍ଜ ହୁଏ। ଏହି ବ୍ୟାଟେରୀ ଏକ ପାୱାରଫୁଲ୍ ୨୦୧ ଏଚପି ଇଲେକ୍ଟ୍ରିକ୍ ମୋଟରକୁ ଶକ୍ତି ଯୋଗାଇଥାଏ। ଯାହା ଏହି ଏସୟୁଭିକୁ ମାତ୍ର ୭.୮ ସେମେଣ୍ଡରେ ୦ ରୁ ୧୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରିବାକୁ ଅନୁମତି ଦିଏ। ହାଇଡ୍ରୋଜେନକୁ ଷ୍ଟୋର କରିବା ପାଇଁ କାରଟିରେ ୬.୬୯ କିଲୋଗ୍ରାମ୍ ପାୱାର ଏକ ହାଇ-ପ୍ରେସର ଟ୍ୟାଙ୍କ ଯୋଗାଇ ଦିଆଯାଇଛି। ଯାହା ଏହାକୁ ୭୦୦ କିଲୋମିଟରରୁ ଅଧିକ ରେଞ୍ଜ ଦେଇପାରିବ। ଆଜିକାଲିର ଇଲେକ୍ଟ୍ରିକ୍ କାରଗୁଡିକ ଡିସି ଫାଷ୍ଟ ଚାର୍ଜରରେ ମଧ ଚାର୍ଜ ହେବାକୁ ୩୦-୬୦ ମିନିଟ୍ ସମୟ ନେଉଥିବାବେଳେ, ହୁଣ୍ଡାଇ ନେକ୍ସୋ ମାତ୍ର ୫ ମିନିଟରେ ହାଇଡ୍ରୋଜେନ୍ ସହିତ ଫ୍ୟୁଏଲ୍ ହୋଇଯାଏ। ଏହି ସୁବିଧା ଲଙ୍ଗ ଟାଇମ୍ ପାଇଁ ଏକ ପରଫେକ୍ଟ ଏସୟୁଭି କରିଥାଏ।



## ଆଜିର ସୁନା ଦର

ବର୍ଦ୍ଧିତ ସୁନା ଓ ରୂପା ଦରରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶସ୍ତା ହୋଇଛି ସୁନା ଅଳଙ୍କାର। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୬୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୬୬୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୧୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୩,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୦, ୮୧୦ ଟଙ୍କା ଓ ୨୨ କ୍ୟାରେଟ୍ ୮୩, ୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୦, ୬୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୩,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୦,୬୬୦ ଓ ୮୩, ୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।

## 'ଅଲ୍ଟ୍ରାଭାୟୋଲେଟି'ର ନୂଆ ଇ-ସ୍କୁଟର, ମୋଟରସାଇକେଲ୍




**ଭୁବନେଶ୍ୱର, ୫।୪:** ଅଲ୍ଟ୍ରାଭାୟୋଲେଟି ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'ଟେରାସେକ୍ଟ' ଓ ମୋଟରସାଇକଲ୍ 'ସକ୍‌ୱେଭ୍'କୁ ଉନ୍ମୋଚନ କରାଯାଇଛି। କମ୍ପାନିର ସହ ପ୍ରତିଷ୍ଠାତା ଓ ସିଇଓ ନାରାୟଣ ସୁବ୍ରମଣ୍ୟମ ଓ ସିଟିଓ ନିରଜ ରାଜମୋହନ ନୂଆ ଗାଡ଼ିକୁ ଉନ୍ମୋଚନ କରିଛନ୍ତି। ଟେରାସେକ୍ଟ ହେଉଛି ବିଶ୍ୱର ପ୍ରଥମ ରାଡାର୍ ସମନ୍ୱିତ ଇଲେକ୍ଟ୍ରିକ ସ୍କୁଟର। ସେଥିରେ ଡ୍ୟାସ୍‌କ୍ୟାମ୍, ଓମ୍ନିସେନ୍ସ ମିରର୍, ବ୍ଲାଇଣ୍ଡସ୍ପଟ୍ ଚିହ୍ନଟ ସୁବିଧା, ଲେନ୍ ପରିବର୍ତ୍ତନ, ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ବେଳେ ସହାୟତା ଓ ଦୁର୍ଘଟଣା ଆଲର୍ଟ ଓ ଏକ ୭ ଇଞ୍ଚ ଟିଏଫ୍‌ଟି ଡିସ୍‌ପ୍ଲେ ଭଳି ସୁବିଧା ରହିଛି। ଏହାର ଦାମ୍ ୧,୪୫,୦୦୦ ଟଙ୍କା ରହିଛି। ସେହିପରି, ସକ୍‌ୱେଭ୍ ମୋଟରସାଇକଲ୍‌ର ସର୍ବାଧିକ ବେଗ ୧୫୫ କେପିଏଚ୍ ରହିଛି। ସେଥିରେ ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ଓ ସ୍ଥିରତା ନିୟନ୍ତ୍ରଣ ଭଳି ସୁବିଧା ରହିଛି। ଏହାର ଦାମ୍ ୧,୭୫,୦୦୦ ଟଙ୍କା ରଖାଯାଇଛି। କମ୍ପାନି ପକ୍ଷରୁ ଏଫ୍୭୭ ଏମ୍‌ଏସିଏଚ୍-୨ ଓ ଏଫ୍୭୭ ସୁପର୍‌ଷ୍ଟ୍ରିଟ୍‌କୁ ମଧ ଉନ୍ମୋଚନ କରାଯାଇଛି। ତାହାର ଦାମ୍ ୨,୯୯,୦୦୦ ଟଙ୍କା ରହିଛି। ସମସ୍ତ ଗାଡ଼ିର ବୁକିଂ ଗ୍ରହଣ କରାଯାଉଛି। ୨୦୨୬ ଜାନୁଆରି ସୁଦ୍ଧା ଗାଡ଼ି ଡେଲିଭରି ଆରମ୍ଭ ହେବ।

## ଦିନକରେ ୫ ବିୱାଇଡି 'ସିଲାୟନ୍ ୭' ହସ୍ତାନ୍ତର

**ଭୁବନେଶ୍ୱର, ୫।୪:** ପାହାଳ ସ୍ଥିତ ସେଣ୍ଟ୍ରାଲ୍ ବିୱାଇଡିରେ ଗୋଟିଏ ଦିନରେ ୫ଟି 'ସିଲାୟନ୍ ୭' ଏସ୍‌ୟୁଭି ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି।

**ଥରେ ଚାର୍ଜ କଲେ ୫୦୦ କିମି ଯିବ**

ଏଥିରେ ରହିଛି ଉନ୍ନତ ବ୍ଲେଡ୍ ପ୍ରଯୁକ୍ତି, ଯାହା ଦ୍ୱାରା ଗାଡ଼ିକୁ ଥରେ ଚାର୍ଜ କଲେ ତାହା ୫୦୦ କିମିରୁ ଅଧିକ ଯାତ୍ରା କରିପାରୁଛି। ଗାଡ଼ିରେ ପରିବେଶ ଅନୁକୂଳ ଉପକରଣ ବ୍ୟବହାର କରାଯାଇଛି। ଏହାର ଡିଲିଙ୍କ ୪.୦ ଇନ୍‌ଫୋଟେନ୍‌ମେଣ୍ଟ ବ୍ୟବସ୍ଥା ଅନେକ ସୁବିଧା ପ୍ରଦାନ କରୁଛି।

ସୁରକ୍ଷା ଦୃଷ୍ଟିରୁ ସିଲାୟନ୍ ୭ରେ ରହିଛି ସ୍ୱୟଂକ୍ରିୟ ଗାଡ଼ିଚାଳନା ସହାୟତା, ୩୬୦ ଡିଗ୍ରି କ୍ୟାମେରା, ଏକାଧିକ ଏୟାରବ୍ୟାଗ୍ ଯାହା ଉଭୟ ଗାଡ଼ିରେ ବସିଥିବା ଲୋକ ଓ ପଥଚାରୀଙ୍କ ସୁରକ୍ଷା ନିଶ୍ଚିତ କରୁଛି। ବିୱାଇଡିର ସିଲାୟନ୍ ୭ ଏସ୍‌ୟୁଭିର ପ୍ରାରମ୍ଭିକ ମୂଲ୍ୟ ୪୮.୯୦ ଲକ୍ଷ ଟଙ୍କା ରହିଛି। ଏହା ୬୯୦ ଏନ୍‌ଏମ୍ ଟର୍କ ଓ ୫୨୩ ବିଏଚ୍‌ପି ଶକ୍ତି ଉତ୍ପନ୍ନ କରୁଛି। ଏହା ସ୍କାଇ ହ୍ୱାଇଟ୍, କସ୍‌ମସ୍ ବ୍ଲାକ୍, ଆଟଲାଣ୍ଟିସ୍ ଗ୍ରେ ଓ ସାର୍କ ଗ୍ରେ ରଙ୍ଗରେ ଉପଲବ୍ଧ ହୋଇଛି। ଏହି ଅବସରରେ ସେଣ୍ଟ୍ରାଲ୍ ବିୱାଇଡି ଏଜିଏମ୍-ସେଲ୍‌ସ ପ୍ରତୀକ ଝା ଓ ବିକ୍ରି ପ୍ରବନ୍ଧକ ମାନସ ମିଶ୍ର ଉପସ୍ଥିତ ଥିଲେ।





## ଆଜିର ପେଟ୍ରୋଲ, ଡିଜେଲ ଦର

ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ଚାହୁଁଛନ୍ତି କି ? ତେବେ ତା ପୂର୍ବରୁ ଜାଣନ୍ତୁ ଆଜିର ଦର କେତେ ? କାରଣ ପେଟ୍ରୋଲ ଦଳରେ ସକାଳୁ ସକାଳୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ରିଲାଏନ୍ସ ଡିଜିଟାଲ୍‌ର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍'




**ଇଲେକ୍ଟ୍ରୋନିକ୍ସ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତ**

**ଭୁବନେଶ୍ୱର ୫।୪:** ରିଲାଏନ୍ସ ଡିଜିଟାଲ ପୁଣିଥରେ ନେଇ ଆସିଛି 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍'। ଦେଶର ଏହି ବୃହତ୍ ଇଲେକ୍ଟ୍ରୋନିକ୍ସ ସେଲ୍ ଅବସରରେ ପ୍ରମୁଖ ବ୍ୟାଙ୍କ କାର୍ଡ ଏବଂ ପେପର୍ ଫାଇନାନ୍ସ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବେ ଗ୍ରାହକ। ସମସ୍ତ ଇଲେକ୍ଟ୍ରୋନିକ୍ସ ଉପରେ ଏହି ଅଫର୍ ଆରମ୍ଭ ହୋଇଛି। ଏହା ଏପ୍ରିଲ ୨୦ ଯାଏ ସମସ୍ତ ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ୍ reliancedigital.in ରେ ଉପଲବ୍ଧ। ସହଜ ଫାଇନାନ୍ସ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତ ଡେଲିଭରି ଓ ଇନ୍‌ଷ୍ଟଲେଶନ୍ ସହିତ ଏହା ନିଜ ଇଲେକ୍ଟ୍ରୋନିକ୍ସକୁ ଅପ୍‌ଗ୍ରେଡ୍ କରିବା ପାଇଁ ସଠିକ ସମୟ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୬,୯୯୦ ଟଙ୍କାରୁ ୧.୫ ଟନ୍ ୩ ଷ୍ଟାର ଏସି ଉପଲବ୍ଧ। ବ୍ୟାପକ ରେଞ୍ଜ ଏୟାର୍ କୁଲର୍‌ରେ ଆକର୍ଷଣୀୟ ଅଫର୍ ରହିଛି। ୬୧,୯୯୦ ଟଙ୍କାରେ ସାଇଡ୍ ବାଏ ସାଇଡ୍ ରେଫ୍ରିଜରେଟର ରହିଛି। ଲାପ୍‌ଟପ୍ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେନିଫିଟ୍ ଏବଂ ସର୍ବୋତ୍ତମ ମୂଲ୍ୟରେ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ରହିଛି। ଟିଭି ଉପରେ ୬୦% ପର୍ଯ୍ୟନ୍ତ ରିହାତି ରହିଛି। ୫୫ ଇଞ୍ଚ ୪କେ ଗୁଗୁଲ୍ ଟିଭି ୨୬,୯୯୦ ଟଙ୍କାରେ ଉପଲବ୍ଧ।

ୱାଶର୍ ଡ୍ରାୟର ୪୯,୯୯୦ ଟଙ୍କାରୁ ଆରମ୍ଭ ଏବଂ ଏହାସହିତ ୩୦୦୦ ଟଙ୍କାର ଫ୍ରିବିଜ୍ ରହିଛି। ୫୩୭ ଟଙ୍କାର ମାସିକ କିସ୍ତିରେ ଗ୍ରାହକ ଆପଲ୍ ଏୟାର୍‌ପଡ୍ ୪ ପାଇପାରିବେ। ସେହିଭଳି ୩୯୦୮ ଟଙ୍କାର ମାସିକ କିସ୍ତିରେ ଆପଲ୍ ୱାଚ୍ ସିରିଜ୍ ୧୦ ଉପଲବ୍ଧ। ହୋମ୍ ଏବଂ କିଚେନ୍ ଆପ୍ଲାଏନ୍ସେସ୍ ଉପରେ ଅଧିକ କିଣିଲେ ଅଧିକ ସଞ୍ଚୟ ଅଫର ରହିଛି। ଗୋଟିଏ କିଣି ୫%ର ରିହାତି ପାଇବେ ଗ୍ରାହକ। ସେହିଭଳି ଦୁଇଟି କିଣି ୧୦% ଏବଂ ୩ଟି କିଣି ୧୫% ରିହାତି ପାଇପାରିବେ।

## ଏ ବର୍ଷ ମାନ୍ଦାବସ୍ଥା ଆଶଙ୍କା



**ନୂଆଦିଲ୍ଲୀ,୫।୪:** ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥା ଆମେରିକାରେ ବଢ଼ିଯାଇଛି ମାନ୍ଦାବସ୍ଥା ଆଶଙ୍କା। ବିଭିନ୍ନ ଦେଶଗୁଡ଼ିକ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଶୁଳ୍କ ନୀତି ପରେ ୱାଲ୍ ଷ୍ଟ୍ରିଟ୍‌ରେ ବଢ଼ିଯାଇଛି ଆର୍ଥିକ ଚିନ୍ତା। କେତେକ ବଡ଼ ବଡ଼ ବ୍ୟାଙ୍କ ମାନ୍ଦାବସ୍ଥା ନେଇ ପୂର୍ବାନୁମାନ କଲେଣି। ଟ୍ରମ୍ପ ବୁଧବାର ରାତିରେ ଭାରତ ସମେତ ୬୦ରୁ ଅଧିକ ଦେଶ ଉପରେ ଯେସାକୁ ତେସା ଶୁଳ୍କ ଲଗାଇବାକୁ ଘୋଷଣା କରିଥିଲେ। ଏହା ଯୋଗୁ ବିଶ୍ୱରେ ମାନ୍ଦାବସ୍ଥାର ଆଶଙ୍କା ତେଜିଛି। ଉକ୍ତ କାରଣରୁ ଗୁରୁବାର ବିଶ୍ୱବ୍ୟାପୀ ସେୟାର ବଜାରଗୁଡ଼ିକରେ ପତନ ଦେଖିବାକୁ ମିଳିଥିଲା ଏବଂ ୱାଲ୍‌ଷ୍ଟ୍ରିଟ୍ ନିବେଶକଙ୍କ ୨.୪ ଟ୍ରିଲିୟନ ଡଲାର ସ୍ୱାହା ହୋଇଯାଇଥିଲା। ଲଗାତର ଦ୍ୱିତୀୟ ଦିନ କାରବାର ଦିବସରେ ଭାରତୀୟ ଇକ୍ୱିଟି ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଶୁକ୍ରବାର କାରବାର ଶେଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୯୦୦ରୁ ଅଧିକ ପଏଣ୍ଟ ଖସିଯାଇଛି। ଫଳରେ ନିବେଶକଙ୍କୁ ୯.୫ ଲକ୍ଷ କୋଟି ଟଙ୍କାର ଝଟ୍‌କା ଲାଗିଛି। ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁସାରେ, ଆମେରିକାର ପ୍ରମୁଖ ବ୍ୟାଙ୍କ ଜେ.ପି. ମୋର୍ଗାନ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ବ୍ରୁସ୍ କାସ୍‌ମ୍ୟାନ୍ କହିଛନ୍ତି ଯେ, ୨୦୨୫ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ୬୦% ସମ୍ଭାବନା ରହିଛି। ସେ କହିଛନ୍ତି ଯେ, ଏହି ଟିକସ ବୃଦ୍ଧିର ପ୍ରଭାବ ଆହୁରି ବଢ଼ିପାରେ। ଏହି ପ୍ରଭାବ ରାଷ୍ଟ୍ରଗୁଡ଼ିକର ପାଲଟା ଶୁଳ୍କ ହମ୍‌ଲା,ଆମେରିକାରେ ବ୍ୟବସାୟିକ ସେଣ୍ଟିମେଣ୍ଟ ଖସିବା ଏବଂ ଯୋଗାଣ ଶୃଙ୍ଖଳରେ ବ୍ୟବଧାନ ଉପରେ ନିର୍ଭର କରିବ। ଗୋଲ୍‌ଡମ୍ୟାନ୍ ସାଚ୍‌ସ ବି ସମାନ ଧରଣ ଚିନ୍ତା ପ୍ରକାଶ କରିଛି। ଆଗାମୀ ୧୨ ମାସରେ ମାନ୍ଦାବସ୍ଥା ସମ୍ଭାବନା ୩୫% ଥିବା ଏହା ପ୍ରକାଶ କରିଛି। ଗୋଲ୍‌ଡମ୍ୟାନ୍ ସାଚ୍‌ସ ୨୦୨୫ ପାଇଁ ବିଶ୍ୱ ଜିଡିପି ଅଭିବୃଦ୍ଧି ଅନୁମାନକୁ କମାଇ ୧% କରିଦେଇଛି। ବେକାରି ହାର ୪.୫% ପର୍ଯ୍ୟନ୍ତ ବଢ଼ିବ ବୋଲି ଏହା ଅନୁମାନ କରିଛି। ଗୋଲ୍‌ଡମ୍ୟାନ୍‌ର ରିପୋର୍ଟରେ କୁହାଯାଇଛି ଯେ, ମାନ୍ଦାବସ୍ଥା ସମ୍ଭାବନାରେ ବୃଦ୍ଧି ଗତ ମାସକରେ ପାରିବାରିକ ଏବଂ ବ୍ୟବସାୟିକ ବିଶ୍ୱାସରେ ହୋଇଥିବା ହ୍ରାସକୁ ଦର୍ଶାଉଛି। ଟାରିଫ୍ ଘୋଷଣା ପରେ ଆର୍ଥିକ ବଜାରଗୁଡ଼ିକରେ ହ୍ରାସ ଘଟିଛି। ଉପଭୋକ୍ତାଙ୍କ ଭରସା ବି ଖସିଛି। ୟୁନିଭର୍ସିଟି ଅଫ୍ ମିଚିଗାନ୍‌ର ଏକ ସର୍ଭେ ଅନୁସାରେ, ମହାମାନ୍ଦାବସ୍ଥା ପରେ ଏବେ ସବୁଠାରୁ ଅଧିକ ଆମେରିକୀୟ ବେକାରି ହାର ବଢ଼ିବାର ଆଶଙ୍କା ରହିଛି। ମୁଡିସ୍ ଆନାଲିଟକ୍ସର ମୁଖ୍ୟ ଅର୍ଥନୀତିଜ୍ଞ ମାର୍କ ଜାଣ୍ଡି ମାନ୍ଦାବସ୍ଥା ସମ୍ଭାବନାକୁ ୧୫% ରୁ ବଢ଼ାଇ ୪୦% କରିଦେଇଛନ୍ତି।

**ବିଶ୍ୱରେ ତେଜିବ ଦରଦାମ, ବଢ଼ିବ ବେକାରି ସଂଖ୍ୟା**

ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ, ଦ୍ରୁତ ବେଗରେ ବଢୁଥିବା ବାଣିଜ୍ୟ ଯୁଦ୍ଧ ଏବଂ ସରକାରୀ ଖର୍ଚ୍ଚରେ ହ୍ରାସ ଏହାର କାରଣ। ବିଶ୍ୱ ଅର୍ଥବ୍ୟବସ୍ଥା ପାଇଁ ଟ୍ରମ୍ପଙ୍କ ୨୫%ର ଅଟୋ ଟାରିଫ୍ ଏବଂ ରାଷ୍ଟ୍ରଗୁଡ଼ିକର ସମ୍ଭାବ୍ୟ ପାଲଟା ଶୁଳ୍କ ହମ୍‌ଲା ରିସ୍କ ସାଜିବ ବୋଲି ଜାଣ୍ଡି କହିଛନ୍ତି। ବିତ୍ତୀୟ ଆହ୍ୱାନଗୁଡ଼ିକ ସତ୍ତ୍ୱେ ଟ୍ରମ୍ପ ନିଜର ଶୁଳ୍କ ରଣନୀତିରେ ଅଟଳ ରହିଛନ୍ତି। ତାଙ୍କ ମୁତାବକ ଟାରିଫ୍ ଦ୍ୱାରା ପ୍ରତିବର୍ଷ ଆମେରିକାକୁ ୬୦୦୦୦ କୋଟି ଡଲାରର ରାଜସ୍ୱ ମିଳିବ। କିନ୍ତୁ ଅର୍ଥନୀତିଜ୍ଞମାନେ ଏହି ଦାବିକୁ ଖଣ୍ଡନ କରିଛନ୍ତି। ଏମାନେ କହିଛନ୍ତି ଯେ, ଏହାର ବୋଝ ଉପଭୋକ୍ତା ଏବଂ କମ୍ପାନିଗୁଡ଼ିକ ଉପରେ ପଡ଼ିବ।

**ଶ୍ରମ ଶକ୍ତିରେ ବଡ଼ ପରିବର୍ତ୍ତନ**

## ନିଯୁକ୍ତି ଲାଗି ପୁରୁଷ ସହରମୁହାଁ

**କୃଷିରେ ମହିଳାଙ୍କ ଅଂଶଗ୍ରହଣ ୭୨% ବୃଦ୍ଧି**

**ଭୁବନେଶ୍ୱର ୫।୪:** ଗତ ୫ ବର୍ଷରେ ରାଜ୍ୟର କୃଷି କ୍ଷେତ୍ରରେ ନିୟୋଜିତ ଶ୍ରମ ଶକ୍ତିରେ ଆସିଛି ବଡ଼ ପରିବର୍ତ୍ତନ। ଏ କ୍ଷେତ୍ରରେ ମହିଳାଙ୍କ ଦବଦବା ବଢ଼ିଚାଲିଛି। ୨୦୧୯-୨୦ରୁ ୨୦୨୩-୨୪ ଅବଧିରେ ରାଜ୍ୟର ମୋଟ କୃଷି ଶ୍ରମ ଶକ୍ତି ୮୩.୫ ଲକ୍ଷରୁ ୧.୦୪ କୋଟିକୁ ବଢ଼ିଛି। ଏ କ୍ଷେତ୍ରରେ ଅଭିବୃଦ୍ଧି ରହିଛି ୨୫% । ତେବେ ଏହି ଅବଧିରେ ମହିଳାଙ୍କ ଯୋଗଦାନ ୭୨% ବଢ଼ି ୩୩.୧ ଲକ୍ଷରୁ ୫୬.୯ ଲକ୍ଷ ଛୁଇଁଛି। ପୁରୁଷମାନେ ବିକଳ୍ପ କାମଧନ୍ଦା ଲାଗି ସହରାଞ୍ଚଳ ମୁହାଁ ହେଉଥିବାରୁ କୃଷି କାର୍ଯ୍ୟରେ ଏବେ ଅଧିକ ମହିଳା ନିୟୋଜିତ ହେଉଥିବା ପରିସଂଖ୍ୟାନ ମନ୍ତ୍ରଣାଳୟର ପିରିୟଡିକ୍ ଶ୍ରମ ଶକ୍ତି ସର୍ଭେରୁ ସୂଚନା ମିଳିଛି।

କୃଷି ଉତ୍ପାଦନକାରୀ ଭାବେ ମହିଳାଙ୍କ ଭୂମିକା ୨୬.୪ ଲକ୍ଷରୁ ୪୭.୭ ଲକ୍ଷ ଏବଂ କୃଷି ଶ୍ରମିକ ଭାବେ ୬.୭ ଲକ୍ଷରୁ ୯.୨ ଲକ୍ଷକୁ ବଢ଼ିଛି। ଏହା କୃଷି କାର୍ଯ୍ୟରେ ମହିଳାଙ୍କ ମାଲିକାନା ଏବଂ ଦାୟିତ୍ୱ ଗ୍ରହଣୀୟତାକୁ ଦର୍ଶାଉଛି। ଏଭଳି ସ୍ଥିତିରେ କୃଷିରେ ପୁରୁଷ ଶ୍ରମଶକ୍ତି ୫୦.୪ ଲକ୍ଷରୁ ୪୭.୨ ଲକ୍ଷକୁ ହ୍ରାସ ହୋଇଛି। ଚାଷୀ ଏବଂ ଶ୍ରମିକ ଭାବେ ପୁରୁଷଙ୍କ ସଂଖ୍ୟା ଯଥାକ୍ରମେ ୪୪.୪ ଲକ୍ଷରୁ ୪୨.୮ ଲକ୍ଷ ଏବଂ ୬ ଲକ୍ଷରୁ ୪ ଲକ୍ଷକୁ ଖସିଛି।



କୃଷିରେ ମହିଳା ନେତୃତ୍ୱ ଏବଂ ଗ୍ରାମାଞ୍ଚଳ ଗୋଷ୍ଠୀ ବିକାଶକୁ ଏହା ସୂଚାଉଛି। ତେବେ ରାଜ୍ୟ କୃଷି ପରିବର୍ତ୍ତେ ଅଣକୃଷି କ୍ଷେତ୍ର ଯଥା ଏମ୍‌ଏସ୍‌ଏମ୍‌ଇ, କୃଷି ଭିତ୍ତିକ ଶିଳ୍ପ ବିକାଶ ଉପରେ ଧାନ ଦେବାକୁ କୁହାଯାଇଛି। ରାଜ୍ୟ ଏବେ ଶ୍ରମିକ-କୈନ୍ଦ୍ରିକ ଶିଳ୍ପ ଯଥା ପୋଷାକ, ଫୁଟୱେର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଅଟୋମୋବାଇଲ ଉପରେ ଧାନ ଦେଉଥିବାରୁ ଏହାର ଲାଭ ମିଳିବ ବୋଲି ଆଶା କରାଯାଉଛି। ଶସ୍ୟ ଉତ୍ପାଦନରେ ୭୩.୭% କୃଷି ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏ କ୍ଷେତ୍ରରେ ବିଶେଷ କରି ପାରମ୍ପରିକ କୃଷି ପଦ୍ଧତି ବ୍ୟବହାର ହେଉଛି। ସେହିଭଳି ପଶୁପାଳନ କ୍ଷେତ୍ରରେ ୧୧.୧% ଶ୍ରମଶକ୍ତି ନିୟୋଜିତ ରହୁଛନ୍ତି। ଉଭୟ ଶସ୍ୟ ଉତ୍ପାଦନ ଏବଂ ପଶୁପାଳନରେ ୭.୭% ଶ୍ରମଶକ୍ତି ରହିଛନ୍ତି। ମତ୍ସ୍ୟ ଚାଷ ସହ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ମାତ୍ର ୧.୩% ଲୋକ ନିୟୋଜିତ ରହିଛନ୍ତି। ଏହାବାଦ ଅମଳ ପରବର୍ତ୍ତୀ କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ପରିଚାଳନାରେ ଯଥାକ୍ରମେ ୩.୭% ଓ ୨.୪% ଲୋକ ନିୟୋଜିତ ଅଛନ୍ତି। ରାଜ୍ୟ କୃଷି ନିର୍ଦ୍ଦେଶାଳୟ ଡାଟା ମୁତାବକ, ୨୦୨୪-୨୫ରେ ରାଜ୍ୟର କୃଷି କ୍ଷେତ୍ର ୩.୩% ବଢ଼ିଛି। ସେହିଭଳି ପ୍ରାଣୀପାଳନ ୬.୨% ଏବଂ ମତ୍ସ୍ୟ ଓ ଜଙ୍ଗଲ କ୍ଷେତ୍ର ଅଭିବୃଦ୍ଧି ୬.୭%। ୨୦୧୩-୧୪ରୁ ୨୦୨୪-୨୫ ଅବଧିରେ କୃଷି କ୍ଷେତ୍ର ୫.୧% ହାରରେ ବଢ଼ିଛି। ମତ୍ସ୍ୟ ଏବଂ ଆକ୍ୱାକଲଚର ଅଭିବୃଦ୍ଧି ୧୦.୧%। ସେହିଭଳି ପ୍ରାଣୀପାଳନ ୫.୬%, ଜଙ୍ଗଲ ୫.୧% ଏବଂ ଶସ୍ୟ ଉତ୍ପାଦନ ଏହି ଅବଧିରେ ୪.୭% ବଢ଼ିଛି। ଏହା ରାଜ୍ୟର କୃଷି କ୍ଷେତ୍ର ବିବିଧତାକୁ ଦର୍ଶାଉଛି। ଏହା ଦ୍ୱାରା କୃଷି ଶ୍ରମିକ କେବଳ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ନ ହୋଇ ଅନ୍ୟ କ୍ଷେତ୍ରରେ ମଧ ରୋଜଗାର ଅବସର ପାଉଛନ୍ତି।






# ମାରାତ୍ମକ ସୁପର୍‌ବଗ୍ ପ୍ରସାର କରୁଛନ୍ତି ସହରୀ ପକ୍ଷୀ!

**ସୁପରବଗ୍‌ମାନଙ୍କର ପ୍ରାଦୁର୍ଭାବର ସିଧାସଳଖ ପ୍ରଭାବ ସ୍ୱରୂପ ପ୍ରତିବର୍ଷ ପୃଥିବୀରେ ୧୨.୭ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି। ସେମାନଙ୍କ ଭିତରୁ ପ୍ରତି ପାଞ୍ଚ ଜଣରେ ଜଣେ ହେଉଛନ୍ତି ପାଞ୍ଚ ବର୍ଷରୁ କମ୍ ବୟସର।**

ବିଭିନ୍ନ ରୋଗର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଆମେ ସାଧାରଣତଃ ଆଣ୍ଟିବାୟୋଟିକ୍ ଖାଇଥାଉ। ତେବେ ଆଣ୍ଟିବାୟୋଟିକ୍‌ର ଲଗାତାର ସେବନ ଫଳରେ ସଂକ୍ରମଣକାରୀ ବୀଜାଣୁଗୁଡ଼ିକ ଧୀରେ ଧୀରେ ସଂପୃକ୍ତ ଔଷଧ ପ୍ରତି ସହନଶୀଳ ହୋଇଯାଆନ୍ତି। ସେଭଳି ଆଣ୍ଟିବାୟୋଟିକ୍ ପ୍ରତିରୋଧୀ 'ସୁପରବଗ୍'ଗୁଡ଼ିକ ସମ୍ପ୍ରତି ବିଶ୍ୱବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବିରାଟ ଆହ୍ୱାନ ଭାବେ ଉଭା ହୋଇଛନ୍ତି। ଏହି ସୁପରବଗ୍‌ଗୁଡ଼ିକ ଏକ ଅସ୍ୱାଭାବିକ ବାହକ ଦ୍ୱାରା ଆମ ଶରୀରକୁ ବିସ୍ତାର କରୁଥିବା ଗବେଷକମାନେ ଜାଣିପାରିଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଧ୍ୟାନ ଅନୁଯାୟୀ ଆମ ସହରଗୁଡ଼ିକରେ ଥିବା ପକ୍ଷୀମାନେ ଏଥିପାଇଁ ବିଶେଷ ଭାବେ ଦାୟୀ।

ସହରୀ ପକ୍ଷୀମାନେ ଆମର ଆବର୍ଜନା ଓ ନର୍ଦ୍ଦମାରୁ ବିପଜ୍ଜନକ ସୁପରବଗ୍‌ମାନଙ୍କୁ ଆହରଣ କରୁଛନ୍ତି ଏବଂ ସେମାନେ ସହର ବାସିନ୍ଦାଙ୍କ ସହିତ ନିୟମିତ ନିକଟତର ହେଉଥିବାରୁ ଆଣ୍ଟିବାୟୋଟିକ୍ ପ୍ରତିରୋଧୀ ବୀଜାଣୁ ଲୋକଙ୍କ ଶରୀରରେ ପ୍ରବେଶ କରି ବ୍ୟାପିବାର ଆଶଙ୍କା ରହିଛି। ଏହି ଗବେଷକମାନେ ୟୁନାଇଟେଡ୍ କିଙ୍ଗଡମ୍, ଆମେରିକା, କାନାଡା, ଜାପାନ, ଫିନ୍‌ଲାଣ୍ଡ୍, ଇଟାଲି, ଲିଥୁଆନିଆ ଓ ସ୍ୱିଡେନ୍ ଆଦି ୮ଟି ଦେଶରୁ ୩୦ ପ୍ରଜାତିର ପକ୍ଷୀଙ୍କ ପାକସ୍ଥଳୀରୁ ୭୦୦ ପ୍ରକାରର ବୀଜାଣୁ ନମୁନାକୁ ଅନୁଧ୍ୟାନ କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଜଙ୍ଗଲ ବା ଗ୍ରାମାଞ୍ଚଳରେ ରହୁଥିବା କାଉ, ହଂସ ଓ ଗଲ୍ ପରି ପକ୍ଷୀଙ୍କ ତୁଳନାରେ ଜନବସତି ନିକଟରେ ରହୁଥିବା ଏହି ସବୁ ପକ୍ଷୀଙ୍କ ଠାରେ ତିନିଗୁଣା ଅଧିକ ଆଣ୍ଟିମାଇକ୍ରୋବାୟାଲ୍ ପ୍ରତିରୋଧୀ ଜିନ୍ ରହିଥିବା ଜାଣିବାକୁ ମିଳିଛି। ସେଗୁଡ଼ିକ ମଧ୍ୟରେ ଫ୍ଲୁରୋକ୍ୱିନୋଲୋନ୍‌ସ ଓ ବିଟା-ଲାକ୍ଟାମସ୍ ପରି ମନୁଷ୍ୟ ବ୍ୟବହାର କରୁଥିବା ଆଣ୍ଟିବାୟୋଟିକ୍ ପ୍ରତିରୋଧୀ ଜିନ୍ ରହିଛି। ଆମ ପିଢ଼ି ପାଇଁ ସଂପୃକ୍ତ ସୁପରବଗ୍‌ମାନଙ୍କର ଏଭଳି ଆଣ୍ଟିବାୟୋଟିକ୍ ପ୍ରତିରୋଧକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ସଂକଟ ଭାବେ ଅଭିହିତ କରିଛି।

ସୂଚନାଯୋଗ୍ୟ, ଏହି ସୁପରବଗ୍‌ମାନଙ୍କର ପ୍ରାଦୁର୍ଭାବର ସିଧାସଳଖ ପ୍ରଭାବ ସ୍ୱରୂପ ପ୍ରତିବର୍ଷ ପୃଥିବୀରେ ୧୨.୭ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟୁଛି। ସେମାନଙ୍କ ଭିତରୁ ପ୍ରତି ପାଞ୍ଚ ଜଣରେ ଜଣେ ହେଉଛନ୍ତି ପାଞ୍ଚ ବର୍ଷରୁ କମ୍ ବୟସର। ନିମ୍ନ ଓ ମଧ ଆୟବର୍ଗର ଦେଶମାନେ ଅଧିକ ଭାବେ ଏହି ସୁପରବଗ୍‌ମାନଙ୍କର ଶିକାର ହେଉଥିବା ବେଳେ ଅଷ୍ଟ୍ରେଲିଆ ପରି ଉନ୍ନତ ଦେଶରେ ମଧ ୨୦୧୯ ମସିହାରେ ଆଣ୍ଟିବାୟୋଟିକ୍ ପ୍ରତିରୋଧୀ ବୀଜାଣୁ କାରଣରୁ ୧,୬୦୦ ଜଣଙ୍କର ପ୍ରାଣ ଯାଇଥିବା ସୂଚନା ରହିଛି।

# 'ବିଧବା ଧମନୀ'କୁ ସଜାଡୁଛି ବାଇପାସ୍ ସର୍ଜରି



ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ
ହୃଦ୍‌ରୋଗ ବିଶେଷଜ୍ଞ

**'ବିଧବା ଧମନୀ' କ'ଣ? ବାଇପାସ୍ ସର୍ଜରି ଏହି ଧମନୀରେ କରାଯାଏ କି?**

ହୃତ୍‌ପିଣ୍ଡକୁ ରକ୍ତ ଯୋଗାଇବା ପାଇଁ 'କରୋନାରି ଆର୍ଟେରି' ବା ଧମନୀ ସବୁ ରହିଥାଏ। ବାମ ପାଖର ମୁଖ୍ୟ କରୋନାରି ଆର୍ଟେରିର ଦୁଇଟି ଶାଖା 'ଲେଫ୍ଟ ଆଣ୍ଟେରିୟର୍ ଡିସେଣ୍ଡିଂ ଆର୍ଟେରି (ଏଲ୍‌ଏଡି)' ଓ 'ଲେଫ୍ଟ ସର୍‌କମ୍‌ପ୍ଲେକ୍ସ (ଏଲ୍‌ସିଏକ୍ସ)' ରହିଛି। ଏହି ଦୁଇ ଶାଖା ହୃତ୍‌ପିଣ୍ଡର ୬୦ରୁ ୭୦% ମାଂସପେଶୀକୁ ରକ୍ତ ଯୋଗାଇଥାଏ। ଏଥିରେ ବ୍ଲକେଜ୍ ଆସିଲେ ହୃଦ୍‌ଘାତ ହୁଏ। ପୂର୍ବରୁ ଅଧିକାଂଶ ପୁରୁଷ ହୃଦ୍‌ଘାତରେ ପ୍ରାଣ ହରାଇ ମହିଳାମାନେ ବିଧବା ହେଉଥିବାରୁ କୌତୁକିଆ ଡାକ୍ତରୀ ଭାଷାରେ ଏହାକୁ 'ବିଧବା ଧମନୀ' କୁହାଯାଏ। ବାଇପାସ୍ ସର୍ଜରିରେ ଶରୀରର ଅନ୍ୟ କୌଣସି ଅଂଶରୁ ରକ୍ତନଳୀ ନେଇ ଉକ୍ତ ବ୍ଲକେଜ୍‌ରେ ବାଇପାସ୍ କରି ଲଗାଇ ଦିଆଯାଏ।

**କେଉଁ ପରିସ୍ଥିତିରେ ଓ କେଉଁ ବୟସରେ ଏହି ସର୍ଜରି କରାଯାଇପାରେ?**

କରୋନାରି ଆର୍ଟେରି ବ୍ଲକେଜ୍‌କୁ କିଛି ବର୍ଷ ପୂର୍ବରୁ ବାର୍ଦ୍ଧକ୍ୟ ସମୟର ରୋଗ ବୋଲି କୁହାଯାଉଥିଲା। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କଠାରେ ଏହି ରୋଗ ଦେଖାଯାଉଥିଲା। ଏବେ ବି ଜାପାନରେ ବୟସ୍କ ଲୋକଙ୍କୁ ହିଁ ଏହି ରୋଗ ଧରିଥାଏ। କିନ୍ତୁ ଭାରତରେ ଯୁବାବସ୍ଥାରେ ବି ଏହା ଦେଖାଦେଲାଣି। କରୋନା ପରେ ଏହି ରୋଗ ଆହୁରି ମାରାତ୍ମକ ରୂପ ନେଇଛି। ଏବେ ୩୦ ବର୍ଷ ବୟସରେ ବି ଏହି ସର୍ଜରି ହେଉଛି। ଯେକୌଣସି ବୟସରେ ଶାରୀରିକ ସ୍ଥିତିକୁ ଦେଖି ଏହି ସର୍ଜରି ହୋଇପାରିବ।

**ବାଇପାସ୍ ସର୍ଜରି କେତେ ସୁରକ୍ଷିତ ଓ ସର୍ଜରି ପରେ ଏକ ସାଧାରଣ ଜୀବନ ବଞ୍ଚିବା ସମ୍ଭବ କି?**

ବାଇପାସ୍ ସର୍ଜରି ୯୯.୯% ସଫଳ। ସର୍ଜରି ପରେ ରୋଗୀ ସୁସ୍ଥ ହୋଇ ସାଧାରଣ ଜୀବନ ବଞ୍ଚିପାରିବ। ସର୍ଜରିର ୪ରୁ ୬ ସପ୍ତାହ ପରେ ରୋଗୀ ନିଜ କର୍ମକ୍ଷେତ୍ରକୁ ଫେରିପାରିବ। ଏଥିସହ ଖେଳିବା, ସାଇକେଲିଂ କରିବା ସବୁ ସମ୍ଭବ। କିନ୍ତୁ ନଇଁକରି ଭାରୀ ଜିନିଷ ନ ଉଠାଇବାକୁ ତଥା ଜଙ୍କ୍‌ଫୁଡ୍, ଛଣାଛଣି, ମସଲାଯୁକ୍ତ ଖାଦ୍ୟ ନ ଖାଇବାକୁ ଓ ଧୂମପାନ ବନ୍ଦ କରିବାକୁ ପରାମର୍ଶ ଦିଆଯାଏ।

**ବାଇପାସ ସର୍ଜରିରେ ଓଡ଼ିଶାର ସ୍ଥିତି କ'ଣ?**

ବାଇପାସ୍ ସର୍ଜରି ବିଶ୍ୱ ସ୍ତରରେ ୧୯୬୯ରୁ ପ୍ରୟୋଗାତ୍ମକ ସ୍ତରରେ ରହିଥିଲା। ସପ୍ତମ ଦଶକର ଶେଷ ଆଡ଼କୁ ଏହା ଭାରତକୁ ଆସିଲା। ୧୯୯୭ ମସିହାରେ ଓଡ଼ିଶାରେ ପ୍ରଥମେ ବାଇପାସ୍ ସର୍ଜରି ହୋଇଥିଲା। ଓଡ଼ିଶାରେ ଏବେ ମାସକୁ ପ୍ରାୟ ୨୫୦ରୁ ୩୦୦ ବାଇପାସ୍ ସର୍ଜରି ହେଉଛି।

# 'ଖୁସି ହର୍‌ମୋନ୍' ପାଇଁ କସରତ



ବେଳେବେଳେ ଏକ ସୁନ୍ଦର ସୂର୍ଯ୍ୟାସ୍ତ ଆମ ମନୋବଳକୁ ବଢ଼ାଇଦେଉଥିବା ବେଳେ ଏକ ଚାପପୂର୍ଣ୍ଣ ଦିବସ ମନକୁ ବିରସ କରିଦେଇଥାଏ। ତେବେ ଚାପଗ୍ରସ୍ତତା ଓ ଖୁସି ଭଳି ଅନୁଭବ ସହ ଆମର ମାନସିକତାକୁ ଆମେ ଯୋଡ଼ିଥାଉ। ମାତ୍ର ବୈଜ୍ଞାନିକ ଭାଷାରେ ଆମ ଶରୀରରେ ଡୋପାମିନ୍, ସିରୋଟୋନିନ୍, ଅକ୍ସିଟୋସିନ୍ ଓ ଏଣ୍ଡୋର୍ଫିନ୍‌ସ ପରି ହରମୋନ୍‌ଗୁଡ଼ିକର କ୍ଷରଣରେ ସନ୍ତୁଳନ ଯୋଗୁଁ ଆମ ମନରେ ଏପରି ଅନୁଭବ ଆସିଥାଏ। ଏହି ହରମୋନ୍‌ଗୁଡ଼ିକ 'ଖୁସି ହରମୋନ୍' ଭାବେ ବିବେଚିତ। ଏଗୁଡ଼ିକ ଆମର ମାନସିକ ଚାପ କମାଇବା ସହ ମନୋଭାବକୁ ସକାରାତ୍ମକ କରିଥାଏ ଏବଂ ସମଗ୍ର ଭାବେ ଆମକୁ ସୁସ୍ଥ ତଥା ନିରାମୟ ରଖିଥାଏ। ଏହିସବୁ 'ଖୁସି ହରମୋନ୍'ର କ୍ଷରଣକୁ ଉତ୍‌ପ୍ରେରିତ କରିବାର କିଛି ସହଜ ଉପାୟ ରହିଛି। ପ୍ରତ୍ୟହ ବ୍ୟାୟାମ ବା ଶାରୀରିକ ପରିଶ୍ରମ ଏ ଦିଗରେ ଉତ୍ତମ ଫଳ ଦେଇଥାଏ। ଏହା 'ଫିଲ୍-ଗୁଡ୍' ଭାବେ ପରିଚିତ ଏଣ୍ଡୋର୍ଫିନ୍‌ସ ହରମୋନ୍ କ୍ଷରଣକୁ ତ୍ୱରାନ୍ୱିତ କରି ଯନ୍ତ୍ରଣା କମାଇଥାଏ। ସେହିପରି ଚିରନ୍ତନ ଖୁସି ଲାଭ କରିବା ପଛରେ ସାମାଜିକ ସଂଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ବନ୍ଧୁବାନ୍ଧବ, ସାଙ୍ଗସାଥୀ କି ସହକର୍ମୀଙ୍କ ସହ ସୁସମ୍ପର୍କରେ ରହିଲେ ଶରୀରରୁ ଅକ୍ସିଟୋସିନ୍ ହରମୋନ୍ କ୍ଷରଣ ସୁଗମ ହୋଇଥାଏ। ଆବଶ୍ୟକ ସମୟ ସୁନିଦ୍ରା ଯିବା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ। ଏଥିରୁ ବଞ୍ଚିତ ହେଲେ ସିରୋଟୋନିନ୍ ସମେତ ଅନ୍ୟାନ୍ୟ ମନୋଭାବ ନିୟନ୍ତ୍ରଣକାରୀ ହରମୋନ୍‌ଗୁଡ଼ିକର କ୍ଷରଣ ବ୍ୟାହତ ହୋଇଥାଏ। ତେଣୁ ଦୈନିକ ୭ରୁ ୯ ଘଣ୍ଟା ଯାଏ ନିଦ୍ରା ଯିବା ଜରୁରି। ମନରେ ସକାରାତ୍ମକତା ବଜାୟ ରଖିବା ଲାଗି ଧ୍ୟାନ କରିବା ଦରକାର। ଏହାଦ୍ୱାରା ଡୋପାମିନ୍ ଓ ସିରୋଟୋନିନ୍ ହରମୋନ୍ କ୍ଷରଣ ତ୍ୱରାନ୍ୱିତ ହୋଇଥାଏ।

# ଜିଭ ଦେଖି ରୋଗ ଚିହ୍ନୁଛି ଏଆଇ



କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର କାର୍ଯ୍ୟଦକ୍ଷତା ମଣିଷଠାରୁ ଉନ୍ନତତର ହେଉଥିବାରୁ ଆଜିକାଲି ଏହାର ଉପଯୋଗ ବିଭିନ୍ନ କ୍ଷେତ୍ରକୁ ସମ୍ପ୍ରସାରିତ ହେବାରେ ଲାଗିଛି। ତେବେ ଗତ ତିନି ବର୍ଷ ଧରି ଚିକିତ୍ସା କ୍ଷେତ୍ରରେ ଏହାର ବ୍ୟବହାର ସଫଳ ସାବ୍ୟସ୍ତ ହୋଇଛି। ବିଶେଷ କରି ବିଶେଷଜ୍ଞ ଡାକ୍ତରମାନେ ଏଆଇ ସାହାଯ୍ୟରେ ତ୍ୱରିତ ରୋଗ ନିରୂପଣ କରିପାରିବା ସହ ତାହାର ପରିଣାମ ବାବଦରେ ସଠିକ୍ ପୂର୍ବାନୁମାନ ମଧ କରି ପାରୁଛନ୍ତି। ଏପରିକି ଏଆଇ ଫୁସ୍‌ଫୁସ୍ ରୋଗର ୯୦ ପ୍ରତିଶତ ନିର୍ଭୁଲ୍ ପୂର୍ବାନୁମାନ କରିବା ସହ ପାରମ୍ପରିକ ରୋଗ ବିଶ୍ଳେଷଣ ପ୍ରକ୍ରିୟାରେ ଚିହ୍ନଟ ହୋଇପାରୁ ନଥିବା ରୋଗକୁ ମଧ ଠଉରେଇ ପାରୁଛି। ତେବେ ଏ ଦିଗରେ ଆଉ ପାଦେ ଆଗକୁ ଯାଇ ଇରାକର ବାଗଦାଦ୍‌ସ୍ଥିତ ମିଡଲ୍ ଟେକ୍ନିକାଲ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରେଲିଆର ଆଡିଲେଡ୍‌ସ୍ଥିତ ଦକ୍ଷିଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଆଇ ଆଧାରିତ ଯନ୍ତ୍ରକୁ ଏକ ନୂତନ ଶୈଳୀରେ ପ୍ରଶିକ୍ଷିତ କରି ରୋଗ ନିରୂପଣ କରୁଛନ୍ତି। ଉକ୍ତ ମେସିନ୍ ମନୁଷ୍ୟ ଜିହ୍ୱା ରଙ୍ଗକୁ ତର୍ଜମା କରି ୯୮ ପ୍ରତିଶତ ନିର୍ଭୁଲ୍ ଭାବରେ ବିଭିନ୍ନ ରୋଗ ଚିହ୍ନଟ କରିପାରୁଛି। ବିଶେଷ କରି ମଧୁମେହ, ମସ୍ତିଷ୍କଘାତ, ରକ୍ତହୀନତା, ଶ୍ୱାସରୋଗ ଓ କୋଭିଡ୍ ଆଦି ରୋଗର କୌଣସି ପ୍ରକାଶ୍ୟ ଲକ୍ଷଣ ନଥାଇ ସୁଦ୍ଧା ସେଗୁଡ଼ିକର ପୂର୍ବାନୁମାନ ହୋଇପାରୁଛି। ଏଥି ସହିତ ଲିଭର ଓ ଗଲ୍‌ବ୍ଲାଡର୍ ଆଦି ଅଙ୍ଗ ବାବଦରେ ମଧ ସଠିକ୍ ଅନୁମାନ ହୋଇପାରୁଛି। ସୂଚନାଯୋଗ୍ୟ, ଦୁଇ ହଜାର ବର୍ଷ ଧରି ଚୀନୀ ପାରମ୍ପରିକ ଭେଷଜ ବିଜ୍ଞାନରେ କୌଣସି ବ୍ୟକ୍ତିର ଜିହ୍ୱାକୁ ପରୀକ୍ଷା ନିରୀକ୍ଷା କରି ରୋଗ ନିରୂପଣ କରିବାର ଧାରା ରହିଆସିଛି। ତେବେ ଅଷ୍ଟ୍ରେଲିଆ ଓ ଇରାକର ଏହି ଗବେଷକମାନେ ଉକ୍ତ ପ୍ରକ୍ରିୟାକୁ ଆହୁରି ଶାଣିତ କରି ଏଆଇ ସାହାଯ୍ୟରେ ଜିହ୍ୱାର ରଙ୍ଗ, ଆକାର ଓ ମୋଟେଇକୁ ଅନୁଧ୍ୟାନ କରି ଏଭଳି ଉତ୍କୃଷ୍ଟ ସଫଳତା ହାସଲ କରିପାରିଛନ୍ତି। ସାଧାରଣତଃ ମଧୁମେହ ରୋଗୀଙ୍କର ଜିହ୍ୱା ରଙ୍ଗ ହଳଦିଆ ହୋଇଥିବା ବେଳେ କର୍କଟ ରୋଗୀର ଜିହ୍ୱା ରଙ୍ଗ ଫିକା ବାଇଗଣୀ ରଙ୍ଗ ହୋଇଥାଏ ଏବଂ ମସ୍ତିଷ୍କଘାତ ରୋଗୀଠାରେ ଏକ ଅସ୍ୱାଭାବିକ ଆକୃତିର ଲାଲ୍ ଜିଭ ଦେଖାଯାଇଥାଏ। ତେବେ ଏଆଇ ଆଧାରିତ ଅନୁଧ୍ୟାନ ପ୍ରକ୍ରିୟାରେ ଏହି ସବୁ ଲକ୍ଷଣର ଆହୁରି ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ହୋଇପାରୁଛି। ସେଥିପାଇଁ ଗବେଷକମାନେ ଏଆଇ ଆଧାରିତ ଏକ କମ୍ପ୍ୟୁଟର ପ୍ରୋଗ୍ରାମ୍‌ରେ ୫,୨୬୦ ପ୍ରକାର ରଙ୍ଗର ଜିହ୍ୱା ପ୍ରତିଛବିକୁ ୬ ପ୍ରକାର ଆଲ୍‌ଗୋରିଦିମ୍ ଦ୍ୱାରା ତର୍ଜମା କରି ଏପରି ନିର୍ଭୁଲ୍ ଫଳାଫଳ ପାଇପାରିଛନ୍ତି।

# ପ୍ରିୟଜନଙ୍କ ମୃତ୍ୟୁ ଆଣେ ଜୈବିକ ବାର୍ଦ୍ଧକ୍ୟ



ସାଧାରଣତଃ ପ୍ରିୟଜନଙ୍କ ମୃତ୍ୟୁ ପରେ ଦୁଃଖ, ଗ୍ଲାନି, ଭଗ୍ନହୃଦୟ ଓ ମୁଣ୍ଡବିନ୍ଧା ଭଳି ଶୋକଜନିତ ଶାରୀରିକ ଓ ମାନସିକ ସମସ୍ୟାରେ ଆମେ କବଳିତ ହୋଇଯାଇଥାଉ। ଜୀବନରେ ଘଟୁଥିବା ଏଭଳି ଘଟଣା ଆମକୁ ଚାପଗ୍ରସ୍ତ କରାଇବା ସହ ଆବେଗାତ୍ମକ ସଂକଟ ଆଣିଥାଏ। ଏକ ସଦ୍ୟ ଅଧ୍ୟୟନ ଅନୁଯାୟୀ, ପ୍ରିୟଜନଙ୍କ ମୃତ୍ୟୁଜନିତ ଦୁଃଖ ସହ ଜୈବିକ ବାର୍ଦ୍ଧକ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ଜୈବିକ ବାର୍ଦ୍ଧକ୍ୟ କହିଲେ ସାଧାରଣତଃ ଆମ ଶରୀରର ଜୀବକୋଷ ଓ ତନ୍ତୁଗୁଡ଼ିକ କେତେ ପୁରୁଣା, ତାହାକୁ ବୁଝାଇଥାଏ। କୋଷ ଓ ତନ୍ତୁ ସମେତ ଶାରୀରିକ କ୍ରିୟାରେ ଧୀରେ ଧୀରେ ହ୍ରାସ ଘଟିବା ଦ୍ୱାରା ଦୀର୍ଘସ୍ଥାୟୀ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ। ଜୈବିକ ବାର୍ଦ୍ଧକ୍ୟ ଜଣେ ବ୍ୟକ୍ତି ବଞ୍ଚିଥିବା ଅବଧିକୁ ସୂଚିତ କରୁଥିବା ବୟସଠାରୁ ଭିନ୍ନ। କଲମ୍ବିଆ ବିଶ୍ୱବିଦ୍ୟାଳୟର ଦଳେ ଗବେଷକଙ୍କ ନିଷ୍କର୍ଷ ଅନୁଯାୟୀ, ପିତାମାତା, ଜୀବନସାଥୀ, ଭାଇଭଉଣୀ କି ସନ୍ତାନସନ୍ତତିଙ୍କ ପରି ପ୍ରିୟଜନଙ୍କ ମୃତ୍ୟୁକୁ ସାମନା କରୁଥିବା ବ୍ୟକ୍ତିଙ୍କଠାରେ ଜୈବିକ ବାର୍ଦ୍ଧକ୍ୟ ତ୍ୱରିତ ହୋଇଥାଏ। ଏହାର ପ୍ରଭାବ ମଧ୍ୟମ ବୟସର ଯଥେଷ୍ଟ ପୂର୍ବରୁ ଦେଖାଯାଇଥାଏ। ସେହିପରି ଯେଉଁମାନେ ପ୍ରାପ୍ତବୟସରେ ଦୁଇ କିମ୍ବା ଅଧିକ ପ୍ରିୟଜନଙ୍କ କ୍ଷତି ଭୋଗିଥାନ୍ତି, ସେମାନଙ୍କର ଜୈବ ବାର୍ଦ୍ଧକ୍ୟ ଆହୁରି ତ୍ୱରାନ୍ୱିତ ହୋଇଥାଏ। ପ୍ରିୟଜନଙ୍କ ମୃତ୍ୟୁ ଓ ଜୀବନ ତମାମ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ମଧ୍ୟରେ ସମ୍ପର୍କ ଗୁଢ଼ ରହିଛି ବୋଲି ଗବେଷକମାନେ ସ୍ପଷ୍ଟ କରିଛନ୍ତି।

# ବଢୁଛି ମଧୁମେହଗ୍ରସ୍ତ କିଶୋରଙ୍କ ସଂଖ୍ୟା



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ୭୭ ନିୟୁତରୁ ଅଧିକ ସାବାଳକ ଟାଇପ୍-୨ ମଧୁମେହରେ ଆକ୍ରାନ୍ତ। ସବୁଠାରୁ ଚିନ୍ତାଜନକ କଥା ହେଲା ୧୨ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ମଧୁମେହ ହେବା ଏବେ ସାଧାରଣ ହୋଇଗଲାଣି। କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ କମ୍ ଶାରୀରିକ ପରିଶ୍ରମ ସାଙ୍ଗକୁ ପ୍ରକ୍ରିୟାକୃତ ତଥା ଉଚ୍ଚ କ୍ୟାଲୋରିସଂପନ୍ନ ଖାଦ୍ୟ ଗ୍ରହଣ ଯୋଗୁଁ କିଶୋରମାନେ ଏବେ ଅଧିକ ସଂଖ୍ୟାରେ ମଧୁମେହର ଶିକାର ହେଉଛନ୍ତି। ଆଳସ୍ୟପୂର୍ଣ୍ଣ ଜୀବନଶୈଳୀ, ମାନସିକ ଚାପ ଓ ମେଦବହୁଳତା ବୃଦ୍ଧି ଏହି ଧାରାକୁ ତ୍ୱରାନ୍ୱିତ କରୁଛି।

ଆମ ଦେଶରେ ପ୍ରାୟ ପ୍ରତି ୪ ଜଣ କିଶୋରଙ୍କ ମଧ୍ୟରୁ ୩ ଜଣ ଶାରୀରିକ ଭାବେ ସକ୍ରିୟ ନୁହନ୍ତି। ଏଥି ସହିତ ସ୍କୁଲ ବୟସର ପିଲାମାନଙ୍କ ମଧ୍ୟରେ ମେଦବହୁଳତା ଯୋଗୁଁ ମଧୁମେହ ଆଶଙ୍କା ବଢ଼ିବାରେ ଲାଗିଛି। ସେହିପରି ଭାରତରେ ୩ ଜଣରୁ ଜଣେ କିଶୋର ଉଚ୍ଚ ରକ୍ତଚାପରେ ପୀଡ଼ିତ। ତେଣୁ ପିଲାମାନଙ୍କର ଜୀବନଶୈଳୀରେ ହସ୍ତକ୍ଷେପ କରି ବ୍ୟାୟାମ ଓ ସୁସ୍ଥ ଭୋଜନକୁ ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶ କରିବା ଜରୁରି। ପିଲାମାନଙ୍କ ଠାରେ ବଢ଼ି ଚାଲିଥିବା ମଧୁମେହ ଭାରକୁ ମୁକାବିଲା କରିବାର ମୁଖ୍ୟ ପଦକ୍ଷେପ ହେଉଛି ସଚେତନତା ସୃଷ୍ଟି । ଏକ ସୁସ୍ଥ ଭବିଷ୍ୟତ ପାଇଁ ପିଲାଙ୍କୁ ଶିକ୍ଷା ଦେବାର ସର୍ବୋତ୍କୃଷ୍ଟ ମଞ୍ଚ ହେଉଛି ବିଦ୍ୟାଳୟ। ତେଣୁ ବିଦ୍ୟାଳୟମାନଙ୍କରେ ଏ ଦିଗରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯିବା ଅପରିହାର୍ଯ୍ୟ।

### ମିଳୁନାହିଁ ପାନୀୟ ଜଳ

# ନିଜୁଗାଣା ଗାଁ ପାଇଁ ଚୁଆପାଣି ଭରସା



**କନ୍ଧମାଳ, ୫।୪ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗିଉଗାଡି ୱାର୍ଡ଼ ନିଜୁଗାଣା ସାହିରେ ପାନୀୟଜଳ ସମସ୍ୟାକୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ବର୍ଷରୁ ଏହି ସାହିର ଲୋକେ ବିଲ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଖରା ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି । ଖରା ଦିନେ ବିଲ ନାଳରେ ଚୁଆ କୁଳି ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଅନ୍ୟପଟେ ଏହି ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି।

ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଗିଉଗାଡି ୱାର୍ଡ଼ ନିଜୁଗାଣା ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମ ବାସୀ ଦାବି କରିଛନ୍ତି ପୂର୍ବତନ ୱାର୍ଡ଼ ମେମ୍ବର ଅଜିବନ ଦିଗାଲ, ମାନସ ରଞ୍ଜନ ପ୍ରଧାନ, ରାହୁଲ ଦିଗାଲ, ମିଥୁନ ଦିଗାଲ, ସରୋଜ ଦିଗାଲ, ସଜେଇ ମତି ଦିଗାଲ, କାଜଲ ଦିଗାଲ, ନାଟୁ କହଁର, ସାରିଆ ଦିଗାଲ, ଅଭିମନ୍ୟୁ କହଁର, ମୃତ୍ୟୁଞ୍ଜୟ ଦିଗାଲ, ରାଜୁ ପ୍ରଧାନ, ଉତ୍ତମ କହଁର, ମନୋଜ ପ୍ରଧାନ, ଘାସିରାମ ଦିଗାଲ, ମଞ୍ଜୁଲତା ଦିଗାଲ ସମାଜ ସେବୀ ରାଜିବ କୁମାର ଦିଗାଲ ସମେତ ଗ୍ରାମବାସୀ ଦାବି କରିଛନ୍ତି



## ଆଦିବାସୀ ଚାଷୀଙ୍କୁ ବ୍ୟାଟେରି ଚାଳିତ ସ୍ପ୍ରେୟର ମେସିନ ବଣ୍ଟନ

**କନ୍ଧମାଳ, ୫।୪ (ସଂଚାର ବ୍ୟୁରୋ) :** ଆଦିବାସୀ ପରିବାର ମାନଙ୍କର କୃଷି କ୍ଷେତ୍ରରେ ଉନ୍ନତି ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦେକ୍ଷପ ନିଆଯାଉଥିବା ବେଳେ ଓଡିଶାରେ କାର୍ଯ୍ୟକାରୀ ହେଉଛି ମୁଖ୍ୟମନ୍ତ୍ରୀ ଜନଜାତୀ ଜିବିକା ମିଶନ। କନ୍ଧମାଳ ଜିଲ୍ଲାରେ ସମନ୍ୱିତ ଆଦିବାସୀ ଉନ୍ନୟନ୍ନ ସଂସ୍ଥା ବାଲିଗୁଡାଙ୍କ ତରଫରୁ ୦୯ ଗୋଟି ବ୍ଲକର ବିଭିନ୍ନ ଅଂଚଳରେ ଏହି ଯୋଜନା ସ୍ୱେଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ସହଯୋଗରେ ପରିଚାଳିତ ହେଉଛି । ଚାଷି ମାନଙ୍କର ଚାଷ ପ୍ରଣାଳିକୁ ସୁଗମ କରିବା ଲକ୍ଷ୍ୟରେ ଟିକାବଲି ବ୍ଲକ୍ କଟିମାହା ଗ୍ରାମପଂଚାୟତ ପ୍ରଧାନପଡା ଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରାଙ୍କ ଦ୍ୱାରା ୦୫ ଗୋଟି ଜିବିକା ପରିଷଦର ୩୭ ଜଣ ଚାଷୀଙ୍କୁ ବ୍ୟାଟେରି ଚାଳିତ ସ୍ପ୍ରେୟର ମେସିନ ପ୍ରଦାନ କରାଯାଇଛି । କଟିମାହା ସରପଂଚ କର୍ଣ୍ଣେଲ୍ କହଁର ଉପସ୍ଥିତ ରହି ଚାଷୀ ମାନଙ୍କୁ ଏହା ନିଶ୍ଚିତ ଆଗାମି ଦିନରେ ସହାୟକ ହେବ ବୋଲି କହିଥିଲେ । ଏଥିସହ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା, ବାଲିଗୁଡା ର ପ୍ରକଳ୍ପ ପରିଚାଳକ ସମିରନ ନାୟକ, କୃଷି ବିଶେଷଜ୍ଞ ରାଜେଶ ପ୍ରଧାନ, ବୈକୁଣ୍ଠନାଥ ବେହେରା, କବିରାଜ ବେହେରା, ପବିତ୍ର ମେହନ ସାହୁ , ବ୍ଲକ୍ ଜିବିକା ବିଶେଷଜ୍ଞ ପ୍ରବିଣ କୁମାର ନାୟକ, ସୁନିଲ ସୁବୁଦ୍ଧି ଓ ମୋଜେସ୍ ନାୟକ ଉପସ୍ଥିତ ରହି ଏହି ପମ୍ପ ସେଟ୍ ଦ୍ୱାରା ଚାଷ ପ୍ରଣାଳି ରେ ଉନ୍ନତି ଆଣି ଅଧିକ ଅମଳ କରି ଜିବନ ଜିବିକା ନିର୍ବାହ କରିପାରିବେ ବୋଲି କହିଥିଲେ। ଏହି କର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଆଦିବାସି ପରିବାର ମେସିନ୍ ପାଇବା ପରେ ଖୁସି ବ୍ୟକ୍ତ କରିବା ସହିତ ପ୍ରକଳ୍ପ ପ୍ରଶାସକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼




**ଜଗତସିଂହପୁର, ୫।୪ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ଣରେ ଓଡ଼ିଆ ପକ୍ଷ ପାଳନ ପଞ୍ଚମ ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ଅଧକ୍ଷା, ପୌରପରିଷଦ, ଜଗତସିଂହପୁର ଶ୍ରୀମତୀ ଅର୍ଚ୍ଚନା ସିଂହ ପତାକା ଦେଖାଇ ଏହି ଐତିହ୍ୟ ଗଣ ଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଗଣଦୌଡ କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟନୀ ପଟ୍ଟନାୟକଙ୍କ ସହଯୋଗରେ ଜିଲ୍ଲା କ୍ରୀଡ଼ା ସମ୍ପାଦକ ଦୋଳ ଗୋବିନ୍ଦ ଦାଶ, ଶ୍ରୀକୃଷ୍ଣ ଏକାଡେମୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଏନ୍.ସି.ସି ଓ ସ୍କାଉଟ୍ ଗାଇଡର ଶିକ୍ଷକ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡା ଅନୁଷ୍ଠାନର ସଦସ୍ୟ ଆଦି ସମୁଦାୟ ୩୦୦ ଜଣ ଯୋଗଦାନ କରିଥିଲେ। ଏହି ଐତିହ୍ୟ ଗଣଦୌଡ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଆରମ୍ଭ ହୋଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଜଗତସିଂହପୁର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆଜିର ଗଣଦୌଡ଼ର ମୁଖ୍ୟ ଲକ୍ଷ୍ୟ।



## ଶ୍ରୀ ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବବିବିଧତା ଉଦ୍ୟାନ ଉଦ୍‌ଘାଟିତ

**ସୁନ୍ଦରଗଡ, ୫।୪ (ସଂଚାର ବ୍ୟୁରୋ) :** ଶନିବାର ସକାଳ ୯ଟା ସମୟରେ ସୁନ୍ଦରଗଡ ସହରର ବନଦୁର୍ଗା ବିହାର ନିକଟସ୍ଥ ଶ୍ରୀ ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବବିବିଧତା ଉଦ୍ୟାନର ଉଦଘାଟନ କରିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ, ଭାରତ ସରକାର ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରସିସିଏଫ ରାମାସାମୀ ପି, ଡିଏଫଓ ପ୍ରଦୀପ ମିରାସେ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍ୟାନ ପରିସରରେ ଜୈବବିବିଧତା ଟନେଲ, ଫାଉଣ୍ଟେନ, ଶିଶୁ ଉଦ୍ୟାନ, ବିଜ୍ଞାନ ଉଦ୍ୟାନ ଏବଂ ଏକ ମିଶନ ଶକ୍ତି କାଫେ ପ୍ରସ୍ତୁତ କରାଯାଇଛି। ଏହାସହ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ ଏବଂ ଜୀବଜନ୍ତୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରଯାଇଛି। ଉଦ୍ୟାନରେ ବିର୍ସାମୁଣ୍ଡା ଜନଜାତୀୟ ଗୌରବ ଉପବନ ମଧ୍ୟ ସ୍ଥାପନ କରାଯାଇଛି, ଯାହାକି ଦର୍ଶକଙ୍କୁ ବେଶ୍ ଆକର୍ଷିତ କରି ପାରିଛି।

## ୧୧ରେ ଘୋରଡିଆ ଦୟଣାଚୋରୀ ମେଳଣ ଜମାଣ ଉତ୍ସବ

**ଡେଲାଙ୍ଗ, ୫।୪ (ସଂଚାର ବ୍ୟୁରୋ) :** ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୟଣାଚୋରୀ ପର୍ବ ଅନୁରୂପ ଡେଲାଙ୍ଗ ବ୍ଲକ ତଥା ପୁରୀ ଜିଲ୍ଲାର ସର୍ବବୃହତମ ଗ୍ରାମ ଘୋରଡିଆ ଗ୍ରାମର ଆରାଧ ଠାକୁର ଶ୍ରୀ ଶ୍ରୀରାଧାକାନ୍ତ ଦେବ ଓ ଶ୍ରୀଶ୍ରୀ ରାଧାମୋହନ ଦେବଙ୍କ ଐତିହାସିକ ପ୍ରସିଦ୍ଧ ଦୟଣାଚୋରୀ ମେଳଣ ଜମାଣ ଉତ୍ସବ ଏପ୍ରିଲ ୧୧ ଆର୍ଥାତ ଶ୍ରୀ ଶିବ ଓ ବିଷ୍ଣୁଦମନକ ଚତୁର୍ଦ୍ଦଶୀ ଶୁକ୍ରବାର ମଧ ରାତ୍ରରେ ଜମିବ। ଏପ୍ରିଲ ୧୪, ସୋମବାରରେ ମେଳଣ ଉଦଯାପିତ ହେବ ବୋଲି ମଠର ପରିଚାଳନା କର୍ତୃପକ୍ଷ ସୋମନାଥ ମଙ୍ଗରାଜ ଓ ପ୍ରହ୍ଲାଦ ବଳିୟାରସିଂହଙ୍କ ଠାରୁ ସୂଚନା ମିଳିଛି।

## ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧକ୍ଷା

**କଟକ, ୫।୪ (ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗର ରାଜ୍ୟସ୍ତରୀୟ କ୍ୟାଡ଼ର ଭିତ୍ତିରେ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟର ନୂତନ ଅଧକ୍ଷା ଭାବରେ ଡ଼ଃ ଶାଶ୍ୱତୀ ସୌମ୍ୟା ସାହୁ ଏ.ଡ଼ି.ଏମ୍‌ଙ୍କୁ ସାକ୍ଷାତ କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଡ଼ଃ ସାହୁ ହେଉଛନ୍ତି ଉତ୍କଳ ୟୁନିଭରସିଟିର ପ୍ରାକ୍ତନ ପ୍ରଫେସର ଦିବଂଗତ ଡ଼ଃ ବାସୁଦେବ ସାହୁଙ୍କ ଜ୍ୟେଷ୍ଠା କନ୍ୟା ଓ ଓୟୁଏଟିର ପ୍ରାଣୀଶଲ୍ୟ ବିଭାଗର ପ୍ରଫେସର ଡ଼ଃ ଇନ୍ଦ୍ରମଣି ନାଥଙ୍କର ସପତ୍ନୀ। ଏହି ଅବସରରେ କଲେଜରେ ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀବୃନ୍ଦ ନୂତନ ଅଧକ୍ଷା ଡ଼ଃ ଶାଶ୍ୱତୀ ସୌମ୍ୟା ସାହୁଙ୍କୁ ସୁସ୍ୱାଗତ କରିବା ସହିତ ଅଧକ୍ଷା ଡ଼ଃ ସାଗରିକା ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। କଲେଜର ଶୈକ୍ଷିକ କାର୍ଯ୍ୟକୁ ଶୃଙ୍ଖଳିତ କରିବା ସଂଗେ ସଂଗେ ପ୍ରଶାସନିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ନୂତନ ଅଧକ୍ଷା ଡ଼ଃ ସାହୁ ମତବ୍ୟକ୍ତ କରିଛନ୍ତି।

## ଅନାଥ ପିଲାଙ୍କ ମୁହଁରେ ହସ ଫୁଟାଇ ଜନ୍ମଦିନ ପାଳିଲେ ଯାଁଳା ଭାଇ

**ଯାଜପୁର ରୋଡ୍, ୫।୪ (ସଂଚାର ବ୍ୟୁରୋ):** ଆଧୁନିକ ସମାଜ ପଛରେ ଗୋଡାଉଥିବା ଅନେକ ପୁଂଜିବାନ୍ ଶ୍ରେଣୀର ବ୍ୟକ୍ତି ବିଶେଷମାନେ ହସ ଖୁସିରେ ବଡ଼ ବଡ଼ ହୋଟେଲ ଅଥବା ନିଜ ଘରେ ନିଜ ପିଲାମାନଙ୍କର ଜନ୍ମ ଦିନ ପାଳନ କରିଥାନ୍ତି। କିନ୍ତୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକ ଅର୍ନ୍ତଗତ ରାଉତରାପୁର ଗ୍ରାମର ଜୋତି ରଞ୍ଜନ ସାହୁ ଓ ମଧୁସ୍ମିତା ସାହୁଙ୍କ ଦୁଇ ଯାଆଁଳା ସୁପୁତ୍ର ସ୍ୱୟଂ ଦେବ ସାହୁ ଓ ସ୍ୱୟଂ ପ୍ରକାଶ ସାହୁଙ୍କ ଚର୍ତୁଥ ତମ ଜନ୍ମ ଦିନ ଉତ୍ସବ ଏକ ପ୍ରକାରର ନିଆରା ଢଙ୍ଗରେ ପାଳନ କରାଯାଇଅଛି । ଏହି ଜନ୍ମଦିନ ପରିପ୍ରେକ୍ଷୀରେ ଦାନଗଦି ନୂଆଗାଁ ସ୍ଥିତ ଆଶ୍ରମରେ ରହିଥିବା ଅନେକ ଅନାଥ ପିଲାମାନଙ୍କ ସହ ଜୋତି ରଞ୍ଜନ ସାହୁଙ୍କ ଦୁଇ ଜାଆଁଳା ପୁଅ କେକ୍ କାଟିବା ସହିତ ମିଷ୍ଟାନ ଓ ଖାଦ୍ୟ ପ୍ରଦାନ କରି ଆଶ୍ରମର ସମସ୍ତ ଅନାଥ ପିଲାମାନଙ୍କ ମୁହଁରେ ହସ ଫୁଟାଇ ନିଜର ପରିବାର ବର୍ଗଙ୍କ ସହ ଜନ୍ମ ଦିନ ପାଳନ




କରିଥିଲେ । ଦୁହିଁଙ୍କ ଜନ୍ମ ଦିନରେ ତାଙ୍କ ଜେଜେ ବାପା, ଜେଜେ ମା, ଦାଦା ଖୁଡି, ମାମୁ ମାଇଁଙ୍କ ସମେତ ସମସ୍ତ ଆତ୍ମୀୟ ସୁଜନ ଓ ବନ୍ଧୁବାନ୍ଧବ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦୁହିଁଙ୍କ ଲାଗି ଦିର୍ଘାୟୁ କାମନା କରିଥିଲେ। ଏପରି ନିଆରା ଜନ୍ମଦିନ ପାଳନକୁ ନେଇ ଅଂଚଳର ବିଭିନ୍ନ ମହଲରୁ ଶ୍ରୀ ସାହୁଙ୍କ ପରିବାରକୁ ଶୁଭେଚ୍ଛା ଜଣାଯାଉଛି।

## ସୁନ୍ଦରଗଡ଼ରେ ଐତିହ୍ୟ ଗଣଦୌଡ଼




**ସୁନ୍ଦରଗଡ଼, ୫।୪ (ସଂଚାର ବ୍ୟୁରୋ) :** ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନ ଶନିବାରରେ ଐତିହ୍ୟ ସ୍ଥଳୀର ସୁରକ୍ଷା ଓ ଯୁବପିଢ଼ିଙ୍କ ମଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିକାଶ ଭବନଠାରୁ ନୂତନ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଗଣ ଦୌଡ଼କୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅମିତ୍ କୁମାର ଟୁଡୁ, ଅବକାରୀ ଅଧିକ୍ଷକ ପ୍ରମୋଦ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦିପ୍ତ ନାଏକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସହିତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି ସମସ୍ତ ଐତିହ୍ୟ ସ୍ଥଳ ଗୁଡ଼ିକର ସୁରକ୍ଷା ନିମନ୍ତେ ସଚେତନତାର ବାର୍ତ୍ତା ଦେଇଥିଲେ। ପରେ ପରେ ଗଣଦୌଡ଼ରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ମଦରେ ମିଶୁଛି ସ୍ପିରିଟ, ୟୁରିଆ

**କଳାହାଣ୍ଡି, ୫।୪ (ସଂଚାର ବ୍ୟୁରୋ):** ସରକାରଙ୍କୁ ରାଜସ୍ୱ ବୃଦ୍ଧି ଚିନ୍ତା, ସ୍ୱାଗତଯୋଗ୍ୟ ପଦକ୍ଷେପ। ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣଙ୍କ ହିତ ପାଇଁ, ବିକାଶ ମୂଳକ କାର୍ଯ୍ୟ ସକାଶେ ନିହାତି ଅର୍ଥର ଆବଶ୍ୟକତା ରହିଛି, ଏହା ଗ୍ରହଣୀୟ। ହେଲେ ରାଜସ୍ୱ ବୃଦ୍ଧି ନାଁରେ ଲୋକଙ୍କ ଜୀବନ ସହ ଖେଳିବା ଅପାଙ୍କ୍ତେୟ ମନେହୁଏ । ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟର ଏକ ଦୁଧିଆଳି ବିଭାଗ ହେଉଛି ଅବକାରୀ ବିଭାଗ। ମଦ ଉତ୍ପାଦନ, ବିତରଣ, ପରିଚାଳନା, ବେଆଇନ କାରବାରକୁ ରୋକିବା ଭଳି ଗୁରୁ ଦାୟିତ୍ୱ ଏହି ବିଭାଗ ଉପରେ ରହିଛି । ସମ୍ପ୍ରତି ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁକୁ ନେଇ ସାରା ରାଜ୍ୟରେ ତୁମ୍ବୀତୋଫାନ ଚାଲିଛି । ଏଭଳି ପରିସ୍ଥିତିରେ କଳାହାଣ୍ଡି ଭଳି ପଛୁଆ ଜିଲ୍ଲାରେ ବେଳ ଥାଉଥାଉ ଆଖିଦୃଶିଆ ପଦକ୍ଷେପ ନିଆନଗଲେ ଜିଲ୍ଲାରେ ମଦମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।



ଜିଲ୍ଲାର ୬୮ ଗୋଟି ଦେଶୀ ମଦଭାଟି, ୯୦ ଗୋଟି ଦେଶୀ ଶାଖା ଦୋକାନ, ୩୪ ଗୋଟି ଠିପିବନ୍ଦ ବିଦେଶୀ ମଦ ଦୋକାନ, ୨୨ ଗୋଟି ଠିପିଖୋଲା ବିଦେଶୀ ମଦ ଦୋକାନ ଓ ବାର ରହିଛି । ଏହି ସ୍ୱୀକୃତି ପ୍ରାପ୍ତ ସରକାରୀ ମଦଦୋକାନ ମାନଙ୍କୁ ଛାଡି ଜିଲ୍ଲାର ପ୍ରାୟ ସବୁ ସହର ଓ ଗ୍ରାମାଞ୍ଚଳରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ସହଜେ ଉପଲବ୍ଧ। ଦେଶୀ ମଦଭାଟି ମାଲିକମାନେ ନିଜର ସୀକୃତି ପ୍ରାପ୍ତ ଦୋକାନକୁ ଛାଡି ଗାଁ ଗାଁରେ କୁଚିଆ ଦୋକାନ ଖୋଲିଛନ୍ତି । ଜିଲ୍ଲାର ୯୦ ଗାଁରେ କୁଚିଆ ଦୋକାନ ଚାଲିଛି। କିଛି କିଛି ଗାଁରେ-କୁଚିଆ ଦୋକାନ ଖୋଲିବା ପାଇଁ ଗ୍ରାମ୍ୟ କମିଟିକୁ ଭାଟି ମାଲିକମାନେ ବର୍ଷିକିଆ ସୂତ୍ରରେ ଅର୍ଥ ଯୋଗାଉଛନ୍ତି। ଫେରିବାଲା ମାନଙ୍କ ଭଳି ଭାଟି କର୍ମଚାରୀମାନେ ଗାଁକୁ ଗାଁ ମଦ ଯୋଗାଣ କରୁଛନ୍ତି।

ଦେଶୀ ମଦ ପ୍ରସ୍ତୁତିରେ ଚିନି, ଗୁଡ଼, ସ୍ପିରିଟ, ୟୁରିଆ ସାର ମିଶାଇ ଅଧିକ ନିଶାଯୁକ୍ତ କରାଯାଉଥିବା ଅଭିଯୋଗ ହୁଏ । ଏହା ପ୍ରାୟ ସହର ଓ ଗ୍ରାମାଞ୍ଚଳର ପ୍ରମୁଖ ଛକ ଚାହା, ପାନ ଦୋକାନରେ ସହଜେ ମିଳୁଛି। ଏହି ବେଆଇନ ମଦର ସବୁ ବ୍ରାଣ୍ଡକୁ ନକଲି କରାଯାଇ ବିକ୍ରି କରୁଥିବା ଲୋକେ ଅଭିଯୋଗ କରିଥାନ୍ତି । ଜିଲ୍ଲାରେ କୁଚିଆ ମଦଦୋକାନ ଏବେ କୁଟୀର ଶିଳ୍ପର ରୂପ ନେବାକୁ ବସିଲାଣି। କଳାହାଣ୍ଡି ଭଳି ଅନୁନ୍ନତ ଜିଲ୍ଲାରେ ଲୋକେ ମଦ୍ୟପାନ କରି ସର୍ବସ୍ୱାନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାର ବେଆଇନ ମଦ କାରବାରକୁ ଅଙ୍କୁଶ ଲଗାନଗଲେ ଜିଲ୍ଲାରେ ଆସନ୍ନ ମଦମୃତ୍ୟୁ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ବିରଳା ଟାୟାର୍ସ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର



**ବାଲେଶ୍ୱର, ୫।୪ (ସଂଚାର ବ୍ୟୁରୋ):** ବିରଳା ଟାୟାର୍ସରେ ଦୀର୍ଘବର୍ଷ କାର୍ଯ୍ୟ କରିଆସିଥିବା ଶ୍ରମିକମାନଙ୍କୁ ସେମାନଙ୍କର ଆଇନଗତ ପ୍ରାପ୍ୟ ପ୍ରଦାନ ପାଇଁ ଗତ ଜାନୁଆରୀ ୪ ତାରିଖ ଦିନ ରାଜ୍ୟ ସରକାରଙ୍କ ଶିଳ୍ପ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି ଓ ଅନ୍ୟାନ୍ୟ ସମସ୍ତ ସର୍ତ୍ତଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବାଲେଶ୍ୱରର ସର୍ବପୁରାତନ ମିଳିତ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଟିୟୁଏସିସି ପକ୍ଷରୁ ଶନିବାର ଦିନ ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଟିୟୁଏସିର ଉପାଧକ୍ଷ ତଥା ଆଇନଜୀବୀ ଶାନ୍ତନୁ ଦାସଙ୍କ ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଡେପୁଟି କଲେକ୍ଟର ଗୀତା ମୁର୍ମୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଗତ ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଶ୍ରମିକମାନଙ୍କ ସମସ୍ୟା ଗୁଡ଼ିକର ସୁସମାଧାନ ପାଇଁ ନୋଡ଼ାଲ୍ ଅଫିସରଭାବେ ଦାୟିତ୍ୱ ଦିଆଯାଇଥିଲା। ତେଣୁ ଉପରୋକ୍ତ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରି ପୁରାତନ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ସହ ବିରଳା କାରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି।

## ସୁବର୍ଣ୍ଣପୁରରେ ଐତିହ୍ୟ ଗଣଦୌଡ଼




**ସୁବର୍ଣ୍ଣପୁର, ୫।୪ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁରଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ଶନିବାର ଦିନ ସକାଳ ୬ ଘଟିକା ସମୟରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦର ମହକୁମାସ୍ଥିତ ପବିତ୍ର ଐତିହାସିକ ପୀଠ ମାଁ ସୁରେଶ୍ୱରୀଙ୍କ ମନ୍ଦିର ପରିସରରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ବଡ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ ପତାକା ପ୍ରଦର୍ଶନ ପୂର୍ବକ ଗଣଦୌଡର ଶୁଭାରମ୍ଭ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସାମ୍ବାଦିକ, ବୁଦ୍ଧିଜୀବୀ, ନାଗରିକ, ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ପ୍ରମୁଖ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଏହି ଗଣ ଦୌଡ଼ ଓଡ଼ିଆ ସଂସ୍କୃତି ପରମ୍ପରା ତଥା ଜିଲ୍ଲାର ପୁରାତନ କିର୍ତ୍ତୀରାଜି, ଐତିହ୍ୟକୁ ରାଜ୍ୟ ତଥା ଜିଲ୍ଲାର ଜନମାନସରେ ଉଦ୍‌ଭାସିତ କରିବା, ବିଶେଷ ଭାବେ ଯୁବପିଢିଙ୍କ ମନରେ ପ୍ରାଚୀନ କୀର୍ତ୍ତିରାଜୀ ଓ ଐତିହ୍ୟକୁ ଉଜ୍ଜୀବିତ କରିବା ହେଉଛି ଏହି ଗଣଦୌଡର ଉଦେଶ୍ୟ ବୋଲି ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ। ସେ ଏହି ଅବସରରେ ସମସ୍ତଙ୍କୁ ସ୍ୱାଗତ, ଅଭିନନ୍ଦନ ଜଣାଇ ଓଡ଼ିଆ ପକ୍ଷ ପାଳନରେ ସକ୍ରିୟ ଯୋଗଦାନ ସହ ସଫଳ କରିବାକୁ ଆହ୍ୱାନ କରିଛନ୍ତି।

## ଏସଜି କଲେଜ ଇଂରାଜୀ ବିଭାଗରେ ଜାତୀୟ ସେମିନାର




**ଦଶରଥପୁର, ୫।୪ (ସଂଚାର ବ୍ୟୁରୋ) :** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ତ ସାଧୁଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ)ରେ ଶନିବାର ଇଂରାଜୀ ସମ୍ମାନ ବିଭାଗର ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନିକୁଞ୍ଜ ବିହାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବାସୁଦେବ ଚକ୍ରବର୍ତୀ, ମୁଖ୍ୟ ବକ୍ତାଭାବେ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ଭିଏନ ସ୍ୱୟଂ ଶାସିତ କଲେଜର ପୂର୍ବତନ ଅଧକ୍ଷ ଡଃ କୁଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଇଂରାଜୀ ସମ୍ମାନ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଉଦୟନାଥ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପକ ଷ୍ଟାଲିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଇଂରାଜୀ ସାହିତ୍ୟ ତତ୍ୱ ସରଞ୍ଚନାବାଦ ଓ ଉପନିବେଶବାଦ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଜୋର୍ନାଲ ରକ ପେବୁଲସର ଉନ୍ମୋଚନ କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପକ ପ୍ରସଂଜିତ ଲାଖରା, ସୁଦର୍ଶନ ଦାସ, ରାଜେନ୍ଦ୍ର କୁମାର ବାରିକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

### ମାଫିଆଙ୍କୁ ଅହେତୁକ ଅନୁକମ୍ପା

# ଔଷଧ ବିକଳରେ ତାଟିଆ କାମୁଡୁଛି ରାଜସ୍ୱ ବିଭାଗ ଓ ପୁଲିସ

**ବାଲିଆପାଳ, ୫।୪ (ସଂଚାର ବ୍ୟୁରୋ) :** ବାଲିଆପାଳ ତହସିଲ ଅଧୀନରେ ସୁବର୍ଣ୍ଣରେଖା ନଦୀ ଅବବାହିକାର ଜାମକୁଣ୍ଡା, ବିଷ୍ଣୁପୁର ଓ ଦେଉଳା ଅଞ୍ଚଳରେ ପ୍ରତେକ ଦିନ ଶହ ଶହ ଟ୍ରାକ୍ଟର ଓ ଜେସିବି ମାଧମରେ ଲକ୍ଷାଧିକ ଟଙ୍କାର ବେଆଇନ ମାଟି ଚୋରା ଚାଲାଣ କରି ମାଫିଆ ମାଲେ ମାଲ ହେଉଛନ୍ତି। ଲୋକେ ଏନେଇ ବାରମ୍ବାର ଅଭିଯୋଗ କଲେବି ବାଲିଆପାଳ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ କୌଣସି ଗରୀବ ଶ୍ରେଣୀର ଲୋକ ଗୃହ ନିର୍ମାଣ ଏବଂ ଅନ୍ୟ ଛୋଟମୋଟ ନିର୍ମାଣ କାର୍ଯ୍ୟ ପାଇଁ ଟ୍ରାକ୍ଟରରେ ଗୋଟିଏ ଦୁଇ ଟ୍ରିପ ବାଲି ପରିବହନ କରୁଥିବା ବେଳେ ସେଗୁଡିକ ଜବତ କରି ନିଜ ପାରିବା ପଣିଆକୁ ପଦାରେ ପକାଇବା ସହ ରାଜସ୍ୱ ବିଭାଗର ମାଫିଆ ପ୍ରୀତି ଦାଣ୍ଡରେ ପଡି ହାଟରେ ଗଡୁଛି। ସରକାର ସିନା ବଦଳିଗଲା କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ମାନସିକତା ବଦଳିଲାନି।

ସୂଚନାରୁ ପ୍ରକାଶ ବାଲିଆପାଳ ତହସିଲ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତରେ ଗତ ତିନି ତାରିଖ ଦିନ ଦୁଇଟି ଜେସିବି ଓ ୨୫ରୁ ଅଧିକ ଟ୍ରାକ୍ଟର ଚୋରା ମାଟି ଚାଲାଣ କରୁଥିବା ସମୟରେ




ବାଲିଆପାଳ ତହସିଲଦାରଙ୍କୁ କିଛି ସ୍ଥାନୀୟ ଲୋକ ଏବଂ ଗଣମାଧମ ପ୍ରତିନିଧି ଅଭିଯୋଗ କରିଥିଲେ। ତେବେ ଘଟଣାସ୍ଥଳକୁ ଜାମକୁଣ୍ଡା ଆରଆଇ ବହୁ ବିଳମ୍ବରେରେ ପହଞ୍ଚିବାରୁ ଗୋଟିଏ ଜେସିବି ଏବଂ ସମସ୍ତ ଟ୍ରାକ୍ଟର ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଗୋଟିଏ ଜେସିବିକୁ ଜବତ କରିଥିଲେ। ମାତ୍ର ଫାଇନ କରିବା ପରିବର୍ତ୍ତେ ମୋଟା ଅଙ୍କର ଅର୍ଥ ନେଇ ଜେସିବିକୁ ଛାଡି ଦେଇଥିଲେ। କିଛି ସମୟ ବ୍ୟବଧାନରେ ଜେସିବି ସେଠାରୁ ଗାଏବ ହେବା କଥା ଗଣମାଧମ ପ୍ରତିନିଧି ତହସିଲଦାରଙ୍କୁ ପଚାରିବାରୁ ସେ ପୁଲିସର ଜିମା ଦେଇଥିବା କଥା କହିବା ସହ ଜେସିବି କୁଆଡେ ଗଲା ପୁଲିସଙ୍କୁ ପଚାରନ୍ତୁ ବୋଲି କହିଥିଲେ। ପରେ ବାଲିଆପାଳ ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ ତହସିଲଦାର ଆମକୁ ଜେସିବି ଜିମା ଦେଇନାହାନ୍ତି ବୋଲି କହିଥିଲେ। ଏଥିରୁ ସ୍ପଷ୍ଟ ବାରି ହେଉଛି ମାଟି ମାଫିଆ, ରାଜସ୍ୱ ବିଭାଗ ଏବଂ ପୁଲିସ ପ୍ରଶାସନର ମିଳିଭଗତରେ ଚାଲିଛି ରାଜସ୍ୱ ଲୁଟ। ଦିନଦ୍ୱିପହରରେ ସରକାରଙ୍କ ଲକ୍ଷାଧିକ ଟଙ୍କା ହରିଲୁଟ କରୁଥିବା ବେଳେ ଗତ ମଙ୍ଗଳବାର ଜିଲ୍ଲାପାଳ ବାଲିଆପାଳ ଗସ୍ତରେ ଆସିଥିବା ବେଳେ କିଛି ଗଣମାଧମର ପ୍ରତିନିଧି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଯାହାଫଳରେ କୌଣସି ଉପାୟ ନପାଇ ବୁଧବାର ସକାଳେ ବାଲିଆପାଳ ତହସିଲଦାର ଓ ଥାନା ଅଧିକାରୀ ମିଳିତ ଭାବରେ ଛୋଟଖାନପୁର ଅଂଚଳରୁ ଚୋରା ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିବା ବେଳେ ଅନ୍ୟ ଏକ ଟ୍ରାକଟର ବାବା ଇଟାଭାଟିରୁ ପାଉଁଶ ନେଇ ଯାଉଥିବା ସମୟରେ ତାକୁ ମଧ ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ। ତେବେ ଶହ ଶହ ଟ୍ରାକଟର ଜମକୁଣ୍ଡା ଅଂଚଳରେ ବେଆଇନ ଭାବେ ମାଟି ଚୋରା ଚାଲାଣ କରୁଥିବା ବେଳେ ପ୍ରଶାସନ ଏସବୁକୁ ନ ଧରି ପାଉଁଶ ଗାଡିକୁ ଧରିବା ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠିଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଟି ଓ ବାଲି ଚୋରା ଚାଲାଣ କରୁଥିବା ମାଫିଆଙ୍କୁ ତହସିଲଦାରଙ୍କ ଏତେ ଅନୁକମ୍ପା କଣ ପାଇଁ ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି।







# ଆହୁରି ପାଖେଇଲା ପ୍ରଳୟ

ଗତ ମଙ୍ଗଳବାର ଦିନ ପରମାଣୁ ବୈଜ୍ଞାନିକମାନେ ସେମାନଙ୍କର 'ପ୍ରଳୟର ଘଡ଼ି'କୁ ପୂର୍ବାପେକ୍ଷା ମଧ୍ୟରାତ୍ରିର ଆହୁରି ଅଧିକ ନିକଟତର କରିଦେଇଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ଅବସରରେ ରୁଷିଆର ପରମାଣୁ ବିପଦ, ବିଶ୍ୱର ଅନ୍ୟାନ୍ୟ ଉତ୍ତେଜନାପ୍ରବଣ ସ୍ଥାନରେ ଉଦ୍‌ବେଳନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସାମରିକ ପ୍ରୟୋଗ ଓ ପାଣିପାଗ ପରିବର୍ତ୍ତନ ଆଦିକୁ ବିଶ୍ୱ ବିପର୍ଯ୍ୟୟର କାରଣ ଭାବେ ଏଥିରେ ଦର୍ଶାଯାଇଛି।

'ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟିଷ୍ଟସ' ଦ୍ୱାରା ବିନାଶର ତାତ୍ତ୍ୱିକ ବିନ୍ଦୁ ଭାବରେ ଏହି ଘଡ଼ିକୁ ମଧ୍ୟରାତ୍ରିର ୮୯ ସେକେଣ୍ଡ୍ ପଛକୁ ସ୍ଥିର କରାଯାଇଛି, ଯାହା ଗତବର୍ଷ ତୁଳନାରେ ଏକ ସେକେଣ୍ଡ୍ ଅଧିକ। ଚିକାଗୋସ୍ଥିତ ଏହି ସଂସ୍ଥା ଶୀତଳ ଯୁଦ୍ଧର ଉତ୍ତେଜନା ମଧ୍ୟରେ ୧୯୪୭ ମସିହାରେ ଉକ୍ତ ଘଡ଼ି ପ୍ରସ୍ତୁତ କରିଥିଲା, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱକୁ ଧ୍ୱଂସ କରିବା ପାଇଁ ମାନବଜାତି କେତେ ନିକଟତର, ସେ ବାବଦରେ ଜନସାଧାରଣଙ୍କୁ ସତର୍କ କରାଇବା ପାଇଁ ଉଦ୍ଦିଷ୍ଟ। ଚଳିତବର୍ଷର ଏଭଳି ନିଷ୍ପତ୍ତିକୁ ରୂପ ଦେଇଥିବା କାରଣଗୁଡ଼ିକ ମଧ୍ୟରେ ଆଣବିକ ବିପଦ, ଜଳବାୟୁ ପରିବର୍ତ୍ତନ, ଜୈବ ବିଜ୍ଞାନ ଅଗ୍ରଗତିର ସମ୍ଭାବ୍ୟ ଅପବ୍ୟବହାର ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଆଦି ରହିଛି। 'ପ୍ରଳୟ ଘଡ଼ି'କୁ ମଧ୍ୟରାତ୍ରିର ୮୯ ସେକେଣ୍ଡ୍ ପାଖକୁ ଆଣିବା ସମସ୍ତ ବିଶ୍ୱନେତାଙ୍କ ପାଇଁ ଏକ ଚେତାବନୀ ବୋଲି 'ବୁଲେଟିନ୍'ର ବିଜ୍ଞାନ ଓ ସୁରକ୍ଷା ପରିଷଦ ଅଧ୍ୟକ୍ଷ ଡାନିଏଲ୍ ହୋଲ୍‌ଜ କହିଛନ୍ତି। ବିଶ୍ୱକୁ ଧ୍ୱଂସରୁ ପଛକୁ ହଟାଇବାର ମୁଖ୍ୟ ଦାୟିତ୍ୱ ଆମେରିକା, ଚୀନ୍ ଓ ରୁଷିଆ ଉପରେ ରହିଛି ଏବଂ ସମ୍ଭାବନାପୂର୍ଣ୍ଣ ଅନ୍ତଃରାଷ୍ଟ୍ରୀୟ ଆଲୋଚନା ଗୁରୁତ୍ୱ ବହନ କରୁଛି। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସବୁଠୁ ରକ୍ତାକ୍ତ ସଂଘର୍ଷ। ଏଯାଏ ଯୁଦ୍ଧ ଲାଗିରହିବା ସହ ବାରମ୍ବାର ପରମାଣୁ ଧମକ ବିଶ୍ୱକୁ ବିଚଳିତ କରୁଛି। ସେହିପରି ଇସ୍ରାଏଲ-ଗାଜା ଯୁଦ୍ଧ ଏବଂ ଇରାନ୍ ସମେତ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଆଞ୍ଚଳିକ ଶତ୍ରୁତା ଆଦି ମଧ୍ୟପ୍ରାଚ୍ୟ ଅସ୍ଥିରତାର ଅନ୍ୟତମ କାରଣ ସାଜିଛି। ତେଣେ ତାଇୱାନ୍ ନିକଟରେ ପରମାଣୁ

> **ମାନବଜାତି ଧ୍ୱଂସର କେତେ ନିକଟତର, ସେ ନେଇ ସତର୍କ କରାଇବା ପାଇଁ 'ପ୍ରଳୟର ଘଡ଼ି' ପ୍ରସ୍ତୁତ କରାଯାଇଛି। ପରମାଣୁ ଅସ୍ତ୍ର, ସଂଘର୍ଷ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସାମରିକ ପ୍ରୟୋଗ ଓ ପାଣିପାଗ ପରିବର୍ତ୍ତନ ମଣିଷକୁ ପ୍ରଳୟର ଆହୁରି ନିକଟତର କରିଦେଇଛି**

ଅସ୍ତ୍ରସଂପନ୍ନ ଚୀନ୍ ସାମରିକ ଚାପ ବଢ଼ାଇଛି ଏବଂ ଉତ୍ତର କୋରିଆ ମଧ୍ୟ ନାନା କ୍ଷେପଣାସ୍ତ୍ର ପରୀକ୍ଷଣ ଚଳାଇଛି। ଉପରୋକ୍ତ ଯେ କୌଣସି କାରକ ମଧ୍ୟ ପରମାଣୁ ଯୁଦ୍ଧକୁ ଆମନ୍ତ୍ରଣ କରିପାରେ, ଯାହାର ଫଳାଫଳ ଅନିଶ୍ଚିତ ଓ ଭୀଷଣ ବିନାଶକାରୀ। ସମ୍ପ୍ରତି ଯୁଦ୍ଧକ୍ଷେତ୍ରରେ ଏଆଇର ଅଗ୍ରଗତି ଭବିଷ୍ୟତରେ ପରମାଣୁ ଅସ୍ତ୍ର ଉପରେ ତାହାର ପ୍ରୟୋଗର ଆଶଙ୍କା ଚିନ୍ତା ବଢ଼ାଇଦେଇଛି। ବୈଜ୍ଞାନିକମାନଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ଝଡ଼କୁ ଆହୁରି ଭୀଷଣ କରୁଛି ଏବଂ ବନାଗ୍ନିର ଆଶଙ୍କା ବଢ଼ାଉଛି। ପବନ ଓ ସୌରଶକ୍ତିର ଅଭିବୃଦ୍ଧି ସତ୍ତ୍ୱେ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଖରାପ ଦିଗଗୁଡ଼ିକୁ ରୋକାଯାଇପାରୁନାହିଁ।



# କଇଁଛ ଓ ସାପ ସଂରକ୍ଷଣରେ ଗଣପତି

ପୋଥିଗତ ବିଦ୍ୟାରେ ସେ ସିଦ୍ଧହସ୍ତ ନୁହନ୍ତି। କିନ୍ତୁ ପରିବେଶ ଓ ଜୀବମଣ୍ଡଳକୁ ବୁଝିବାରେ ଓ ବୁଝାଇବାରେ ସେ ବିଫଳ ହୋଇନାହାନ୍ତି। ପରିବେଶ ଓ ଜୈବବିବିଧତା ପାଇଁ କଇଁଛ ଓ ସାପ ଆଦି କେତେ ଜରୁରି ସେସବୁ ସମ୍ପର୍କରେ ସେ ଲୋକମାନଙ୍କୁ ବୁଝାଇବା ସହ ସାହିକୁ ସାହି ବୁଲି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ଗଣପତି ସାହୁ। ବୟସ ପାଖାପାଖି ୫୫ ବର୍ଷ ହେବ। ଗଞ୍ଜାମର ପୁରୁଣାବନ୍ଧରେ ତାଙ୍କର ଜନ୍ମ। ସମୁଦ୍ର କଇଁଛ ସଂରକ୍ଷଣରେ ୧୯୯୭ ମସିହାରୁ ଲାଗିଥିବା ଶ୍ରୀ ସାହୁ ଋଷିକୁଲ୍ୟା ନଦୀ ମୁହାଣରେ କାମ କରୁଥିଲେ। ୨୦୧୦ ମସିହାରୁ ସେ ବାଉଦା ମୁହାଣରେ ବିଭିନ୍ନ ସଂଗଠନଙ୍କ ସହଯୋଗରେ କଇଁଛ ସୁରକ୍ଷା ଓ ସେମାନଙ୍କ ଅଣ୍ଡାର ସଂରକ୍ଷଣ ଦିଗରେ କାମ କରୁଛନ୍ତି। ଏଥିସହ ଜନବସତିରୁ ସାପମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ଜଙ୍ଗଲ ଅଞ୍ଚଳରେ ଛାଡ଼ିବା କ୍ଷେତ୍ରରେ ବି ସେ କାର୍ଯ୍ୟରତ। ଶ୍ରୀ ସାହୁ କହିଛନ୍ତି, 'ପିଲାବେଳେ ଆମ ଅଞ୍ଚଳରେ ଆମେ ବହୁତ କଇଁଛ ଦେଖୁଥିଲୁ। ସେମାନଙ୍କ ଅଣ୍ଡା ସ୍ଥାନୀୟ ଲୋକମାନେ ବି ଖାଆନ୍ତି। କିନ୍ତୁ କଇଁଛର ଗୁରୁତ୍ୱ ଓ ଜୈବବିବିଧତା ପାଇଁ ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ଆମେ ଜାଣିନଥିଲୁ। କିଛି ସ୍ୱେଚ୍ଛାସେବୀ ସଂଗଠନ ଆସି ଆମକୁ ଏ ସମ୍ପର୍କରେ ବୁଝାଇଥିଲେ। ଏହା ପରଠାରୁ ମୁଁ କଇଁଛ ଅଣ୍ଡା ସଂରକ୍ଷଣରେ ଲାଗିପଡ଼ିଛି।' ୨୦୧୦ ମସିହାରୁ ଗଣପତି ସାପମାନଙ୍କ ଉଦ୍ଧାର, ସେମାନଙ୍କ ସଂରକ୍ଷଣ ସହ ଲୋକମାନଙ୍କୁ ସାପ କାମୁଡ଼ିଲେ କିଭଳି ଝଡ଼ାଫୁଙ୍କାରେ ବିଶ୍ୱାସ ନକରି ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାଯିବା ଦରକାର ସେ ସମ୍ପର୍କରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବୁଝାଉଛନ୍ତି, ଗାଁଗାଁ ବୁଲି ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ଖାଲି ସେତିକି ନୁହେଁ, ଡାକ୍ତରଖାନା ଦୂରରେ ଥିଲେ ସାପ କାମୁଡ଼ିଥିବା ବ୍ୟକ୍ତିର ପ୍ରାଥମିକ ଚିକିତ୍ସା କିପରି ହୋଇପାରିବ ସେ ସମ୍ପର୍କରେ ବି ସେ ଶିକ୍ଷା ଦେଇଥା'ନ୍ତି। କେବଳ ମଣିଷ ନୁହେଁ, ଧରଣୀ ମା'ର ପ୍ରତିଟି ସନ୍ତାନ ଜରୁରି। ଆମେ ଜଙ୍ଗଲ, ସମୁଦ୍ର, ନଦୀ ଆଦି ସମସ୍ତ ପ୍ରାକୃତିକ ସମ୍ବଳକୁ ବ୍ୟବହାର କରିବାରେ ଲାଗିଛେ। ଫଳରେ ବହୁ ଜୀବଜନ୍ତୁଙ୍କ ବଂଶ ଲୋପ ପାଉଛି। ଏହାକୁ ସୁଧାରିବାର ଗୁରୁଦାୟିତ୍ୱ ଆମର। ଏଣୁ କଇଁଛ, ସାପ, ହାତୀ, କୁମ୍ଭୀର ଓ ବିଭିନ୍ନ ଚଢ଼େଇଙ୍କ ସଂରକ୍ଷଣ ଓ ସୁରକ୍ଷା କରିପାରିଲେ ଆମେ ଏକ ସୁନ୍ଦର ପୃଥିବୀ ଗଢ଼ିପାରିବା ବୋଲି କହନ୍ତି ଗଣପତି।



# ଉଚ୍ଛିଷ୍ଟରୁ ଘୁଷୁରି ଖାଦ୍ୟ



ଖାଦ୍ୟ ସୁପରିଚାଳନାରେ ଆମେମାନେ ପ୍ରାୟ ସମସ୍ତେ ବିଫଳ। କାରଣ ସାମୂହିକ ଭୋଜିଭାତ ଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ଆସରରେ ଆମେ ଅନେକ ଖାଦ୍ୟ ପଦାର୍ଥ ଉଚ୍ଛିଷ୍ଟ ଆକାରରେ ନଷ୍ଟ କରିଥାଉ। ଏପରିକି ରୋଷେଇ ହୋଇଥିବା ପ୍ରଭୂତ ପରିମାଣର ଖାଦ୍ୟକୁ ମଧ୍ୟ କେହି ସଂରକ୍ଷିତ କରି ନରଖି ନର୍ଦ୍ଦମାକୁ ଫିଙ୍ଗି ଦେଇଥାନ୍ତି। ତେବେ ଏଭଳି ବର୍ଜ୍ୟ ଖାଦ୍ୟପଦାର୍ଥକୁ ଜାପାନର ବୈଜ୍ଞାନିକମାନେ ଶଢ଼ାଇ ଏକ ପ୍ରକାର ଉନ୍ନତମାନର ଘୁଷୁରିଖାଦ୍ୟ ପ୍ରସ୍ତୁତ କରିପାରିଛନ୍ତି। ଏହା ପରିବେଶ ପ୍ରଦୂଷଣ କରୁଥିବା ବର୍ଜ୍ୟବସ୍ତୁ ପରିମାଣକୁ କମାଇବା ସହ ଏକ ସ୍ୱଳ୍ପ ଖର୍ଚ୍ଚସଂପନ୍ନ ପଶୁଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇପାରୁଛି। ବର୍ଜ୍ୟ ଖାଦ୍ୟର ପ୍ରକ୍ରିୟାକରଣ କରି ସୁଷମ ଘୁଷୁରି ଖାଦ୍ୟ ଉତ୍ପାଦନ କରି ଜାପାନୀ ବୈଜ୍ଞାନିକମାନେ ଉଭୟ ପାରିବେଶିକ ଓ ଅର୍ଥନୈତିକ ଆହ୍ୱାନର ସଫଳ ମୁକାବିଲା କରିପାରିଛନ୍ତି। ଏହି ପ୍ରକ୍ରିୟାରେ ପ୍ରଥମେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି କେନ୍ଦ୍ର ଓ ସୁପର୍‌ମାର୍କେଟ୍‌ମାନଙ୍କରୁ ବଳକା ଖାଦ୍ୟ ସଂଗ୍ରହ କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରରେ ସେଥିରୁ ଭାତଠାରୁ ଆରମ୍ଭ କରି ପରିବାଚୋପା ପର୍ଯ୍ୟନ୍ତ ସବୁ ସାମଗ୍ରୀକୁ ପୃଥକ୍ କରାଯିବା ସହ ଟୁକୁରା ଟୁକୁରା କରାଯାଉଛି। ତା'ପରେ ସେଥିରେ ଲାକ୍ଟିକ୍ ଅମ୍ଳ ବୀଜାଣୁ ମିଶାଯାଇ ତାହାକୁ ଜୀବାଣୁମୁକ୍ତ କରି ଶଢ଼ାଯାଉଛି। ଏପରି କରିବା ଦ୍ୱାରା ଉକ୍ତ ପ୍ରକ୍ରିୟାକୃତ ଖାଦ୍ୟକୁ ଦଶ ଦିନ ଯାଏ ମଧ୍ୟ ରେଫ୍ରିଜରେଟର୍ ବାହାରେ ରଖାଯାଇପାରୁଛି। ଏହା ନବୀକରଣଯୋଗ୍ୟ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରି ଏକ ଉଚ୍ଚମାନର ସାର ମଧ୍ୟ ଯୋଗାଇପାରୁଛି। ଖାଦ୍ୟ ପରିଚାଳନାରେ ଜାପାନର ଏପରି ଧାରଣଯୋଗ୍ୟ ଅଭ୍ୟାସକୁ ଅନ୍ୟାନ୍ୟ ଦେଶ ଆପଣେଇ ନିଜର ବର୍ଜ୍ୟ ଖାଦ୍ୟ ସମସ୍ୟାର ଆଶୁ ସମାଧାନ କରିପାରିବେ ବୋଲି ଆଶା କରାଯାଉଛି।

# ସଂଗଠିତ ପରିବେଶ ସୁରକ୍ଷାର ସାଥୀ

ଢେଙ୍କାନାଳ ଜିଲ୍ଲାର ଅନୁପମା ରାଉତ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ପରିବେଶ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ରହିଛନ୍ତି। ତାଙ୍କ ପରିଚାଳିତ ସଂସ୍ଥା 'ଜଏଣ୍ଟ୍ ଏଣ୍ଡେଭର୍ ଫର୍ ଇମେନ୍‌ସିପେସନ୍ ଟ୍ରେନିଙ୍ଗ୍ ଆଣ୍ଡ ଆକ୍‌ସନ୍ ଅଫ୍ ୱିମେନ୍' (ଜିତା)୧୯୯୪ ମସିହାରୁ ଓଡ଼ିଶାର ଅନଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ଗ୍ରାମଗୁଡ଼ିକରେ ଜନସଚେତନତାମୂଳକ କାର୍ଯ୍ୟ ଚଳାଇ ଆସିଛି। ନାରୀ ସଶକ୍ତୀକରଣ, ଜୀବିକା ଓ ଖାଦ୍ୟ ନିରାପତ୍ତା, ଜଳ, ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ଏବଂ ଶିଶୁ ଅଧିକାର ଭଳି କ୍ଷେତ୍ରରେ 'ଜିତା' ମୁଖ୍ୟତଃ ଧ୍ୟାନ ଦେଇଥାଏ। ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ହେଉଛି 'ଜିତା'ର ଅନ୍ୟତମ ପ୍ରମୁଖ ଉପକ୍ରମ। 'ଜିତା' ଇଂଲଣ୍ଡର 'ଗ୍ଲୋବାଲ୍ ଗ୍ରିନ୍ ଗ୍ରାଣ୍ଟ୍ସ୍ ଫଣ୍ଡ' (ଜିଜିଏଫ୍) ସହାୟତାରେ 'ଜଙ୍ଗଲ ସାଥୀ' ଓ 'ୱାଇଲ୍‌ଡ୍‌ଲାଇଫ୍ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ' ସହାୟତାରେ 'ଜଙ୍ଗଲ ମିତ୍ର' କାର୍ଯ୍ୟକ୍ରମ ଚଳାଇଛି। ଏହି ସଂଗଠନ ସହ ଜଡ଼ିତ ଯୁବକର୍ମୀ ଜଙ୍ଗଲ, ଜୈବ-ପରିବେଶ ସୁରକ୍ଷା ସାଙ୍ଗକୁ ହାତୀ, ହରିଣ ଓ ପକ୍ଷୀ ସୁରକ୍ଷା କ୍ଷେତ୍ରରେ ଅଂଶଗ୍ରହଣ କରନ୍ତି। ସେମାନେ ଜଳ ଅମଳ ସଂରଚନା ପୁନରୁଦ୍ଧାରରେ ବି ସକ୍ରିୟ। ଏହା ବ୍ୟତିରେକେ, ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଜନସଚେତନା ପ୍ରସାର କରୁଥିବା 'ଜିତା' ୨୦୦୪ ମସିହାରୁ ମହିଳା ଚାଷୀଙ୍କ ସହ ଜୈବିକ କୃଷି କାର୍ଯ୍ୟକ୍ରମ ବି କରିଆସୁଛି। ଦେଶୀ ବିହନ ଚାଷ ଓ ତାହାର ସଂରକ୍ଷଣ ଏହାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ। 'ଜିତା'ର ସଂପାଦିକା ଅନୁପମା କଲମ୍ବୋରେ ଅନୁଷ୍ଠିତ 'ଅନ୍ତର୍ଜାତୀୟ ୱାଟର କଂଗ୍ରେସ'ରେ ଯୋଗ ଦେଇ ଦେବଗଡ଼ ଜିଲ୍ଲାରେ ଜଳ ସଂରକ୍ଷଣ ତଥା ସ୍ୱଚ୍ଛତା ପ୍ରସାରର ଅନୁଭୂତି ଉପସ୍ଥାପନା କରିଥିଲେ। 'ଇଣ୍ଟରନେସ୍‌ନାଲ୍ ୱାଟର୍ ଆସୋସିଏସନ୍'ର ସଭ୍ୟା ଭାବେ ସେ ବିଭିନ୍ନ ସମୟରେ ଜଳ ସମସ୍ୟା ଓ ତା'ର ସଂରକ୍ଷଣ ଉପରେ ମତାମତ ରଖୁଛନ୍ତି। ସଂଗଠନର ଜଙ୍ଗଲ ସାଥୀ ସ୍ୱେଚ୍ଛାସେବୀମାନେ ବନ ବିଭାଗ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରନ୍ତି। ପାଲଲହଡ଼ାର ଆଠଟି ଗ୍ରାମରେ ଜଳ ସଂରକ୍ଷଣ, ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା, ଘରଚଟିଆ ସଂରକ୍ଷଣ, ଜୈବିକ କୃଷି ପ୍ରଭୃତି କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ଅନୁପମା ରାଉତ ପ୍ରକାଶ କରିଛନ୍ତି।




# ରାଜସ୍ଥାନରେ ହଜିଯାଉଛି ମରୁଭୂମି !

ରାଜସ୍ଥାନରେ ପ୍ରବଳ ବୃଷ୍ଟିପାତ ସ୍ୱାଭାବିକ ଜୀବନଯାତ୍ରାକୁ ଦୁର୍ବିଷହ କରିଦେଇଛି। ଉକ୍ତ ରାଜ୍ୟରେ ସ୍ୱାଭାବିକ ଅପେକ୍ଷା ୩୯ ପ୍ରତିଶତ ଅଧିକ ବର୍ଷା ହୋଇଛି। ଉଲ୍ଲେଖନୀୟ ଯେ, ଏହାର ଶୁଷ୍କତର ପଶ୍ଚିମ ଭାଗରେ ପୂର୍ବାପେକ୍ଷା ୫୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର ବିଷୟ, ଥର୍ ମରୁଭୂମି ଅଞ୍ଚଳରେ ଆସୁଥିବା ଜୈସଲମେର ଜିଲ୍ଲାରେ ରେକର୍ଡ ପରିମାଣର ବର୍ଷା ହୋଇଛି। ଫଳରେ ଦେଶର ସପ୍ତମ ଶୁଷ୍କତମ ଜିଲ୍ଲା ଭାବେ ପରିଗଣିତ ଏହି ଜିଲ୍ଲା ଏବେ ଦେଶର ଅଷ୍ଟମ ଆର୍ଦ୍ରତମ ଜିଲ୍ଲାରେ ପରିଣତ ହୋଇଯାଇଛି।

ସମଗ୍ର ଉତ୍ତର ଭାରତରେ ଉତ୍ତରାଖଣ୍ଡର ବାଗେଶ୍ୱର ପରେ ଜୈସଲମେର ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ ହୋଇଛି। ସୂଚନାଯୋଗ୍ୟ, ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ପ୍ରଭାବରେ କାର୍ଗିଲ ଓ ଲେହର ଶୀତଳ ମରୁଭୂମି ଅଞ୍ଚଳ ଓ ତାମିଲନାଡୁର ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ଅପେକ୍ଷା ବି ଜୈସଲମେରରେ କମ୍ ବର୍ଷା ହୋଇଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ କାରଣରୁ ସେଠାରେ ସ୍ୱାଭାବିକ ଅପେକ୍ଷା ୧୩୪ ପ୍ରତିଶତ ଅଧିକ ବର୍ଷା ହୋଇଛି। ଏହି ସମୟ ଭିତରେ ପ୍ରତିବର୍ଷ ଏଠାରେ ହାରାହାରି ୧୧୦.୮ ମି.ମି. ବର୍ଷା ହେଉଥିବା ବେଳେ ଏବର୍ଷ ତାହାର ପରିମାଣ ହେଉଛି ୨୫୯.୯ ମି.ମି.। ଏବର୍ଷ ଏଠାରେ ଏତେ ଭୀଷଣ ବର୍ଷା ହୋଇଛି ଯେ ଜୈସଲମେରର ଅନ୍ୟତମ ବୈଶିଷ୍ଟ୍ୟ ଭାବେ ପରିଗଣିତ ସୋନାର ଦୁର୍ଗର କାନ୍ଥ ଭୁଶୁଡ଼ି ପଡ଼ିଛି। ରାଜସ୍ଥାନର ତିନିଟି ଜିଲ୍ଲାର ୧,୧୯,୮୮୬ ବର୍ଗ କି.ମି. ପରିମିତ ଅଞ୍ଚଳକୁ ନେଇ ଥର୍ ମରୁଭୂମି ଗଠିତ। ମାତ୍ର ଏହାର ପ୍ରାୟ ଏକ-ତୃତୀୟାଂଶ ଜୈସଲମେର ଜିଲ୍ଲାରେ ରହିଛି। ଅନ୍ୟ ଜିଲ୍ଲା ତୁଳନାରେ ଜୈସଲମେରରେ ପ୍ରତିବର୍ଷ କମ୍ ବର୍ଷା ହେଉଥିବା ବେଳେ ୨୦୧୫ ମସିହାରୁ ସେଠାରେ ପ୍ରତିବର୍ଷ ଲଗାତାର ଅଧିକ ବର୍ଷା ହୋଇଚାଲିଛି। ଏପରିକି ରାଜସ୍ଥାନର ମରୁ ଅଞ୍ଚଳରେ ୨୦୧୬ ମସିହାରେ ପ୍ରଥମ ଥର ପାଇଁ ବନ୍ୟା ଦେଖାଯାଇଥିଲା। ଫଳସ୍ୱରୂପ ସେଠାକାର ମରୁ ଇଲାକା ଏବେ ସବୁଜିମାରେ ଭରିଯାଇଛି।



# ବିହନ ସଂଗ୍ରହ ଓ ଉତ୍ପାଦନର ସାଥୀ ହର୍ଷିତା

ପରିବେଶ ଯୋଦ୍ଧା





ପିଲାମାନଙ୍କୁ ସଞ୍ଚୟ କରିବାକୁ ଶିଖାଯାଏ। ବିଭିନ୍ନ କଥା ସଂଗ୍ରହ କରିବା ବି ଏକ ଭଲ ଅଭ୍ୟାସ ବୋଲି କୁହାଯାଏ। ଗୁରୁଜନଙ୍କ ଏହି ପରାମର୍ଶକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି କୋରାପୁଟ ଜିଲ୍ଲା ଜୟପୁରର ଅଷ୍ଟମ ଶ୍ରେଣୀର ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି। ପାରମ୍ପରିକ ଧାନ ଓ ମିଲେଟ୍‌ଜାତୀୟ ଶସ୍ୟକୁ ସଂଗ୍ରହ କରି ଆଗାମୀ ସମୟ ପାଇଁ ସଂରକ୍ଷିତ କରି ରଖିବାର ଗୁରୁଦାୟିତ୍ୱ ତୁଲାଉଛନ୍ତି। ପିଲାବେଳୁ ବିଭିନ୍ନ ଦେଶରେ ପ୍ରଚଳିତ ମୁଦ୍ରା ସଂଗ୍ରହ କରିବାର ପ୍ରକ୍ରିୟା ଜାରିରଖି ଏପର୍ଯ୍ୟନ୍ତ ହର୍ଷିତା ଦୁଇ ହଜାରରୁ ଅଧିକ ମୁଦ୍ରା ସଂଗ୍ରହ କରିସାରିଛନ୍ତି। ସେହିପରି ଧାନର ଉତ୍ପତ୍ତିସ୍ଥଳୀ ଓ ମାଣ୍ଡିଆ ଭଳି ବିଭିନ୍ନ ମିଲେଟ୍ ଜାତୀୟ ଶସ୍ୟର ଗନ୍ତାଘର ଭାବେ ପରିଚିତ କୋରାପୁଟ ଜିଲ୍ଲାରେ ପାରମ୍ପରିକ ବିହନ ସଂରକ୍ଷଣ କ୍ଷେତ୍ରରେ ସେ ଅନେକ ଖ୍ୟାତି ଅର୍ଜନ କରିଛନ୍ତି। ପାଠପଢ଼ାରୁ ସମୟ ବାହାର କରି ଛୁଟି ଦିନରେ ବାପାଙ୍କ ସହ ହର୍ଷିତା ଗାଁଗଣ୍ଡାରେ ଚାଷୀଙ୍କ ନିକଟକୁ ଯାଉଥିଲେ। ସେମାନେ କରୁଥିବା ବିବିଧ ଚାଷ ପ୍ରଣାଳୀ ଏବଂ ସେମାନେ ବ୍ୟବହାର କରୁଥିବା ପାରମ୍ପରିକ ଧାନ, ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ୍ ଜାତୀୟ ଫସଲର ବିହନ ସମ୍ପର୍କରେ ପଚାରି ବୁଝିବା ଆରମ୍ଭ କରିଥିଲେ। ସେହି ଚାଷୀଙ୍କଠାରୁ ପାରମ୍ପରିକ ବିହନ ସଂଗ୍ରହ କରି ସେ ନିଜ ଘରେ ଛୋଟ ଛୋଟ ଡବା ଓ ପ୍ୟାକେଟ୍‌ରେ ଭର୍ତ୍ତି କରି ସାଇତି ରଖିଛନ୍ତି। ନିଜ ସଂରକ୍ଷଣ ପ୍ରଣାଳୀ ପାଇଁ ଗବେଷଣାଗାର ଆବଶ୍ୟକତାକୁ ପୂରଣ କରିବା ପରେ ସେଥିମଧ୍ୟରୁ ବଳକା ରହିଯାଇଥିବା ବିହନକୁ ଅନ୍ୟ ଚାଷୀଙ୍କୁ ହର୍ଷିତା ବାଣ୍ଟି ଦିଅନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ହର୍ଷିତା ପ୍ରାୟ ୧୮୦ ପ୍ରକାରର ପାରମ୍ପରିକ ଧାନ, ୮୦ କିସମର ମାଣ୍ଡିଆ, ୭ କିସମର ସୁଆଁ ଓ ଅନ୍ୟାନ୍ୟ ମିଲେଟ୍ ଜାତୀୟ ଶସ୍ୟର ପାରମ୍ପରିକ ବିହନ ସଂରକ୍ଷଣ କରିପାରିଛନ୍ତି। 'ପ୍ରୋଜେକ୍ଟ ହର୍ଷିତା' ଜରିଆରେ ସେ ଏହି ବ୍ୟାଙ୍କ୍‌ରୁ ୨୦୨୩ ମସିହାରେ ୨୦ ଓ ୨୦୨୪ ମସିହାରେ ୬୦ ଜଣ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦେଇଛନ୍ତି। ସେ ପ୍ରତ୍ୟେକଙ୍କୁ ୨ କେଜି ଲେଖାଏଁ ଦେଶୀ ବିହନ ଦେଉଥିବା ବେଳେ ଅମଳ ପରେ ଚାଷୀ ବିହନ ବ୍ୟାଙ୍କ୍‌କୁ ୪ କେଜି ଲେଖାଏଁ ବିହନ ଫେରାଇଥା'ନ୍ତି, ଯାହାକୁ ଆଗାମୀ ବର୍ଷରେ ଅନ୍ୟ ଅଞ୍ଚଳର ଚାଷୀଙ୍କୁ ପ୍ରଦାନ କରାଯାଉଛି। ସେମାନେ ବିନା ଦେୟରେ ତାହା ନେଇ ଅମଳ ପରେ ୨ ଗୁଣ ବିହନ ବ୍ୟାଙ୍କ୍‌କୁ ଫେରାଉଛନ୍ତି। ଆଗାମୀ ୫ ବର୍ଷରେ 'ପ୍ରୋଜେକ୍ଟ ହର୍ଷିତା' ଜରିଆରେ ୧୦୦୦ ଜଣ ଚାଷୀଙ୍କୁ ସ୍ୱଦେଶୀ ବିହନ ପ୍ରଦାନ କରି ଜୈବିକ ପ୍ରଣାଳୀରେ ଚାଷ କରିବାକୁ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ସେ ଯୋଜନା ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବିହନ ସଂରକ୍ଷଣ, ଜୈବିକ କୃଷି, ବିହନ ଉତ୍ପାଦନ, ବ୍ୟାପକ ଚାଷ, ସୁସ୍ଥ ଖାଦ୍ୟ ଓ ସୁସ୍ଥ ଜୀବନରେ ଅଭିବୃଦ୍ଧି ହେବ। ଭବିଷ୍ୟତରେ ଜଣେ ସାମାଜିକ ବିଜ୍ଞାନୀ ହୋଇ କୋରାପୁଟ ଅଞ୍ଚଳର କୃଷି ଉପରେ ଅଧିକ ଗବେଷଣା କରିବା ତାଙ୍କର ଲକ୍ଷ୍ୟ ବୋଲି ହର୍ଷିତା କହିଛନ୍ତି।